ଜାତକ

ଶୁଦ୍ଧିବୋଧକ,
ନୂଆ ଆଦର୍ଶ ଗଳ୍ପବନ୍ଧୁ, ସତ୍ୟବୀର, ଭକ୍ତବୀର,
ଶ୍ରଦ୍ଧାବୀର, ଖନା, ଗଳ୍ପରହସ୍ୟ, ହାସତରଙ୍ଗ ଓ ଉପନିଷଦ୍
ଗଳ୍ପ ପ୍ରସୂନର ପ୍ରଣେତା ପୁରୀ ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ହେଡ୍‌ପଣ୍ଡିତ

ଶ୍ରୀ ଜଗନ୍ନାଥ ରଥ, କାବ୍ୟତୀର୍ଥ ବିଦ୍ୟାଭୂଷଣ—
ପ୍ରଣୀତ ।

ପ୍ରକାଶକ—
ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ

(ପ୍ରଥମ ସଂସ୍କରଣ)
୧୯୫୨

ମୂଲ୍ୟ ୧୷ ।   ଏକ ଟଙ୍କା ଚାରିଅଣା ମାତ୍ର

Digitized by srujanika@gmail.com

ଉତ୍ସର୍ଗ

ମାନ୍ୟବର ଉତ୍କଳ ଶିକ୍ଷାସଚିବ ପଣ୍ଡିତ ଶ୍ରୀ ଲିଙ୍ଗରାଜ ମିଶ୍ର ଏମ୍. ଏ.
ମହୋଦୟଙ୍କ   ମହନୀୟ ଚରଣେଷୁ

ସାଦର ନିବେଦନଂ

ଲୋକପୂଜ୍ୟ ଶ୍ରୀମନ୍ ମହୋଦୟ !

ଅସ୍ମମାନଙ୍କ ସୌଭାଗ୍ୟରୁ ଆପଣ ଉତ୍କଳ-ଶିକ୍ଷାତରୀର ମୁଖ୍ୟ କର୍ଣ୍ଣଧାରରୂପେ ନିର୍ବାଚିତ ହୋଇ ଗଭୀର ଜ୍ଞାନ-ସମୁଦ୍ରରେ ତାହାର ଯେଉଁ ସୁପରିଚାଳନା କରୁଅଛନ୍ତି, ତନ୍ନିମନ୍ତେ ଦେଶବାସୀ ଯେ ଚିରକୃତଜ୍ଞ, ଏହା କହିବା ବାହୁଲ୍ୟ-ମାତ୍ର । ମୁଁ ସେହି କୃତଜ୍ଞତାର ପ୍ରେରଣାରେ ଉତ୍କଳରେ ଅପ୍ରକାଶିତ "ବୋଧିସତ୍ତ୍ୱଙ୍କର" ଜନ୍ମଜନ୍ମାନ୍ତରୀଣ ଅହିଂସାପରିପୂରିତ କତିପୟ ଚରିତସମାବେଶରେ ସଙ୍କଳିତ ଏହି ଜାତକ ପୁସ୍ତକ ଶ୍ରଦ୍ଧାଭକ୍ତି-ସହକାରେ ଆପଣଙ୍କ କରକମଳରେ ଅର୍ପଣ କରୁଅଛି । ତାହା ଆପଣଙ୍କ ପବିତ୍ର କରସ୍ପର୍ଶରେ ପରିପୂତ ହୋଇ ଦେଶବାସୀଙ୍କର ଉପକାର କରି ପାରିଲେ ଚରିତାର୍ଥ ହେବ । ଇତି ।

ତା ୫ । ୩ । ୧୯୪୯

ପ୍ରଣତ
—ପ୍ରଣେତା

Digitized by srujanika@gmail.com

ଅବତରଣିକା

ଅହିଂସାଦେବତା ମହାତ୍ମା ବୁଦ୍ଧଦେବ ସର୍ବଜନ ସୁବିଦିତ। କିନ୍ତୁ ବୋଧିସତ୍ତ୍ୱ ଯେ ଗୌତମ ବୁଦ୍ଧରୂପରେ ଜନ୍ମପରିଗ୍ରହ କରିବା ପୂର୍ବରୁ ନାନା ଯୋନିରେ ଜନ୍ମଜନ୍ମାନ୍ତର ଗ୍ରହଣ କରିଥିଲେ, ଏହା ଅନେକଙ୍କୁ ଅବିଦିତ। ଅହିଂସାର ପ୍ରଚାର ଏବଂ ଲୋକଶିକ୍ଷା ପାଇଁ ଯେ ବୋଧିସତ୍ତ୍ୱଙ୍କର ନାନା ଜନ୍ମଗ୍ରହଣ, ଏହା କହିବା ବାହୁଲ୍ୟ ମାତ୍ର।

ବୋଧିସତ୍ତ୍ୱଙ୍କର ପ୍ରତ୍ୟେକ ଜନ୍ମରେ ଯେଉଁ ସବୁ ମହନୀୟ ଘଟନା ଘଟି ଯାଇଅଛି, ସେ ସମସ୍ତ ପାଲିଭାଷାରେ ଲିଖିତ ଏବଂ ଜାତକନାମରେ ଅଭିହିତ। ଉକ୍ତ ଜାତକ ବିରାଟ୍ ଏବଂ ତହିଁରେ ପ୍ରାୟ ସହସ୍ର ପରିମିତ ଉପାଖ୍ୟାନ ପରିଲକ୍ଷିତ ହୁଏ। ପ୍ରତ୍ୟେକ ଉପାଖ୍ୟାନ ପୁଣି କୌତୁକପୂର୍ଣ୍ଣ ଏବଂ ଅହିଂସା ନୀତି ଯୋଗୁଁ ଉପାଦେୟ।

ସ୍ୱର୍ଗତ ବଙ୍ଗୀୟ ଈଶାନଚନ୍ଦ୍ର ଘୋଷ ପାଲିଭାଷାରୁ ନିଜ ମାତୃଭାଷାରେ ତାହାର ଅନୁବାଦ କରିଯାଇ ଅଛନ୍ତି, ମାତ୍ର ତାହା ଅପୂର୍ଣ୍ଣ। ତଥାପି ପ୍ରକାଶିତ ଅଂଶ ବିଶାଳ।

ଆମ୍ଭମାନଙ୍କ ଉତ୍କଳରେ ଅନେକ ଲୋକ ପ୍ରୋକ୍ତ ଜାତକର ନାମ ସୁଦ୍ଧା ଜାଣନ୍ତି ନାହିଁ। ସେପରି ଗ୍ରନ୍ଥର ପ୍ରକାଶ ଯେ ଦେଶ ପକ୍ଷରେ କଲ୍ୟାଣକର, ଏଥିରେ ସନ୍ଦେହ ନାହିଁ। ମାତ୍ର ଅଦ୍ୟାପି ଆମ ଦେଶରେ ତହିଁର ଅଭାବ ପରିଲକ୍ଷିତ ହୁଏ।

ସୁତରାଂ ଦେଶରେ ଶିକ୍ଷାର ପ୍ରଚାର ଏବଂ ପ୍ରସାର ନିମନ୍ତେ ସର୍ବଦା ତତ୍ପର ପୁରୀ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ଗିରିଜାଶଙ୍କର ରାୟ, ଏମ୍. ଏ., ବି. ଏଲ୍. ମହୋଦୟ ଓଡ଼ିଆ ଭାଷାରେ ଉକ୍ତ ଜାତକ ପ୍ରକାଶର ଆବଶ୍ୟକତା ଉପଲବ୍ଧି କରି ତହିଁର ଅନୁବାଦ ନିମନ୍ତେ ମୋତେ ବାରମ୍ବାର ଆଗ୍ରହ-

Digitized by srujanika@gmail.com

ପୂର୍ଣ୍ଣ ପ୍ରେରଣା ଦେବାରେ, ମୁଁ ସେ ମହୋଦୟଙ୍କ ନିକଟରେ ଚିରକୃତଜ୍ଞ ରହି ସେହି ବର୍ଗୀୟ ଜାତକରୁ କତିପୟ ନିର୍ବାଚିତ ଉପାଖ୍ୟାନ ଯୋଗେ ସଙ୍କଳିତ ଏହି ଜାତକ ପ୍ରକାଶ କଲି ।

ଏହା ଦ୍ୱାରା ଲୋକସାଧାରଣଙ୍କର କିଞ୍ଚିତ୍ ଉପକାର ସାଧିତ ହୋଇ ପାରିଲେ ଶ୍ରମ ସାର୍ଥକ ହେବ । ଇତି ।

—ପ୍ରଣେତା

Digitized by srujanika@gmail.com

ସୂଚୀ ପତ୍ର

ବିଷୟ		ପୃଷ୍ଠା
୧ । ବୃକ୍ଷକ ଶ୍ରେଷ୍ଠି ଜାତକ		୧
୨ । ମୁନିକ ଜାତକ		୧୪
୩ । ନୃତ୍ୟ ଜାତକ	...	୧୬
୪ । କପୋତ ଜାତକ	...	୧୮
୫ । ବାରୁଣୀ ଜାତକ	...	୨୨
୬ । ଦୁର୍ମେଧା ଜାତକ		୨୪
୭ । ସତ୍ୟଂ କିଳ ଜାତକ		୨୭
୮ । ଇଲ୍ଲୀଶ ଜାତକ		୩୫
୯ । ଭୀମସେନ ଜାତକ	...	୪୩
୧୦ । କୁହକ ଜାତକ	...	୪୯
୧୧ । ମାଂସ ଜାତକ	...	୫୩
୧୨ । ଦଦ୍ଦର ଜାତକ		୫୭
୧୩ । ସୁଜାତ ଜାତକ	...	୬୨
୧୪ । ଉରଗ ଜାତକ	....	୬୫
୧୫ । କଲ୍ପସୁମୁଣ୍ଡି ଜାତକ	...	୭୦
୧୬ । ସୋମଦତ୍ତ ଜାତକ	...	୭୨
୧୭ । କଚ୍ଛପ ଜାତକ	...	୭୭
୧୮ । ଶଳମୁଣ୍ଡି ଜାତକ	...	୭୯
୧୯ । ଶୁକ ଜାତକ	...	୮୭
୨୦ । ଆରମଦୂସ୍ ଜାତକ	...	୮୮
୨୧ । ମଣିସୂକର ଜାତକ	...	୯୦
୨୨ । ନାମସିଦ୍ଧିକ ଜାତକ		୯୨
୨୩ । ବଡ଼ କିଏ ?		୯୫

ଜାତକ

ଚୁଲ୍ଲକଶ୍ରେଷ୍ଠି ଜାତକ

ରାଜଗୃହ ସେ କାଳରେ ସମୃଦ୍ଧିଶାଳୀ ନଗର ଥିଲା । ସେଥିରେ ବହୁ ଧନୀ ସୌଦାଗର ବାସ କରୁଥିଲେ । ଜଣେ ଅତି ଧନଶାଳୀ ସୌଦାଗରର ଗୋଟିଏ ମାତ୍ର ପରମା ସୁନ୍ଦରୀ କନ୍ୟା ଥିଲା । ସେ ଆଶୈଶବ ରାଜକନ୍ୟା ପରି ଲାଳିତ ପାଳିତ ହୋଇଥିଲା । ଯୌବନାରମ୍ଭ ହେବାରୁ ତାହାର ସୌନ୍ଦର୍ଯ୍ୟ କ୍ରମଶଃ ଫୁଟି ଉଠିଲା । ସୌଦାଗର-କନ୍ୟା ଶୈଶବରୁ ଦୁଃଖ କଣ, କେବେ ହେଲେ ଜାଣି ନ ଥିଲା । ସେ ସୁଖରେ ଏବଂ ଭୋଗ ବିଳାସରେ ବଢ଼ିଥିଲା । ଲୋକ ଦରିଦ୍ର ହେଲେ ସୁଦ୍ଧା ଯୌବନରେ ଭୋଗ କରିବାକୁ ଅଧୀର ହୋଇପଡ଼େ । ସୁତରାଂ ବିଶାଳ ଧନରାଶି ମଧ୍ୟରେ ଲାଳିତ ପାଳିତ ସୌଦାଗରକନ୍ୟାର ଭୋଗ କରିବାକୁ ଇଚ୍ଛା ହେବା ସ୍ୱାଭାବିକ ।

ସେହି ସୌଦାଗରର ଗୃହରେ ଗୋଟିଏ ଭୃତ୍ୟ ଥିଲା । ସେ ବାଲ୍ୟକାଳରୁ ସେଠାରେ ଭୃତ୍ୟବୃତ୍ତି କରି ଆସିଛି । ପରିବାରର କର୍ତ୍ତା ଏବଂ କର୍ତ୍ତ୍ରୀ ତାହାକୁ ପୁତ୍ରବତ୍ ସ୍ନେହ ଏବଂ ବିଶ୍ୱାସ ମଧ୍ୟ କରନ୍ତି । ସେ ଭୃତ୍ୟ ମଧ୍ୟ ଯଥା ସମୟରେ ଯୌବନରେ ପଦାର୍ପଣ କଲା । ଯେତେ କୁତ୍ସିତ ହେଉ ପଛକେ ପ୍ରାଣୀ ମାନଙ୍କେ ଯୌବନରେ ଅପେକ୍ଷାକୃତ ରମଣୀୟ ରୂପ ଲାଭ କରନ୍ତି । ଭୃତ୍ୟଟି ପୁଣି ଜନ୍ମରୁ କୁତ୍ସିତ ନୁହେ । ତାହାର ଶରୀର ସୁଗଠିତ ଏବଂ ସୁଶ୍ରୀ । ଯୌବନୋଦୟ ହେବାରୁ ତାହାର ସୌନ୍ଦର୍ଯ୍ୟ ବଢ଼ିଗଲା ଏବଂ ମନରେ ଭୋଗସ୍ପୃହା ମଧ୍ୟ ଜାତ ହେଲା ।

ଯୁବକ ଯୁବତୀ ଏକତ୍ର ସଂଯତ ରହିବା କ୍ୱଚିତ୍ ଦେଖାଯାଏ । ଦୈବାତ୍ ଶ୍ରେଷ୍ଠିକନ୍ୟାର ଯୁବକଭୃତ୍ୟଉପରେ ପ୍ରେମଦୃଷ୍ଟି ପଡ଼ିଲା ।

Digitized by srujanika@gmail.com

ଯୁବକ ଭୃତ୍ୟର ମଧ୍ୟ ତାହା ପ୍ରତି ଅନୁରାଗ ଜାତ ହେଲା । ଉଭୟ ଏହିପରି ପ୍ରୀତିସୂତ୍ରରେ ଆବଦ୍ଧ ହେଲେ । ପରିଣାମରେ ଉଭୟଙ୍କ ମଧ୍ୟରେ ଗୁପ୍ତ ପ୍ରଣୟ ମଧ୍ୟ ସଙ୍ଘଟିତ ହେଲା ।

ଉଭୟଙ୍କ ମଧ୍ୟରେ ପ୍ରଣୟ ଦୃଢ଼ୀଭୂତ ହେବାରୁ ଦିନେ ଶ୍ରେଷ୍ଠିକନ୍ୟା ତାହାର ପ୍ରଣୟୀ ଭୃତ୍ୟକୁ କହିଲା—ଦେଖ, ଆମର ପ୍ରଣୟସୂତ୍ର ଆଉ ଛିନ୍ନ ହେବ ନାହିଁ । କିନ୍ତୁ ଏହା ପ୍ରକାଶିତ ହେଲେ ପିତାମାତାଙ୍କର ବିଷଚକ୍ଷୁରେ ପଡ଼ିବାକୁ ହେବ ଏବଂ ଜ୍ଞାତିକୁଟୁମ୍ବଙ୍କଠାରୁ ନିର୍ଯ୍ୟାତନା ସହିବାକୁ ହେବ । ସୁତରାଂ ଅତିଶୀଘ୍ର ଏ ସ୍ଥାନରୁ ବିଦାୟ ନେଇ ଦୂରବର୍ତ୍ତୀ କୌଣସି ସ୍ଥାନରେ ଆଶ୍ରୟ ନେବା ସର୍ବଥା ଉଚିତ । ଏଥିରେ ପ୍ରଣୟୀ ଭୃତ୍ୟ ଅଙ୍ଗୀକାର କରିବାରୁ ଦୁହେଁ ନିଜ ନିଜର ବସ୍ତ୍ରାଳଙ୍କାର ସବୁ ସଂଗ୍ରହ କରି ଗୋପନୀୟ ଭାବରେ ପଳାଇ ଯାଇ କୌଣସି ଗୋପନୀୟ ସ୍ଥାନରେ ଆଶ୍ରୟ ଗ୍ରହଣ କଲେ ।

କିୟତ୍କାଳ ପରେ ଶ୍ରେଷ୍ଠିକନ୍ୟାର ଗର୍ଭୋଦୟ ହେଲା । ପ୍ରସବକାଳ ଉପସ୍ଥିତ ହେବାରୁ ସେ ତାହାର ସ୍ୱାମୀକୁ କହିଲା—ଦେଖ, ପ୍ରସବ ସମୟ ଅତି ନିକଟବର୍ତ୍ତୀ, ଏଠାରେ ଆମର କେହି ଆତ୍ମୀୟ ସ୍ୱଜନ ନାହାନ୍ତି, କାହାରି ସାହାଯ୍ୟ ନ ନେଇ ଏଥିରୁ ଉଦ୍ଧାର ପାଇବା କଷ୍ଟକର । ସୁତରାଂ ପିତାଳୟକୁ ଯାଇ ସେଠାରେ ଆଶ୍ରୟ ଗ୍ରହଣ କରିବା ଉଚିତ । ଭୃତ୍ୟସ୍ୱାମୀ ଏଥିରେ ସାହସୀ ହୋଇ ପାରିଲା ନାହିଁ । ସୁତରାଂ ଆଜି ଯିବା, କାଲି ଯିବା କହି ଦିନ କଟାଇବାକୁ ଲାଗିଲା । ଶ୍ରେଷ୍ଠିକନ୍ୟା ଦଣ୍ଡଭୟ ଯୋଗୁଁ ସ୍ୱାମୀର ପିତାଳୟ ଯିବା ଅନିଚ୍ଛା ବୁଝି ପାରି ସ୍ୱାମୀର ଅଜ୍ଞାତରେ ନିଜେ ଯିବାକୁ ସଙ୍କଳ୍ପ କଲା । ସେ ଭାବିଲା—ପିତାମାତା ଦଣ୍ଡ ଦିଅନ୍ତୁ ପଛକେ ତାଙ୍କ ଛଡ଼ା ଜଗତରେ ମୋର ପରମ ଆତ୍ମୀୟ ଆଉ କିଏ ଅଛି ? ସୁତରାଂ ଯାହା ହେଉ, ମୁଁ ଅବଶ୍ୟ ଯିବି, ଏହା ସ୍ଥିର କରି ଦିନେ ସ୍ୱାମୀର ଅନୁପସ୍ଥିତରେ ଗୃହର ଧନ ଦ୍ରବ୍ୟ ସାଇତି ରଖି ପ୍ରତିବେଶୀମାନଙ୍କୁ ନିଜର ପିତାଳୟ ଯିବା କଥା କହି ସେ ସ୍ଥାନ ତ୍ୟାଗ କଲା ।

Digitized by srujanika@gmail.com

କିଛି ସମୟ ପରେ ସ୍ୱାମୀ କାର୍ଯ୍ୟରୁ ଫେରିଆସି ଦେଖେ ତ ତାହାର ସ୍ତ୍ରୀ ଘରେ ନାହିଁ, ସେ କେଉଁଆଡ଼େ ନିରୁଦ୍ଦିଷ୍ଟ। ପରେ ପ୍ରତିବେଶୀମାନଙ୍କଠାରୁ ସମ୍ବାଦ ପାଇ ବ୍ୟସ୍ତ ବ୍ୟାକୁଳ ହୋଇ ତାହାର ଅନୁଗମନ କଲା! ବଡ଼ ଅଦ୍ଭୁତ କଥା—ସ୍ୱାମୀ ତାହାର ନିକଟରେ ଉପସ୍ଥିତ ହେଲା ମାତ୍ରକେ ସେହି ପଥ ମଧ୍ୟରେ ବିନା ବେଦନାରେ ତାହାର ଗୋଟିଏ ପୁତ୍ରସନ୍ତାନ ଜାତ ହେଲା। ପତିପତ୍ନୀ ଦୁହେଁ ପୁତ୍ରମୁଖ ଦର୍ଶନ କରି ଅବର୍ଣ୍ଣ୍ୟ ଆନନ୍ଦ ଲାଭ କଲେ ଏବଂ ପ୍ରସବବେଦନାରୁ ଉଦ୍ଧାର ପାଇବାରୁ ଆଉ ପିତାଳୟ ନ ଯାଇ ନିଜ ବାସସ୍ଥାନକୁ ଫେରି ଆସିଲେ। ପୁତ୍ରଟି ପନ୍ଥାରେ ପ୍ରସୂତ ହୋଇଥିବାରୁ ତାହାର ନାମ ପନ୍ଥକ ରଖାଗଲା।

ଏହାର କେତେକାଳ ପରେ ଶ୍ରେଷ୍ଠିକନ୍ୟାର ଦ୍ୱିତୀୟ ଗର୍ଭାବସ୍ଥା ଉପସ୍ଥିତ ହେଲା। ସେ ସେହିପରି ପ୍ରସବ ସମୟ ଆସନ୍ନ ହେବାରୁ ପିତୃଗୃହକୁ ଯାତ୍ରା କଲା। ବଡ଼ ଆଶ୍ଚର୍ଯ୍ୟର ବିଷୟ—ପିତାଳୟରେ ଉପସ୍ଥିତ ନ ହେଉଣୁ ପୂର୍ବ ପରି ମାର୍ଗମଧ୍ୟରେ ଆହୁରି ଗୋଟିଏ ପୁତ୍ର ସନ୍ତାନ ହେଲା; ସୁତରାଂ ସେ ଦୁହେଁ ନିଜ ବାସସ୍ଥାନକୁ ଫେରି ଆସିଲେ। ଦ୍ୱିତୀୟ ପୁତ୍ରଟି ସେହିପରି ପନ୍ଥାରେ ପ୍ରସୂତ ହୋଇଥିବାରୁ ତାହାର ନାମ ମଧ୍ୟ ପନ୍ଥକ ହେଲା। କେବଳ ପ୍ରଭେଦ ବୁଝିବା ନିମନ୍ତେ ଲୋକେ ପ୍ରଥମ ପୁତ୍ରକୁ ମହାପନ୍ଥକ ଏବଂ ଦ୍ୱିତୀୟ ପୁତ୍ରକୁ ଚୁଲ୍ଲ (କ୍ଷୁଦ୍ର) ପନ୍ଥକ ବୋଲି ଡାକୁଥିଲେ।

ପନ୍ଥକଦ୍ୱୟ କ୍ରମଶଃ ବୟଃପ୍ରାପ୍ତ ହେଲେ। ବାଳକ ଦୁହେଁ ସ୍ଥାନୀୟ ବାଳକ ବାଳିକାମାନଙ୍କ ସହିତ କ୍ରୀଡ଼ାକୌତୁକରେ ଯୋଗ ଦେବାରେ କାହାରି ଆପତ୍ତି ନ ଥିଲା। ତାଙ୍କର ସଙ୍ଗୀମାନେ ପିତା ମାତା ଛଡ଼ା କକା, ଦାଦା, ବଡ଼ମା, ଖୁଡ଼ୀମା ପ୍ରଭୃତି ଆତ୍ମୀୟଙ୍କ ଠାରୁ ସ୍ନେହ ସୁଖ ପାଉଥିଲେ। ଏହା ଦେଖି ଚୁଲ୍ଲକ ଭ୍ରାତୃଦ୍ୱୟ ଦିନେ ମାଙ୍କୁ ପଚାରିଲେ—ମା, ସମସ୍ତଙ୍କର ତ କକା, ଦାଦା, ବୁଢ଼ୀମା, ଖୁଡ଼ୀମା କେତେ ଜଣ ଆତ୍ମୀୟ ଅଛନ୍ତି, ଆମର କଣ ସେହି ପରି କେହି ନାହିଁ? ମା କହିଲେ—ନାହାନ୍ତି କାହିଁକି? ତୁମର ମଧ୍ୟ ସେହିପରି ଅନେକ ଅଛନ୍ତି। ତୁମର ମାତାମହ ରାଜଗୃହ ନଗରର ଜଣେ ଶ୍ରେଷ୍ଠ ଧନଶାଳୀ ବଣିକ। ତାହାଙ୍କର

Digitized by srujanika@gmail.com

ପରିବାରରେ ଅନେକ ଲୋକ ଅଛନ୍ତି। ସେ ସମସ୍ତେ ତୁମ ଦୁହିଙ୍କର ଅପ୍ରିୟ। ଏହା ଶୁଣି ସେ ବାଳକ ଦୁହେଁ ମାତାମହଙ୍କ ଗୃହକୁ ଯିବାକୁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କଲେ। ମା ସେଠାକୁ ନଯିବା ଅଭିପ୍ରାୟରେ ପୁତ୍ର ଦୁହିଙ୍କୁ ବହୁତ ବୁଝାଇଲେ। ମାତ୍ର ତାହିଁରେ କିଛି ନ ହେବାରୁ ପିତ୍ରାଳୟକୁ ସପରିବାରରେ ଯିବା ନିମନ୍ତେ ସେ ସ୍ୱାମୀଙ୍କୁ ଅନୁରୋଧ କଲେ। କିନ୍ତୁ ସ୍ୱାମୀ ଲଜ୍ଜା ଏବଂ ଭୟ ଯୋଗୁଁ ସେଠାକୁ ଯିବାକୁ ପ୍ରଥମେ ଅସ୍ୱୀକାର କଲେ। ମାତ୍ର ସେଥିରେ କିଛି ନ ହେବାରୁ ପରିଶେଷରେ ରାଜଗୃହ ଯିବାକୁ ବାଧ୍ୟ ହେଲେ।

ଶ୍ରେଷ୍ଠି କନ୍ୟା ପତିପୁତ୍ର ସହିତ ରାଜଗୃହ ଯାତ୍ରା କଲେ। କିନ୍ତୁ ପିତ୍ରାଳୟକୁ ଯିବାକୁ ସାହସ ନ କରି ନଗରପ୍ରାନ୍ତସ୍ଥ କୌଣସି ଲୋକର ଗୃହରେ ଆଶ୍ରୟ ଗ୍ରହଣ କଲେ। ଭୃତ୍ୟପତି ପୁତ୍ର ଦୁହିଙ୍କୁ ଶ୍ରେଷ୍ଠିଗୃହକୁ ନେଇ ଯିବାକୁ ଅସ୍ୱୀକୃତ ହେବାରୁ ଶ୍ରେଷ୍ଠି କନ୍ୟା କୌଣସି ଲୋକ ସହିତ ପୁତ୍ର ଦୁହିଙ୍କୁ ପିତାଙ୍କ ନିକଟକୁ ପ୍ରେରଣ କରି ନିଜର ଆଗମନବାର୍ତ୍ତା ଜଣାଇ ପଠାଇଲେ।

ଶ୍ରେଷ୍ଠୀ ବାର୍ତ୍ତାବହଠାରୁ କନ୍ୟା ଏବଂ ଜାମାତାର ଆଗମନବାର୍ତ୍ତା ଶୁଣି ଦୀର୍ଘ ନିଃଶ୍ୱାସ ପକାଇ କହିଲେ—ପୁତ୍ର କନ୍ୟା କେଉଁ ପିତା ମାତାର ପ୍ରୀତିପାତ୍ର ନୁହନ୍ତି ? କିନ୍ତୁ ମୋର କନ୍ୟା ଏବଂ ତାହାର ସ୍ୱାମୀ ଅତି ଗୁରୁତର ଦୁଷ୍କର୍ମ କରିଅଛନ୍ତି; ସୁତରାଂ ସେ ଦୁହିଙ୍କର ମୁଖ-ଦର୍ଶନ କରିବା ମୋର ଅନ୍ତରର ଇଚ୍ଛା ନୁହେ। ମାତ୍ର ଏହି ନିରୀହ ସୁକୁମାର ବାଳକ ଦୁଇଟିକୁ ରଖିବାରେ ମୋର ତିଳେ ମାତ୍ର ଆପତ୍ତି ନାହିଁ। ଏହା କହି ଉକ୍ତ ଦୌହିତ୍ର ଦ୍ୱୟଙ୍କୁ ନିଜ ଗୃହରେ ରଖି କିଛି ଧନ ସେହି ଦୂତ ହାତରେ ଦେଇ କହିଲେ—ଏହି ଧନ ସାହାଯ୍ୟରେ ସେ ଦୁହେଁ ଅନ୍ୟତ୍ର ଶୀଘ୍ର ଚାଲିଯାନ୍ତୁ, ଆଉ ଏଠାରେ ରହି ମୋର ବେଦନା ବୃଦ୍ଧି କରିବା ଆଦୌ ଉଚିତ ନୁହେ। ପତିପତ୍ନୀ ଦୁହେଁ ପିତୃପ୍ରେରିତ ଧନ ଗ୍ରହଣ କରି ଅନ୍ୟତ୍ର ଯାତ୍ରା କଲେ ଏବଂ ପୁତ୍ରଦ୍ୱୟ ମାତାମହଙ୍କ ଗୃହରେ ଲାଳିତ ପାଳିତ ହେଲେ।

Digitized by srujanika@gmail.com

ପନ୍ଥକ ଦୁହିଙ୍କର ବୃଦ୍ଧ ମାତାମହ ପ୍ରତ୍ୟହ ଧର୍ମକଥା ଶୁଣିବାକୁ ଦଶବଳଙ୍କ ନିକଟକୁ ଯାନ୍ତି । ଦୌହିତ୍ର ମହାପନ୍ଥକ ମଧ ମାତାମହଙ୍କ ସହିତ ଯାଇ ଧର୍ମକଥା ଶୁଣେ । ନିୟମିତ ଭାବରେ ଧର୍ମକଥା ଶୁଣିବାରେ ତାହାର ମନରେ ସନ୍ୟାସ କରିବାକୁ ଅଭିଳାଷ ଜାତ ହେଲା । ବୃଦ୍ଧ ମାତାମହ ସେଥିରେ ଆନନ୍ଦରେ ସମ୍ମତ ହୋଇ ସନ୍ୟାସ ନିମନ୍ତେ ଦୌହିତ୍ରକୁ ଶାସ୍ତାଙ୍କ ନିକଟକୁ ଘେନି ଗଲେ ।

ଧର୍ମଗୁରୁ ଶାସ୍ତା ସନ୍ୟାସ ଦୀକ୍ଷା ଦେବା ନିମନ୍ତେ ମହାପନ୍ଥକକୁ ଜଣେ ବୃଦ୍ଧ ଯତିଙ୍କ ହସ୍ତରେ ସମର୍ପଣ କଲେ । ସେହି ଶ୍ରଦ୍ଧାଳୁ ବାଳକ ଦୀକ୍ଷା ଗ୍ରହଣ କରି କ୍ରମଶଃ ବହୁ ବୁଦ୍ଧବଚନ ଶିକ୍ଷା କଲେ ଏବଂ ସେହି ଶିକ୍ଷା-ବଳରେ ମହାମହିମାନ୍ୱିତ ହେଲେ ।

ମହାପନ୍ଥକ ଧ୍ୟାନସୁଖ ଏବଂ ମାର୍ଗସୁଖ ଅନୁଭବ କରି ନିଜର କନିଷ୍ଠ ଭ୍ରାତା ଚୁଲ୍ଲ ପନ୍ଥକକୁ ମଧ ସେହି ପନ୍ଥାକୁ ଅନୁସରଣ କରିବାକୁ ଆଗ୍ରହାନ୍ୱିତ ହୋଇ ପଡ଼ିଲେ । ତତ୍ପରେ ସେ ମାତାମହଙ୍କ ଅନୁମତି ଲାଭ କରି ଚୁଲ୍ଲ ପନ୍ଥକକୁ ସନ୍ୟାସଦୀକ୍ଷା ଦେଇ ଦାନଶୀଳ ଶିକ୍ଷା ଦେଲେ ।

କିନ୍ତୁ ସନ୍ୟାସ ଲାଭ କରିବା ପରେ ଚୁଲ୍ଲ ପନ୍ଥକର ବୁଦ୍ଧିର ଜଡ଼ତା ପ୍ରକାଶିତ ହେଲା । ସେ କ୍ରମାଗତ ଚାରିମାସ ଯତ୍ନ କରି ସୁଦ୍ଧା ନିମ୍ନଲିଖିତ ଗୋଟିଏ ମାତ୍ର ଗାଥା ମୁଖସ୍ଥ କରି ପାରିଲା ନାହିଁ ।

ଅନାଘ୍ରାତ ଗନ୍ଧ ଯଥା ପ୍ରଫୁଲ୍ଲ କମଳ,
ପ୍ରଭାତେ ତଡ଼ାଗବକ୍ଷେ ହୁଏ ଢଳଢଳ ।
କିମ୍ବା ଅନ୍ତରୀକ୍ଷେ ଯଥା ଶୋଭାର ଆକର,
ବିତରେ ସହସ୍ରରଶ୍ମି ଦେବ ଦିବାକର ।
ତେସନ ହେ ଜ୍ୟୋତିର୍ମୟ ଭବ-କର୍ଣ୍ଣଧାର,
ଉଜ୍ଜ୍ୱଳନ୍ତ ଦଶଦିଗ ପ୍ରଭାରେ ନିଜର ।

କଥିତ ଅଛି—ପୂର୍ବ ଜନ୍ମରେ ମହାଜ୍ଞାନୀ କଶ୍ୟପଙ୍କ ସମୟରେ ଏହି ଚୁଲ୍ଲ ପନ୍ଥକ ସନ୍ୟାସ ଗ୍ରହଣ କରି ପ୍ରଜ୍ଞାବାନ୍ ହୋଇଥିଲେ । କିନ୍ତୁ ଦିନେ

Digitized by srujanika@gmail.com

କୌଣସି ଜଡ଼ବୁଦ୍ଧି ଭିକ୍ଷୁକଙ୍କୁ ଧର୍ମଶାସ୍ତ୍ରର କିୟଦଂଶ ମୁଖସ୍ଥ କରିବାର ଦେଖି ସେ ତାହାଙ୍କୁ ଉପହାସ କଲେ । ସୁତରାଂ ସେ ଭିକ୍ଷୁକ ଲଜ୍ଜିତ ହୋଇ ଉକ୍ତ ଅଭ୍ୟାସରୁ ନିବୃତ୍ତ ହେବାକୁ ବାଧ୍ୟ ହୋଇଥିଲେ । ଏହି ଅପକର୍ମ ଫଳରୁ ଇହଜନ୍ମରେ ଚୁଲ୍ଲପନ୍ଥକ ଏପରି ଜଡ଼ବୁଦ୍ଧି ହୋଇ ପଡ଼ିଲେ ଯେ ଗୋଟିଏ ନୂତନ ପଂକ୍ତି ଅଭ୍ୟାସ କରୁ କରୁ ପୂର୍ବ ପଂକ୍ତି ବିସ୍ମୃତ ହୋଇ ଯାନ୍ତି । ଏଣୁ ଚାରି ମାସରେ ସୁଦ୍ଧା ସେ ଗୋଟିଏ ମାତ୍ର ଗାଥା ମୁଖସ୍ଥ କରିବାକୁ ସମର୍ଥ ହୋଇ ପାରିଲେ ନାହିଁ ।

ମହାପନ୍ଥକ ଚୁଲ୍ଲପନ୍ଥକର ଏତାଦୃଶ ବିସ୍ମୃତଦଶା ଦେଖି ନିରାଶ ହୋଇ କହିଲେ—ଭାଇ ତୁମେ ବୁଦ୍ଧଶାସନର ଅଧିକାର ଲାଭ କରି ପାରିବ ନାହିଁ । ସୁତରାଂ ଏ ପବିତ୍ର ବିହାର ପରିତ୍ୟାଗ କରି ଗୃହକୁ ଯାଇ ସ୍ୱଧର୍ମ ପାଳନ କର । କିନ୍ତୁ ଚୁଲ୍ଲପନ୍ଥକ ବୁଦ୍ଧଶାସନ ପ୍ରତି ଏପରି ଅନୁରକ୍ତ ହୋଇଥିଲେ ଯେ ବଡ଼ ଭାଇଙ୍କର ନିର୍ବନ୍ଧକରଣରେ ସୁଦ୍ଧା ଗୃହକୁ ଯିବାକୁ ଇଚ୍ଛା କଲେ ନାହିଁ ।

ଏହିପରି ଅବସ୍ଥାରେ ଭିକ୍ଷୁମାନଙ୍କ ଖାଦ୍ୟ ବଣ୍ଟନଭାର ମହାପନ୍ଥକଙ୍କ ଉପରେ ନ୍ୟସ୍ତ ହେଲା । ଦିନେ ଜୀବକ ନାମକ ଜନୈକ କୁମାରଭୃତ୍ୟ ବୌଦ୍ଧଗୁରୁ ଶାସ୍ତାଙ୍କ ନିକଟରେ ଉପସ୍ଥିତ ହୋଇ ତାହାଙ୍କୁ ଗନ୍ଧ ମାଲ୍ୟ ପ୍ରଭୃତିରେ ଅର୍ଚ୍ଚନା କରି ତାହାଙ୍କଠାରୁ ବହୁତ ଧର୍ମୋପଦେଶ ଶ୍ରବଣ କଲେ । ତତ୍ପରେ ସେ ମହାପନ୍ଥକଙ୍କ ନିକଟକୁ ଯାଇ ବିନୀତ ଭାବରେ ନିବେଦନ କଲେ—ମହାଶୟ ! ବର୍ତ୍ତମାନ ପୂଜ୍ୟପାଦ ଶାସ୍ତାଙ୍କ ନିକଟରେ କେତେଜଣ ଭିକ୍ଷୁ ବାସ କରନ୍ତି ? ମହାପନ୍ଥକ କହିଲେ ପଞ୍ଚ ଶହ । ଜୀବକ ପୁଣି ନିବେଦନ କଲେ—ଆସନ୍ତା କାଲି ଗୁରୁଦେବ ଶାସ୍ତାଙ୍କ ସହିତ ଉକ୍ତ ପାଞ୍ଚ ଶତ ଭିକ୍ଷୁ ମୋହର କୁଟୀରରେ ଭୋଜନ କରିବାକୁ ମୁଁ ନିମନ୍ତ୍ରଣ କରୁଅଛି । ଆପଣ ଏହାର ବିହିତ ବ୍ୟବସ୍ଥା କରିଦେଲେ ମୁଁ ଚରିତାର୍ଥ ହେବି । ମହାପନ୍ଥକ କହିଲେ—ଉକ୍ତ ପାଞ୍ଚଶତ ଭିକ୍ଷୁଙ୍କ ମଧ୍ୟରେ ଜଣେ ଭିକ୍ଷୁ ନିତାନ୍ତ ଜଡ଼ବୁଦ୍ଧି । ସେ ସେହି ବୁଦ୍ଧି ଯୋଗୁଁ ଧର୍ମମାର୍ଗରେ

Digitized by srujanika@gmail.com

ଅଗ୍ରସର ହୋଇ ପାରୁ ନାହାନ୍ତି । ଏଣୁ ମୁଁ ତାହାଙ୍କ ବ୍ୟତୀତ ଅନ୍ୟାନ୍ୟଙ୍କ ନିମନ୍ତେ ନିମନ୍ତ୍ରଣ ଗ୍ରହଣ କଲି ।

ଚୂଲ୍ଲ ପନ୍ଥକଙ୍କୁ ନିମନ୍ତ୍ରଣରୁ ରହିତ କରିବାରେ ସେ ବୁଝିଲେ—ବଡ଼ଭାଇ ତା ପ୍ରତି ସ୍ନେହ ମମତା ଶୂନ୍ୟ । ସୁତରାଂ ମର୍ଯ୍ୟାଦାହୀନ ବୌଦ୍ଧ-ସଂଘରେ ବା ପ୍ରୟୋଜନ ? ଅତଏବ ଆଶ୍ରମ ତ୍ୟାଗ କରି ଗାର୍ହସ୍ଥ୍ୟ କରିବା ଉଚିତ ମନେ ଭାବି ସେ ଯେତେବେଳେ କୁଟୀର ତ୍ୟାଗ କରି ଗୃହୀ ହେବା ଉଦ୍ଦେଶ୍ୟରେ ଯାତ୍ରା କଲେ, ସେତେବେଳେ ଦୈବାତ୍ ଧର୍ମଗୁରୁ ଶାସ୍ତା ତାଙ୍କୁ ଦେଖି ପାରିଥିଲେ ଏବଂ ତାହାଙ୍କୁ କୁଟୀରତ୍ୟାଗର କାରଣ ପଚାରିଥିଲେ । ସେ ଉଲ୍ଲିଖିତ କାରଣ କହିବାରୁ ଗୁରୁଦେବ କହିଲେ—ଦେଖ, ମୁଁ ତୁମ୍ଭକୁ ଦୀକ୍ଷା ଦେଇଅଛି, ତୁମ୍ଭର ବଡ଼ଭାଇ ତୁମକୁ ନିର୍ଗତ କଲେ ବୋଲି ମୋତେ ନ ଜଣାଇ ଏ ସ୍ଥାନ ତ୍ୟାଗ କରିବା ତୁମର ଉଚିତ ନୁହେ । ସେ ଏହା କହି ତାହାଙ୍କୁ ସଙ୍ଗରେ ନେଇ ନିଜ ପ୍ରଭାବରେ ପରିଶୁଦ୍ଧ ଖଣ୍ଡିଏ ବସ୍ତ୍ର ଦେଇ କହିଲେ—ତୁମ୍ଭେ ପୂର୍ବମୁଖ ହୋଇ 'ରଜୋହରଣ', 'ରଜୋହରଣ' ଏହି ମନ୍ତ୍ର ଜପ କରି କରି ଏହି ବସ୍ତ୍ର ସ୍ୱହସ୍ତରେ ପରିମାର୍ଜ୍ଜନ କର ।

ଚୂଲ୍ଲପନ୍ଥକ ଗୁରୁଙ୍କର ଆଦେଶ ଅନୁସାରେ ବସ୍ତ୍ର ପରିମାର୍ଜ୍ଜନ କଲେ । କିନ୍ତୁ ତାହା କ୍ରମଶଃ ମଳିନ ହେବାକୁ ଲାଗିଲା । ସେ ସେହି ପରିଶୁଦ୍ଧ ନିର୍ମଳ ବସ୍ତ୍ର ଖଣ୍ଡି ମଳିନ ହେବାର ଦେଖି ବୁଝିଲେ—ଜଗତରେ ପ୍ରତ୍ୟେକ ମିଶ୍ରିତ ପଦାର୍ଥ ଏହିପରି ଅନିତ୍ୟ ଏବଂ ପ୍ରତ୍ୟେକ ପଦାର୍ଥ କ୍ଷୟଶୀଳ । ଶାସ୍ତା ଚୂଲ୍ଲଙ୍କର ଉକ୍ତ ଜ୍ଞାନଲାଭ ହେବାର ଦେଖି ପ୍ରଭାମୟ ମୂର୍ତ୍ତି ଧାରଣ-ପୂର୍ବକ କହିଲେ—ଚୂଲ୍ଲପନ୍ଥକ ! ଯେପରି ମଳ ସଂସର୍ଗରେ ନିର୍ମଳ ବସ୍ତ୍ର ମଳିନ ହେଲା, ସେହିପରି କାମ, କ୍ରୋଧ, ମୋହ ପ୍ରଭୃତିର ସଂସର୍ଗରେ ତୁମର ହୃଦୟ କଳୁଷିତ ହୋଇଅଛି । ତାହା ଦୂର କରି ପାରିଲେ ତୁମର ଆଉ ନୈରାଶ୍ୟ ରହିବ ନାହିଁ ।

ଶାସ୍ତାଙ୍କର ଉଲ୍ଲିଖିତ ଉପଦେଶ ଯୋଗେ ଚୂଲ୍ଲପନ୍ଥକଙ୍କର ଶୀଘ୍ରେ ଜ୍ଞାନଲାଭ ହେଲା । କଥିତ ଅଛି ସେ ପୂର୍ବେ କୌଣସି ଜନ୍ମରେ ଜଣେ

Digitized by srujanika@gmail.com

ରଚ୍ଛା ଥିଲେ । ଏବେ ସେ ଖଣ୍ଡିଏ ପରିଷ୍କୃତ ବସ୍ତ୍ରରେ ଦେହ ପୋଛୁବାରେ ବସ୍ତ୍ରଖଣ୍ଡ ମଳିନ ହୋଇଗଲା । ଏହା ଦେଖି ସେ ଭାବିଲେ, ମୋହର ଅପବିତ୍ର ଦେହ ସ୍ପର୍ଶ ଯୋଗୁଁ ଶୁଭ୍ର ବସ୍ତ୍ରର ଏପରି ଦୁର୍ଦ୍ଦଶା ହୋଇଅଛି । ଏହିପରି ଜଗତର ପ୍ରତ୍ୟେକ ଯୌଗିକ ପଦାର୍ଥ ଅନିତ୍ୟ ଅଟେ । ଏହି ପ୍ରକାରେ ତାହାଙ୍କ ମନରେ ଅନିତ୍ୟତା ଜ୍ଞାନ ଦୃଢ଼ୀଭୂତ ହୋଇଥିଲା । ବର୍ତ୍ତମାନ ସେହି ସଂସ୍କାରଫଳରେ ତାହାଙ୍କ ମନରୁ ଅପବିତ୍ରତା ଦୂର ହେଲା । ତେଣୁ ମୁକ୍ତିର ପଥ ତାହାଙ୍କ ପକ୍ଷରେ ସୁଗମ ହୋଇଗଲା ।

ତେବେଶେ ଭିକ୍ଷୁଗଣ ସମବେତ ହେବାରୁ ଜୀବକ ଦଶବଳଙ୍କୁ ଭୋଜ୍ୟ-ଦ୍ରବ୍ୟ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ହେଲେ । କିନ୍ତୁ ଶାସ୍ତା ତାହା ବନ୍ଦ କରି ପଚାରିଲେ—ବିହାରର ସମସ୍ତ ଭିକ୍ଷୁ ଆସି ଅଛନ୍ତି ତ ? ମହାପନ୍ଥକ କହିଲେ—ସମସ୍ତେ ଆସି ଅଛନ୍ତି, ସେଠାରେ ଆଉ କେହି ଭିକ୍ଷୁ ନାହାନ୍ତି । ଶାସ୍ତା କହିଲେ—ଏଥିରେ ମୋର ସନ୍ଦେହ ହେଉଅଛି ; ସୁତରାଂ କୌମାର ଭୃତ୍ୟ ଯାଇ ଦେଖି ଆସୁ ।

ଏଣେ ବେଳକୁ ଚୂଲ୍ଲପନ୍ଥକ ଜ୍ଞାନୀ ହୋଇ ସାରିଛନ୍ତି । ସେ ମହାପନ୍ଥଙ୍କର କଥାକୁ ମିଥ୍ୟା ପ୍ରମାଣ କରିବା ଉଦ୍ଦେଶ୍ୟରେ ନିଜର ପ୍ରଭାବରେ ସେହି ଆଶ୍ରମକୁ ଭିକ୍ଷୁପରିପୂର୍ଣ୍ଣ କଲେ । ମାୟାଭିକ୍ଷୁମାନେ ସେହି ତପୋବନରେ ନାନା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି, ଏମନ୍ତ ସମୟରେ କୌମାର ଭୃତ୍ୟ ସେଠାରେ ଉପସ୍ଥିତ ହୋଇ ଦେଖିଲା—ସମସ୍ତ ଉଦ୍ୟାନ ଭିକ୍ଷୁ ପରିପୂର୍ଣ୍ଣ । ସେ ଫେରି ଯାଇ ଶାସ୍ତାଙ୍କୁ ଏହି କଥା ଜଣାଇଲା । ଶାସ୍ତା କହିଲେ—ତୁମେ ବର୍ତ୍ତମାନ ପୁଣି ଯାଇ କେବଳ ଚୂଲ୍ଲପନ୍ଥକଙ୍କୁ ଡାକି ଆଣ । ଭୃତ୍ୟ ତଦନୁସାରେ ଯାଇ ଚୂଲ୍ଲପନ୍ଥକଙ୍କୁ ଡାକିବାରେ ସମସ୍ତେ କହିଲେ—ମୁଁ ଚୂଲ୍ଲପନ୍ଥକ । ସେ ଏଥିରେ ବିସ୍ମିତ ହୋଇ ଫେରିଯାଇ ଶାସ୍ତାଙ୍କୁ ଜଣାଇବାରେ ଶାସ୍ତା କହିଲେ—ତୁମ୍ଭେ ପୁଣି ଯାଇ ସେଠାରେ ଚୂଲ୍ଲପନ୍ଥକଙ୍କୁ ଡାକ ! ତୁମ ଡାକରେ ଯେ କହିବ ମୁଁ ଚୂଲ୍ଲପନ୍ଥକ, ତାହାଙ୍କୁ ହିଁ ଡାକି ଆଣିବ । ସେ ସେହିପରି କରି ଚୂଲ୍ଲପନ୍ଥକଙ୍କୁ ଡାକି ଆଣିଲା । ତତ୍ପରେ ମାୟାଭିକ୍ଷୁମାନେ ଅନ୍ତର୍ହିତ ହୋଇଗଲେ ।

Digitized by srujanika@gmail.com

ଉପସ୍ଥିତ ଭିକ୍ଷୁଗଣ ଜୀବକଙ୍କର ନାନା ସୁସ୍ୱାଦ ମେଧ ସାମଗ୍ରୀ ଭୋଜନ କରି ପରମ ପରିତୋଷ ଲାଭ କଲେ । ବୌଦ୍ଧମାନଙ୍କର ଭିକ୍ଷା ପରେ ଭୋଜ୍ୟ ବ୍ୟବସ୍ଥାର ଭଲ ମନ୍ଦ ଫଳାଫଳ ସେମାନଙ୍କ ମଧ୍ୟରୁ କେହି ଜଣେ ବିଶିଷ୍ଟ ଭିକ୍ଷୁ ସଭାମଧ୍ୟରେ ପ୍ରକାଶ କରନ୍ତି । ଶାସ୍ତା ଉକ୍ତ ମନ୍ତବ୍ୟର ଭାର ଚୂଲ୍ଲପନ୍ଥକଙ୍କ ଉପରେ ନ୍ୟସ୍ତ କଲେ । ଏତଦ୍ଦ୍ୱାରା ଭିକ୍ଷୁ ସମ୍ପ୍ରଦାୟ ମଧ୍ୟରେ ତାହାଙ୍କର ବୈଶିଷ୍ଟ୍ୟ ଦୃଢ଼ୀଭୂତ ହେଲା ।

ଯେଉଁ ଚୂଲ୍ଲପନ୍ଥକ ଦୀର୍ଘ ଚାରି ମାସରେ ସୁଦ୍ଧା ଗୋଟିଏ ମାତ୍ର ଗାଥା ମୁଖସ୍ଥ କରିବାକୁ ଅକ୍ଷମ ହୋଇଥିଲେ ଏବଂ ସେହି ଦୋଷରୁ ବଡ଼ଭାଇ ମହାପନ୍ଥକଙ୍କ ଦ୍ୱାରା ଭିକ୍ଷୁସମ୍ପ୍ରଦାୟମଧ୍ୟରୁ ବିଦାୟ ନେବାକୁ ବାଧ ହୋଇଥିଲେ, ସେହି ଚୂଲ୍ଲପନ୍ଥକ ପୁଣି ଅତ୍ୟଳ୍ପ ସମୟ ମଧ୍ୟରେ ଶାସ୍ତାଙ୍କର ଅଲୌକିକ ପ୍ରଭାବରୁ ସକଳ ପ୍ରକାର ଜ୍ଞାନର ଅଧିକାରୀ ହୋଇ ଭିକ୍ଷୁ-ସମାଜରେ ଅଗ୍ରାସନ ଲାଭ କରି ପାରିଲେ । ଧନ୍ୟ ଶାସ୍ତାଙ୍କର ମହିମା !

ଭିକ୍ଷୁଗଣ ଶାସ୍ତାଙ୍କର ଏହି ଅସାଧାରଣ ମହିମା ଅନୁଭବ କରି ତାହାଙ୍କର ଗୁଣ କୀର୍ତ୍ତନ କରିବାକୁ ଲାଗିଲେ ।

ଗୁରୁଙ୍କ ମହିମା କଳି ନୁହେ କେବେ,
ଗୁରୁ କର୍ଣ୍ଣଧାର ତାରନ୍ତି ଏ ଭବେ ।
ରଖିଲେ ବିଶ୍ୱାସ ପାଳିଲେ ଆଦେଶ,
ପଙ୍ଗୁ ସୁଦ୍ଧା ଗିରି ଲଙ୍ଘଇ ଅବଶ୍ୟ ।

(ଚୂଲ୍ଲପନ୍ଥକଙ୍କର ପୂର୍ବ ଜନ୍ମ ବୃତ୍ତାନ୍ତ)

ପୂର୍ବ କାଳରେ ବାରାଣସୀ ନଗରୀରେ ବ୍ରହ୍ମଦତ୍ତ ନାମରେ ଜଣେ ରାଜା ଥିଲେ । ତାହାଙ୍କ ରାଜତ୍ୱକାଳରେ ବୋଧିସତ୍ତ୍ୱ କୌଣସି ଶ୍ରେଷ୍ଠି-କୁଳରେ ଜନ୍ମଗ୍ରହଣ କରିଥିଲେ ଏବଂ ବୟଃପ୍ରାପ୍ତି ସମୟରେ ସେ ଚୂଲ୍ଲ-ଶ୍ରେଷ୍ଠୀ ନାମରେ ସର୍ବତ୍ର ବିଖ୍ୟାତ ହୋଇଥିଲେ । ସେ ଅତ୍ୟନ୍ତ ବିଦ୍ୱାନ୍

Digitized by srujanika@gmail.com

ଏବଂ ବୁଦ୍ଧିମାନ୍ ଥିଲେ । ଶକୁନ ଦେଖି ଶୁଭାଶୁଭ ନିର୍ଣ୍ଣୟ କରିବାରେ ତାହାଙ୍କର ଅତ୍ୟନ୍ତ ଦକ୍ଷତା ଥିଲା ।

ଏକଦା ବୋଧିସତ୍ତ୍ୱ ଚୂଲଶ୍ରେଷ୍ଠୀ ରାଜଦର୍ଶନ ନିମନ୍ତେ ରାଜପ୍ରାସାଦକୁ ଯାଉ ଯାଉ ମାର୍ଗରେ ଗୋଟିଏ ମୃତ ମୂଷିକ ଦେଖି କହିଲେ—ଯଦି କୌଣସି ବୁଦ୍ଧିମାନ୍ କୁଳୀନ ବ୍ୟକ୍ତି ଏହି ମୃତ ମଷିକ ଯୋଗେ ବ୍ୟବସାୟ କରେ, ତାହା ହେଲେ ସେ ନିଶ୍ଚୟ ପରିବାରପୋଷଣ ନିମନ୍ତେ ସମର୍ଥ ହୋଇ ପାରିବ ।

କୌଣସି କୁଳୀନ ନିଃସ୍ୱ ଯୁବକ ବୋଧିସତ୍ତ୍ୱଙ୍କର ଉଲ୍ଲିଖିତ କଥା ଶୁଣି ନିଜର ଭାଗ୍ୟ ପରୀକ୍ଷା କରିବା ନିମନ୍ତେ ଉକ୍ତ ମୃତ ମୂଷିକଟି ସଂଗ୍ରହ କଲା । ସେ ତାହା ନେଇ ନିକଟବର୍ତ୍ତୀ କୌଣସି ଦୋକାନଦାରକୁ ତାହାର ବିଡ଼ାଲର ଆହାର ନିମନ୍ତେ ଦେଇ ତାହାଠାରୁ ସାମାନ୍ୟ ଗୁଡ଼ ମୂଷିକର ମୂଲ୍ୟ ସ୍ୱରୂପେ ଗ୍ରହଣ କଲା । ତତ୍ପରେ ସେହି ଯୁବକ ସେହି ଗୁଡ଼ ଏବଂ କିଛି ପାନୀୟ ଜଳ ନେଇ ମାର୍ଗରେ କୌଣସି ନିର୍ଜ୍ଜନ ସ୍ଥାନରେ ବସି ରହିଲା । ମାଳୀମାନେ ବନରୁ ନାନା ସୁଗନ୍ଧ ପୁଷ୍ପ ସଂଗ୍ରହ କରି ସେହି ମାର୍ଗଦେଇ ଫେରନ୍ତି । ଯୁବକ ମାଳୀମାନଙ୍କୁ କ୍ଳାନ୍ତ ଏବଂ ତୃଷାର୍ତ୍ତ ଦେଖି ପ୍ରତ୍ୟେକକୁ ସାମାନ୍ୟ ଗୁଡ଼ ସହ ଆବଶ୍ୟକ ପାନୀୟ ଜଳ ପାନ କରିବାକୁ ଦେଲା । କ୍ଳାନ୍ତ ମାଳାକାରମାନେ ସେଥିରେ ତୃପ୍ତ ହୋଇ ଯୁବକକୁ ମୁଠିଏ ମୁଠିଏ ଫୁଲ ଦେଇଗଲେ । ସେ ସେହି ସବୁ ଫୁଲ ବିକ୍ରୟ କରି ତତ୍ପର ଦିନ ବିକ୍ରୟଲବ୍ଧ ଧନରେ ଅଧିକ ଗୁଡ଼ କିଣି ପୂର୍ବପରି ପୁଣି ସେହି ମାର୍ଗରେ ବସି ରହିଲା । ସେ ଦିନ ମାଳାକାରମାନେ ଅଧିକ ପରିମାଣରେ ଗୁଡ଼ ଖାଇବାକୁ ପାଇ ଅଧିକ ସନ୍ତୁଷ୍ଟ ହୋଇ ଯୁବକକୁ ଫୁଲ ପରିବର୍ତ୍ତରେ କେତେ ଗୁଡ଼ିଏ ପୁଷ୍ପିତ ଫୁଲଗଛ ଦେଇଗଲେ । ଯୁବକ ସେହି ଫୁଲ-ଗଛ ଗୁଡ଼ିକ ବିକ୍ରୟ କରି ଅଧିକ ଲାଭବାନ୍ ହେଲା । ସେ ପ୍ରତିଦିନ ଏହିପରି ଗୁଡ଼ ଦେଇ ଫୁଲଗଛ ଆଣି ବିକିବାରେ ତାହାଠାରେ କିଛି ଧନ ସଞ୍ଚିତ ହୋଇଗଲା ।

Digitized by srujanika@gmail.com

ଦିନେ ଦୈବାତ୍ ପ୍ରବଳ ବାତ୍ୟା ହେବାରୁ ରାଜାଙ୍କ ବଗିଚାରେ ବହୁତ ଗଛର ଗୁଡ଼ାଏ ଡାଳ ଭାଙ୍ଗି ପଡ଼ିଲା । ଗୁଡ଼ାଏ ଡାଳପତ୍ର ଜମା ହେବାରୁ ବଗିଚା ମାଳୀ ଏକାକୀ ତାହା ସଫା କରି ନ ପାରି ଚିନ୍ତିତ ହୋଇ ପଡ଼ିଲା । ଦୈବାତ୍ ସେହି ଯୁବକ ସହିତ ମାଳୀର ସାକ୍ଷାତ ହେବାରୁ ମାଳୀ ଯୁବକକୁ ନିଜର ଚିନ୍ତାର କାରଣ ଜଣାଇଲା । ଯୁବକ କହିଲା—ଯେବେ ମୋତେ ବିନା ମୂଲ୍ୟରେ ଭାଙ୍ଗି ପଡ଼ିଥିବା ସମସ୍ତ ଡାଳପତ୍ର ଛାଡ଼ିଦେବ, ତେବେ ମୁଁ ଅଳ୍ପ ସମୟ ମଧ୍ୟରେ ଏହି ବଗିଚା ସଫା କରିଦେବି । ମାଳୀ ଏଥିରେ ସମ୍ମତ ହେବାରୁ ଯୁବକ ପିଲ୍ଲମାନଙ୍କ ଖେଳସ୍ଥାନକୁ ଯାଇ ପ୍ରତ୍ୟେକଙ୍କୁ କିଛି କିଛି ଗୁଡ଼ ଖାଇବାକୁ ଦେଇ କହିଲା—ପିଲ୍ଲମାନେ ! ତୁମେ ସବୁ ଯଦି ରାଜାଙ୍କ ବଗିଚାରୁ ଡାଳପତ୍ର ଗୁଡ଼ିକ ପରିଷ୍କାର କରି ଦେବ, ତେବେ ମୁଁ ତୁମ୍ଭମାନଙ୍କୁ ଆହୁରି ଅଧିକ ଗୁଡ଼ ଖାଇବାକୁ ଦେବି । ପିଲ୍ଲମାନେ ଗୁଡ଼ ଲୋଭରେ ଅତି ଆନନ୍ଦରେ ଅତ୍ୟଳ୍ପ କାଳ ମଧ୍ୟରେ ସେହି ଡାଳପତ୍ର ସବୁ ମାର୍ଗର କୌଣସି ସ୍ଥାନରେ ଗଦା କରିଦେଲେ ।

ଦୈବାତ୍ ସେ ଦିନ ରାଜାଙ୍କ କୁମ୍ଭକାରର କାଠର ଅତ୍ୟନ୍ତ ଅଭାବ ହୋଇଥିଲା । ସେ ସନ୍ଧାନ ପାଇ ସେହି ଡାଳପତ୍ର ଗଦାର ମାଲିକ ଯୁବକ ନିକଟକୁ ଯାଇ ବହୁମୂଲ୍ୟ ଦେଇ ସେ ସମସ୍ତ କିଣିନେଲା ।

ଉକ୍ତ ଉପାୟରେ ଯୁବକଠାରେ ଗୁଡ଼ାଏ ଧନ ହେବାରୁ ସେ ତାହାକୁ ଆହୁରି ବଢ଼ାଇବା ନିମନ୍ତେ ପୁଣି ଗୋଟିଏ ଉପାୟ ଚିନ୍ତା କଲା । ସେତେବେଳେ ସେଠାରେ ପାଞ୍ଚଶହ ଘାସିଆ ଘାସ ବ୍ୟବସାୟ କରୁଥିଲେ । ସେହି ଯୁବକ ଘାସିଆମାନଙ୍କର ଘାସ ନେଇ ଆସୁଥିବା ବାଟ ଜଗି ବସିଲା । ସେ ସେହି କ୍ଳାନ୍ତ ଘାସିଆମାନଙ୍କୁ ଗୁଡ଼ ଏବଂ ଜଳ ପାନ କରିବାକୁ ଦେବାରୁ ସେମାନେ ସନ୍ତୁଷ୍ଟ ହୋଇ ତାହାର ଉପକାର କରିବାକୁ କହିଲେ । ଯୁବକ କହିଲା, ବର୍ତ୍ତମାନ ମୋର ଉପକାର ଆବଶ୍ୟକ ନାହିଁ । ପ୍ରୟୋଜନ ହେଲେ ମୁଁ ତୁମ୍ଭମାନଙ୍କୁ ଜଣାଇବି ।

Digitized by srujanika@gmail.com

ଏହି ସମୟରେ ଯୁବକର ଜଣେ ସ୍ଥଳପଥ ବଣିକ ଏବଂ ଜଣେ ଜଳପଥ ବଣିକ ସହିତ ବନ୍ଧୁତା ହୋଇଥିଲା । ସ୍ଥଳ ବଣିକ କହିଲା—ବନ୍ଧୋ ! କାଲି ଏଠାକୁ ଜଣେ ସୌଦାଗର ପାଞ୍ଚ ଶହ ଅଶ୍ୱ ବିକ୍ରୟ କରିବାକୁ ଘେନି ଆସିବ । ଯୁବକ ଏ ସମ୍ବାଦ ପାଇ ଘାସିଆମାନଙ୍କ ନିକଟକୁ ଯାଇ କହିଲା—ଦେଖ, ତୁମ୍ଭେମାନେ କାଲି ମୋତେ ବିଡ଼ାଏ ବିଡ଼ାଏ ଘାସ ଦେବ ଏବଂ ମୋହର ଘାସତକ ବିକ୍ରି ନ ହେବା ପର୍ଯ୍ୟନ୍ତ ତୁମ୍ଭମାନଙ୍କର ଘାସର ବିକ୍ରି ବନ୍ଦ କରିବ । ସେମାନେ ଯୁବକର କଥାରେ ରାଜି ହୋଇଗଲେ । ଅଶ୍ୱବଣିକ ନଗରରେ କୌଣସି ସ୍ଥାନରେ ଘାସ ନ ପାଇ ଯୁବକଠାରୁ ସମସ୍ତ ଘାସ ବହୁମୂଲ୍ୟରେ କିଣିବାକୁ ବାଧ୍ୟ ହେଲା । ଏତଦ୍ଦ୍ୱାରା ଯୁବକର ପାଣ୍ଠି ଅଧିକ ବଢ଼ିଗଲା ।

ପୁଣି କିଛିଦିନ ପରେ ଯୁବକ ଦିନେ ବନ୍ଦରକୁ ଗୋଟାଏ ବଡ଼ ମାଲ-ଜାହାଜ ଆସିବା କଥା ଜଳପଥ ବଣିକଠାରୁ ଜାଣି ଯଥା ସମୟରେ ଖଣ୍ଡିଏ ଭଡ଼ା ଗାଡ଼ିରେ ମହାସମାରୋହରେ ବନ୍ଦରରେ ଉପସ୍ଥିତ ହେଲା । ତାହା ପରେ ସେ ଜାହାଜରେ ଥିବା ସମସ୍ତ ଜିନିଷର ମୂଲ୍ୟ ସ୍ଥିର କରି କିଛି ବହନା ଦେଇ ନିଜନାମମୋହରଚିହ୍ନିତ ଖଣ୍ଡିଏ ଚୁକ୍ତିପତ୍ର ଲେଖି ଦେଲା । କେବଳ ଏତିକି ନୁହେଁ, ସେ ସେହି ବନ୍ଦରରେ ଗୋଟାଏ ପ୍ରକାଣ୍ଡ ତମ୍ବୁ ପକାଇ ଗୁଡ଼ାଏ ଗୃହର ନୌକର ସହ ସେଥିରେ ବାସ କଲା ଏବଂ ବଣିକ ଦେଖା କରିବାକୁ ଆସିଲେ ତାହାକୁ ଏକାକୀ ଦେଖା ନ ଦେଇ ବନ୍ଧୁରକ୍ଷୀ ପରିବୃତ ହୋଇ ଦେଖା ଦେଲା ।

ନଗରର ଅନ୍ୟାନ୍ୟ ବଣିକମାନେ ଜାହାଜ ଆସିବା ଜାଣି ଜିନିଷ କିଣିବା ନିମନ୍ତେ ଶହ ଶହ ହୋଇ ବନ୍ଦରରେ ଉପସ୍ଥିତ ହେଲେ । ମାତ୍ର ସମସ୍ତ ଜିନିଷ ନିମନ୍ତେ ବହନା ଏବଂ ଚୁକ୍ତି ହୋଇ ଯାଇଥିବାରୁ କେହି କିଣିବାର ସୁବିଧା ପାଇଲେ ନାହିଁ । ସୁତରାଂ ସମସ୍ତେ ସେହି ଯୁବକ ନିକଟକୁ ଯିବାକୁ ବାଧ୍ୟ ହେଲେ । ବଣିକମାନେ ବସ୍ତ୍ର ଶିବିର ଏବଂ ଅପରିମିତ ଦାସଦାସୀ ଦେଖି ବୁଝିଲେ, ଯୁବକ ଅତୁଳୈଶ୍ୱର୍ଯ୍ୟର ଅଧିକାରୀ ।

Digitized by srujanika@gmail.com

ସେମାନେ ଯୁବକ ସହିତ ଜଣ ଜଣ ହୋଇ ଦେଖା କରି ଜାହାଜରେ ଥିବା ଜିନିଷର ଗୋଟିଏ ଗୋଟିଏ ଅଂଶ ଏକ ଏକ ହଜାର ଲାଭ ଦେଇ କିଣି ନେଲେ । ଶେଷକୁ ଯୁବକର ଯେଉଁ ଅଂଶ ରହିଲା, ସେତକ କିଣିବା ନିମନ୍ତେ ଏକ ଲକ୍ଷ ମୁଦ୍ରା ଲାଭ ଦେଲେ । ଏହି ଉପାୟରେ ଯୁବକ ଦୁଇଲକ୍ଷ ମୁଦ୍ରା ଲାଭ କଲା ।

ଯୁବକ ଦେଖିଲା—ବୋଧିସତ୍ତ୍ୱଙ୍କ ପରାମର୍ଶ ଅନୁସାରେ ସେ ଅତ୍ୟନ୍ତ ଧନଶାଳୀ ହୋଇ ପାରିଅଛି । ସୁତରାଂ ସେ ଏକଲକ୍ଷ ମୁଦ୍ରା ଉପହାର ଦେବାକୁ ବୋଧିସତ୍ତ୍ୱଙ୍କ ନିକଟକୁ ଗଲା । ବୋଧିସତ୍ତ୍ୱ ପଚାରିଲେ—ତୁମ୍ଭେ ଏତେ ଧନ କାହିଁ ପାଇଲ ? ଯୁବକ ମୃତ ମୂଷିକ ନେବାଠାରୁ ଯେତେ ଯେତେ ଘଟନା ଘଟିଥିଲା, ସେ ସମସ୍ତ ବିସ୍ତୃତ ଭାବରେ ବର୍ଣ୍ଣନା କଲା । ବୋଧିସତ୍ତ୍ୱ ସେ ସମସ୍ତ ବର୍ଣ୍ଣନା ଶୁଣି ବୁଝିଲେ—ଯୁବକ ଅତ୍ୟନ୍ତ ବୁଦ୍ଧିମାନ୍ । ବୋଧିସତ୍ତ୍ୱଙ୍କର ଗୋଟିଏ କନ୍ୟା ବ୍ୟତୀତ ଅନ୍ୟ ସନ୍ତାନ ନ ଥିଲା । ସେ ସେହି ଯୁବକ ସହିତ ନିଜ କନ୍ୟାର ବିବାହ ଦେଇ ନବ-ଜାମାତାଙ୍କୁ ନିଜର ସମସ୍ତ ସମ୍ପତ୍ତିର ଅଧିକାର ପ୍ରଦାନ କଲେ । ପରିଶେଷରେ ସେହି ଯୁବକ ବୋଧିସତ୍ତ୍ୱଙ୍କ ପରେ ବାରାଣସୀରେ ମହାଶ୍ରେଷ୍ଠୀପଦ ଲାଭ କଲେ ।

ଉଦ୍‌ଯୋଗ ସହିତ ମିଳିଲେ ଉପାୟ,
ଲକ୍ଷ୍ମୀ ଲଭେ ତହିଁ ନ ଥାଏ ସଂଶୟ ।

ମୁନିକ ଜାତକ

ପୂର୍ବକାଳରେ ବାରାଣସୀ ରାଜା ବ୍ରହ୍ମଦତ୍ତଙ୍କ ରାଜତ୍ୱକାଳରେ ବୋଧିସତ୍ତ୍ୱ ଗୋଜନ୍ମ ଧାରଣପୂର୍ବକ କୌଣସି ଗ୍ରାମ୍ୟ ଗୋସ୍ୱାମୀଙ୍କ ଗୃହରେ ଅବସ୍ଥାନ କରୁଥିଲେ । ସେତେବେଳେ ତାହାଙ୍କର ନାମ ଥିଲା ମହାଲୋହିତ । ସେହି ଗୃହରେ ତାହାଙ୍କର କନିଷ୍ଠ ଭ୍ରାତା ମଧ୍ୟ ଗୋରୂପରେ ଚୂଳ ଲୋହିତ ନାମରେ ବାସ କରୁଥିଲେ ।

ଉକ୍ତ ଗୃହସ୍ୱାମୀଙ୍କର ଗୋଟିଏ କୁମାରୀ କନ୍ୟା ଥିଲା । ସେହି ନଗରବାସୀ ଜଣେକ ଭଦ୍ର ବ୍ୟକ୍ତିଙ୍କର ପୁତ୍ର ସହିତ ତାହାର ବିବାହ ପ୍ରସଙ୍ଗ ସ୍ଥିର ହୋଇଥିଲା । ବିବାହ ଉତ୍ସବରେ ବରଯାତ୍ରୀ ଏବଂ କନ୍ୟା-ପକ୍ଷୀୟମାନଙ୍କର ଆହାରରେ କୌଣସି ତ୍ରୁଟି ନ ଘଟିବା ନିମନ୍ତେ କନ୍ୟାମାତା ମୁନିକନାମକ ଏକ ଶୂକରକୁ ନାନା ପୁଷ୍ଟିକର ଖାଦ୍ୟ ପ୍ରଚୁର ପରିମାଣରେ ଦେଇ ହୃଷ୍ଟ ପୁଷ୍ଟ କରିବାକୁ ଲାଗିଲେ । ଏହା ଦେଖି ଚୂଳ ଲୋହିତ ଅଗ୍ରଜକୁ କହିଲା—ଭାଇ ! ଆମ୍ଭେ ଦୁହେଁ ଏହି ଗୃହସ୍ଥର ହଳ ଶଗଡ଼ ବହନ କରି ମରୁଥାଉଁ, କିନ୍ତୁ ଖାଇବାକୁ ମିଳୁଛି—ସାମାନ୍ୟ ଖାଦ୍ୟ—ଘାସ ଭୋଗଣି । ମାତ୍ର ଏହି ଶୂକର କୌଣସି କାର୍ଯ୍ୟ ନ କରି ସୁଦ୍ଧା ଉତ୍କୃଷ୍ଟ ଖାଦ୍ୟ ପ୍ରଚୁର ପାଉଛି, ଏହାର କାରଣ କଣ ? କିଛି ବୁଝାଯାଉ ନାହିଁ । ବୋଧିସତ୍ତ୍ୱ ମହାଲୋହିତ କହିଲା—ଭାଇ ! ଏହି ଶୂକରର ଖାଦ୍ୟ ଦେଖି ଈର୍ଷା କର ନାହିଁ । କାରଣ ସେ ବର୍ତ୍ତମାନ ମରଣ ଖାଦ୍ୟ ଖାଉଅଛି । ଗୃହସ୍ୱାମୀଙ୍କ କନ୍ୟାର ବିବାହ ଉପଲକ୍ଷେ ଯେଉଁ ଲୋକମାନେ ନିମନ୍ତ୍ରିତ ହେବେ, ସେମାନଙ୍କ ଉଦରର ପରିତୃପ୍ତି ନିମନ୍ତେ ଏହି ଶୂକର ଏତେ ଯତ୍ନରେ ଏପରି ଉତ୍କୃଷ୍ଟ ଖାଦ୍ୟରେ ପାଳିତ ହେଉଅଛି । ଏହା ଛଡ଼ା ଏହାର ଅନ୍ୟ କାରଣ ନାହିଁ । ବିବାହୋ-ତ୍ସବ ନିକଟବର୍ତ୍ତୀ । ଆଉ ଦୁଇ ତିନିଦିନ ପରେ ଉତ୍ସବ ଅନୁଷ୍ଠିତ ହେବ । ନିମନ୍ତ୍ରିତ ବ୍ୟକ୍ତିମାନଙ୍କର ସମାଗମ ହେଲେ ଗୃହସ୍ୱାମୀର ଆଦେଶରେ ସେତେବେଳେ ଘାତକ ଏହାର ଚାରିପାଦ ବାନ୍ଧି ଏହାକୁ ଟାଣି ଓଟାରି

Digitized by srujanika@gmail.com

ନେଇ ନିଷ୍ଠୁରଭାବରେ ହତ୍ୟା କରିବେ ଏବଂ ତାହାର ମାଂସରେ ନାନା ସୂପ ବ୍ୟଞ୍ଜନ ପ୍ରସ୍ତୁତ ହେବ । ଏହା ତୁମ୍ଭେ ପ୍ରତ୍ୟକ୍ଷରେ ଦେଖିବ; ସୁତରାଂ ହତଭାଗ୍ୟ ମୂଷିକର ଅଶ୍ୱ ସୁଖ ଦେଖି ଈର୍ଷାନ୍ୱିତ ହେବା ଅନୁଚିତ । ଅଶ୍ୱମୃତ୍ୟୁ ପରିଶୂନ୍ୟକ ଏପରି ଲୋଭନୀୟ ଖାଦ୍ୟ ଅପେକ୍ଷା ଆୟୁର୍ବୃଦ୍ଧିକର ନୀରସ ଶୁଷ୍କ ତୃଣ ଖାଦ୍ୟ ବରଂ ଆମ୍ଭମାନଙ୍କ ପକ୍ଷରେ ଶ୍ରେୟସ୍କର ।

ଦେଖୁ ଦେଖୁ ଅଳ୍ପ ଦିନ ପରେ ବିବାହ ଉପଲକ୍ଷେ ବନ୍ଧୁବାନ୍ଧବ ସମବେତ ହେଲେ । ସୁତରାଂ କନ୍ୟା ପକ୍ଷ ଲୋକେ ମୂଷିକକୁ ନିଷ୍ଠୁର ଭାବରେ ହତ୍ୟା କରି ତାହାର ମାଂସରେ ନାନା ସୂପ ବ୍ୟଞ୍ଜନ ପ୍ରସ୍ତୁତ କଲେ । ସେତେବେଳେ ମହାଲୋହିତ ଚୁଲ୍ଲଲୋହିତକୁ କହିଲା—ଦେଖିଲୁ ତ ମୂଷିକର ପରିଣାମ ? ତାହାର ଭୂରି ଭୋଜନର ଫଳାଫଳ ଦେଖିଲୁ ତ ? ଆମର ଘାସ ଭୂଷି ଶୁଣ୍ଡା ଖାଦ୍ୟ ତାହାଠାରୁ କେଉଁ ଅଂଶରେ ହୀନ ? ବରଂ ଏହା ତାହାଠାରୁ ଶତଗୁଣରେ ଉତ୍କୃଷ୍ଟ । କାରଣ ଏଥିରେ କ୍ଷତ ନାହିଁ କି ମୃତ୍ୟୁ ନାହିଁ, ଅଧିକନ୍ତୁ ଏହା ଆୟୁର୍ବୃଦ୍ଧିକର । ଏଥିରୁ ବୁଝିବୁ—

ନିଜ ଭାଗ୍ୟ ଭୋଗି ହେବ ସୁପ୍ରସନ୍ନ,
ପର ସୁଖ ଦେଖି ନ ହେବ ବିଷଣ୍ଣ ।

ନୃତ୍ୟ ଜାତକ

ପୃଥିବୀ ସୃଷ୍ଟିର ପ୍ରଥମ ଭାଗରେ ଚତୁଷ୍ପଦ ପ୍ରାଣୀମାନେ ସିଂହକୁ, ମତ୍ସ୍ୟମାନେ ମହାମତ୍ସ୍ୟକୁ ଏବଂ ପକ୍ଷୀମାନେ ସୁବର୍ଣ୍ଣ ହଂସକୁ ସ୍ୱ ସ୍ୱ ରାଜପଦରେ ଅଭିଷିକ୍ତ କଲେ । ସୁବର୍ଣ୍ଣ ହଂସର ଗୋଟିଏ ପରମା ସୁନ୍ଦରୀ ଯୁବତୀ କନ୍ୟା ଥିଲା । ସେ କନ୍ୟାକୁ କହିଲା—ତୋର ଯାହା ଇଚ୍ଛା ତାହା ପ୍ରାର୍ଥନା କର, ମୁଁ ତାହା ପୂରଣ କରିବି । କନ୍ୟା କହିଲା—ମୋତେ ଇଚ୍ଛା ଅନୁରୂପ ପତି ବରଣ କରିବାକୁ ଅନୁମତି ଦିଅ । ହଂସରାଜ କନ୍ୟାର ଅଭିଳାଷ ପୂରଣ ନିମନ୍ତେ ହଂସ ମୟୂର ପ୍ରଭୃତି ଯାବତୀୟ ପକ୍ଷୀଙ୍କୁ ନିମନ୍ତ୍ରଣ କରି ହିମାଳୟକୁ ଅଣାଇଲା । ନିମନ୍ତ୍ରିତ ପକ୍ଷୀମାନେ ସମବେତ ହୋଇ ଗୋଟିଏ ବିଶାଳ ପାଷାଣ ଉପରେ ଉପବେଶନ କଲେ । ତାହା ଦେଖି ହଂସରାଜ କନ୍ୟାକୁ କହିଲା—ବତ୍ସେ ! ବର୍ତ୍ତମାନ ସମସ୍ତ ପକ୍ଷୀ ଏଠାରେ ସମବେତ ହୋଇ ଅଛନ୍ତି । ତୁ ବର୍ତ୍ତମାନ ଏମାନଙ୍କ ମଧ୍ୟରୁ ତୋର ଇଚ୍ଛାନୁରୂପ ପତି ବରଣ କର !

ହଂସରାଜ କନ୍ୟା ଚତୁର୍ଦ୍ଦିଗ ଅବଲୋକନ କରି ରତ୍ନୋଜ୍ଜ୍ୱଳଗ୍ରୀବ ବିଚିତ୍ରପୁଚ୍ଛ ମୟୂରକୁ ଦେଖି ତାହାକୁ ପତି କରିବାକୁ ପିତାଙ୍କ ନିକଟରେ ପ୍ରକାଶ କଲା । ଉପସ୍ଥିତ ପକ୍ଷୀମାନେ ଏ ସମ୍ବାଦ ଜାଣି ପାରି ମୟୂରକୁ ଜଣାଇବାରେ ମୟୂର ଆନନ୍ଦରେ ଏବଂ ଅହଂକାରରେ ଉନ୍ମତ୍ତ ହୋଇ ନିର୍ଲ୍ଲଜ୍ଜ ଭାବରେ ନୃତ୍ୟ କରିବାକୁ ଲାଗିଲା । ସେହି ଉନ୍ମତ୍ତ ନୃତ୍ୟ ଯୋଗୁଁ ତାହାର ନଗ୍ନ ଶରୀର ସମସ୍ତଙ୍କର ଦୃଷ୍ଟି ଗୋଚର ହେଲା ।

ଏହା ଦେଖି ହଂସରାଜ ଅତ୍ୟନ୍ତ ଲଜ୍ଜିତ ଏବଂ ବିରକ୍ତ ହୋଇ ଭାବିଲା—ଏ ମୟୂରର କି ଧୃଷ୍ଟତା । ଏହାର ଲଜ୍ଜା ନାହିଁ, କି ଭୟ ନାହିଁ ଅଥବା ଶିଷ୍ଟାଚାର ନାହିଁ । ମୁଁ ଏପରି ନିର୍ଲ୍ଲଜ୍ଜ ଅଶିଷ୍ଟ ପାତ୍ରରେ କଦାପି କନ୍ୟାଦାନ କରିବି ନାହିଁ । ଏହା ସ୍ଥିର କରି ପକ୍ଷୀମାନଙ୍କ ସମକ୍ଷରେ କହିଲା—ମୟୂରର କେକାରବ ସୁମଧୁର, ପୃଷ୍ଠ ଦେଶ ସୁମନୋହର, ଗ୍ରୀବାକଣ୍ଠା

Digitized by srujanika@gmail.com

ନୟନତୃପ୍ତିକର ହେଲେହେଁ ନିର୍ଲଜ୍ଜ ନୃତ୍ୟ ଦେଖିବୁ ମୁଁ ତାହାକୁ କନ୍ୟାଦାନ କରିବାକୁ ଏକାନ୍ତ ଅନିଚ୍ଛୁକ । ସେ ଏହା କହି ସେହି ସ୍ୱୟମ୍ବର ସଭାରେ ମୟୂରକୁ ନିରାଶ କରି ନାଚରେ ଭାଗନେଇ ଲୁଣ୍ଠିତ ହେଉ ପକ୍ଷୀକେ ତାହାର ଶିଷ୍ଟାଚାର ଏବଂ ବିନୟ ଯୋଗୁଁ ତାହାକୁ କନ୍ୟାଦାନ କଲେ । ସର୍ବଙ୍କ ଆନନ୍ଦରେ ଉନ୍ମତ୍ତ ମୟୂର ନିଜ ଦୋଷରୁ ଲଜ୍ଜାରେ ଏବଂ ଦୁଃଖରେ ମ୍ରିୟମାଣ ହୋଇ ସ୍ୱସ୍ଥାନକୁ ପ୍ରସ୍ଥାନ କଲା । ଫଳରେ ହେଲା—

ଶୀଳବାନ ଲଭେ ସର୍ବତ୍ର ଆଦର,
ଶୀଳଭ୍ରଷ୍ଟ ସଦା ହୁଏ ନାରଖାର ।

Digitized by srujanika@gmail.com

କପୋତ ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ କପୋତ ରୂପରେ ଜନ୍ମଗ୍ରହଣ କରିଥିଲେ । ସେ ସମୟରେ ତତ୍ରତ୍ୟ ଲୋକମାନେ ପୁଣ୍ୟୋପାର୍ଜ୍ଜନ ଅଭିପ୍ରାୟରେ ପକ୍ଷୀମାନଙ୍କୁ ଆଶ୍ରୟ ଏବଂ ସୁବିଧା ଦେବା ନିମନ୍ତେ ସ୍ଥାନେ ସ୍ଥାନେ ବାଉଁଶ ବମ୍ବା କାଠିରେ ଝୋଡ଼ିଇ ପ୍ରସ୍ତୁତ କରି ଜନପଦ ସ୍ଥାନରେ ଝୁଲାଇ ଦେଉଥିଲେ । ସେଥିରେ ପକ୍ଷୀମାନେ ଅନାୟାସରେ ସୁଖରେ ବାସ କରୁଥିଲେ । ବାରାଣସୀର ଜଣେ ପ୍ରଧାନ ଶ୍ରେଷ୍ଠୀର ପାଚକ ମଧ ରନ୍ଧନଶାଳାରେ ଗୋଟିଏ ଝୋଡ଼ାଇ ଝୁଲାଇ ଦେଇଥିଲା । କପୋତରୂପୀ ବୋଧିସତ୍ତ୍ୱ ସେଥିରେ ବାସ କରୁଥିଲେ । ସେ ପ୍ରତ୍ୟହ ପ୍ରାତଃକାଳରେ ଆହାରର ଅନୁସନ୍ଧାନ ନିମନ୍ତେ ଯନ୍ତ ତନ୍ତ ବୁଲିଯାନ୍ତି, କିନ୍ତୁ ସନ୍ଧ୍ୟା ହେଲେ ସେହି ଝୋଡ଼ିଇବସାର ଆଶ୍ରୟ ନିଅନ୍ତି ।

କିଛିଦିନ ପରେ ଗୋଟିଏ କାକ ସେହି ରନ୍ଧନଶାଳାପାଖ ଦେଇ ଉଡ଼ି ଯାଉଁ ଯାଉଁ ମତ୍ସ୍ୟମାଂସର ଗନ୍ଧ ପାଇ ତାହା ଖାଇବା ଲୋଭରେ ସେହି ରନ୍ଧନଶାଳାର ନିକଟରେ ବସିଲା । ସନ୍ଧ୍ୟା ସମୟରେ ବୋଧିସତ୍ତ୍ୱଙ୍କୁ ରନ୍ଧନଶାଳାରେ ପ୍ରବେଶ କରିବାର ଦେଖି ତାହାଙ୍କୁ ଅବଲମ୍ବନ କଲେ ମନୋରଥ ସିଦ୍ଧ ହୋଇ ପାରିବ ବୋଲି ସ୍ଥିର କଲା ।

ତତ୍ ପରଦିନ ପ୍ରାତଃକାଳରେ କାକ ସେହି ରନ୍ଧନଶାଳାର ନିକଟକୁ ଯାଇ ବୋଧିସତ୍ତ୍ୱଙ୍କୁ ଆହାର ଅନୁସନ୍ଧାନ ନିମନ୍ତେ ବାହାରକୁ ଯିବାର ଦେଖି ତାହାଙ୍କର ଅନୁଗମନ କଲା । ବୋଧିସତ୍ତ୍ୱ ତାହାକୁ ପଚାରିଲେ—ତୁ ମୋର ଅନୁସରଣ କାହିଁକି କରୁଛୁ ? କାକ କହିଲା—ଆପଣଙ୍କର ଚାଲିଚଳନ, ଆଚାର ବ୍ୟବହାର ମୋତେ ବଡ଼ ପ୍ରୀତିକର ବୋଧ ହେଉଛି । ସୁତରାଂ ମୁଁ ଆପଣଙ୍କର ଅନୁଚର ହୋଇ ରହିବି । ସେ କହିଲେ—ଦେଖ, ମୋର ଖାଦ୍ୟ ତୁମ ଖାଦ୍ୟରୁ ପୃଥକ୍ । ଏଣୁ ତୁମର ଅନେକ ଅସୁବିଧା

Digitized by srujanika@gmail.com

ଘଟିବ । ସେ କହିଲେ—ଅସୁବିଧା କିଛି ନାହିଁ । ଆପଣ ନିଜର ଆହାର ଅନ୍ୱେଷଣ କରିବା ସମୟରେ ମୁଁ ମୋର ଖାଦ୍ୟ ଅନୁସନ୍ଧାନ କରିବି । କିନ୍ତୁ ଅବଶିଷ୍ଟ ସମୟରେ ଆପଣଙ୍କର ଅନୁଗମନ କରିବି । ଏଥିରେ ବୋଧିସତ୍ତ୍ୱ ଆଉ କୌଣସି ଆପତ୍ତି କଲେ ନାହିଁ ।

ତତ୍ପରେ ଉଭୟ ପକ୍ଷୀ ପ୍ରତ୍ୟହ ନିଜନିଜର ଖାଦ୍ୟ ସଂଗ୍ରହ କଲେ । ଦିନେ କାକ ବୋଧିସତ୍ତ୍ୱଙ୍କୁ କହିଲା—ପ୍ରଭୋ ! ଅତିଭୋଜନ କଦାପି ଶୁଭଙ୍କର ନୁହେ । ତାହାପରେ ପ୍ରତି ସନ୍ଧ୍ୟାରେ ଉଭୟ ପକ୍ଷୀ ପାକଶାଳାରେ ପ୍ରବେଶ କରିବାରୁ ପାଚକ ବୁଝିଲା—କପୋତ ସଙ୍ଗରେ ଆଉ ଗୋଟିଏ ପକ୍ଷୀ ସଙ୍ଗୀ ହେଲାଣି । ଏହାକୁ ଆଶ୍ରା ଦେବା ମଧ୍ୟ ଧର୍ମ । ତେଣୁ ସେ ତାହାପାଇଁ ମଧ୍ୟ ଗୋଟିଏ ବସା ନିର୍ମାଣ କରିଦେଲା । ଦୁଇଟି ବସା ହେବାରୁ କାହାରି ରହିବାରେ ଅସୁବିଧା ହେଲା ନାହିଁ ।

ଏହାପରେ ଦିନେ ଶ୍ରେଷ୍ଠୀର ପାଚକ ଗୁଡ଼ିଏ ମାଛମାଂସର ଆୟୋଜନ କରିବାରୁ କାକ ତାହା ଦେଖି ଲୋଭ ସମ୍ବରଣ କରି ପାରିଲା ନାହିଁ । ସୁତରାଂ ତାହା ଖାଇବା ଉଦ୍ଦେଶ୍ୟରେ ପୀଡ଼ାର ଛଳନା କରି ସମସ୍ତ ରାତି ଆର୍ତ୍ତନାଦ କରି କଟାଇଲା । ପ୍ରଭାତରେ ଯେତେବେଳେ ଚରିଯିବାକୁ କପୋତ ଡାକିଲା, ସେତେବେଳେ ସେ କହିଲା—ଭାଇ, ମୋର ଭୀଷଣ ପେଟବ୍ୟଥା ହେଉଅଛି, ମୁଁ ଆଜ କୌଣସି ପ୍ରକାରେ କୌଣସି ସ୍ଥାନକୁ ଯାଇ ପାରିବି ନାହିଁ । କପୋତ ଏହା ଶୁଣି ହସି ହସି କହିଲା—କାକର ପୁଣି ପେଟବ୍ୟଥା, ଏହା କେବେ ଶୁଣା ନ ଥିଲା । ସେମାନେ ରାତିରେ ଭୋକ ସୁଧା ହୋଇ ପଡ଼ନ୍ତି । ତେଣୁ ଅନ୍ୟ ଖାଦ୍ୟ ନ ପାଇଲେ ବାଧ୍ୟ ହୋଇ ଘିପରୁ ବଳିତା ବୁକା ଖାଇ କ୍ଷୁଧା ନିବୃତ୍ତି କରନ୍ତି, ତୁମେ ମୋତେ ଆଉ ଏପରି ଛଳନାପୂର୍ଣ୍ଣ କଥା କହ ନାହିଁ । ମୁଁ ଜାଣୁଛି—ତୁମ୍ଭେ ରନ୍ଧନଶାଳାର ମାଛ ମାଂସ ଖାଇବାକୁ ଲାଳାୟିତ ହୋଇଅଛ । ତୁମେ ଏହି ମନୁଷ୍ୟ ଖାଦ୍ୟ ପ୍ରତି ଆକୃଷ୍ଟ ନ ହୋଇ ଆହାର ଅନ୍ୱେଷଣ କରିବାକୁ ମୋ ସଙ୍ଗରେ ଆସ, ନଚେତ୍ ଏଥିରେ ପଦେ ପଦେ ବିପଦ । କାକ କି ହିତକଥା ଶୁଣିବାର ପ୍ରାଣୀ ! ସେ

Digitized by srujanika@gmail.com

ଲୋଭକ ହୋଇ ପୁଣି କହିଲା—ଭାଇ, ପ୍ରକୃତରେ ତାହା ନୁହେ । ମୁଁ ପୀଡ଼ା ଯୋଗୁଁ ଯିବାକୁ ଅକ୍ଷମ । କପୋତ କହିଲା—ଅଚ୍ଛା, ତାହାହିଁ ହେଉ, କିନ୍ତୁ ଲୋଭରେ ପଡ଼ି ଯେପରି ଅନ୍ୟାୟ ନ କର, ସେଥି ପ୍ରତି ସାବଧାନ ହେବ । ଏହା କହି କପୋତ ଏକାକୀ ଚରିବାକୁ ଗଲା ।

ତେଣେ ପାଚକ ମାଛମାଂସ ଗୁଡ଼ିଏ ଆଣି ନାନା ପ୍ରକାର ସୂପ ବ୍ୟଞ୍ଜନ କରିବାକୁ ଲାଗିଲା । ପାଚକ ରନ୍ଧନପାତ୍ରମାନଙ୍କରୁ ଢୋଙ୍କଣୀ କାଢ଼ିଦେଇ ପ୍ରତ୍ୟେକରେ ଖଣ୍ଡିଏ ଖଣ୍ଡିଏ ଜାଲି ଢୋଙ୍କଣୀ ଘୋଡ଼ାଇ ଦେଲା ଏବଂ ଟିକିଏ ପବନ ଖାଇବାକୁ ବାହାରେ ଯାଇ ବସିଲା । କାକ ରନ୍ଧନଶାଳାରୁ ପାଚକ ଚାଲିଯିବାର ଦେଖି ମାଂସ ଖାଇବାକୁ ଅଭିଳାଷ କଲା । କ୍ଷୁଦ୍ର ମାଂସ ନ ଖାଇ ବଡ଼ ମାଂସ ଖଣ୍ଡେ ନେଇ ବସାରେ ରଖି ଖାଇଲେ ଉଦର ପୂର୍ଣ୍ଣ ହେବ ଭାବି ବସାରୁ ଉଡ଼ିଯାଇ ହଠାତ୍ ଜାଲି ଢୋଙ୍କଣୀ ଉପରେ ବସି ପଡ଼ିବାରୁ ଢୋଙ୍କଣୀଟା ଖସି ଯାଇ ଠଣ୍ କରି ତଳେ ପଡ଼ିଗଲା । ପାଚକ ସେହି ଶବ୍ଦ ଶୁଣି କଣ ହେଲା ବୋଲି ଜାଣିବାକୁ ରନ୍ଧନଶାଳାରେ ପ୍ରବେଶ କଲା । ସେ ଦେଖିଲା—କାକଟା ରନ୍ଧା ହୋଇଥିବା ମାଂସ ଖାଇବାକୁ ଆସିଅଛି । ପାଚକ ବିଚାରିଲା—ମୁଁ ପ୍ରଭୁର ଭୃତ୍ୟ, ଏ କାକର ଭୃତ୍ୟ ନୁହେଁ । ଏହା ସଙ୍ଗେ ମୋହର କୌଣସି ସମ୍ବନ୍ଧ ନାହିଁ । ତେଣୁ ଏହାକୁ ଉଚିତ ଦଣ୍ଡ ଦେବା ଉଚିତ, ଏହା ଭାବି ରନ୍ଧନଶାଳାର ଦ୍ୱାର ବନ୍ଦ କରି ସେହି କାକକୁ ଧରିଲା ଏବଂ ତାହାର ପକ୍ଷ ଉପାଡ଼ି କ୍ଷତ ସ୍ଥାନରେ ଲୁଣ ଅଦା ଜୀର ବାଟି ବୋଳି ତାହାକୁ ଠୋକେଇରେ ପୂରାଇ ଆବର୍ଜ୍ଜନାପୂର୍ଣ୍ଣ ସ୍ଥାନରେ ପକାଇ ଦେଲା । କାକ ସେଠାରେ ପଡ଼ି ଜ୍ୱାଳାଯନ୍ତ୍ରଣାରେ ଚିତ୍କାର କଲା । ବୋଧିସତ୍ତ୍ୱ କପୋତ ସାୟଂକାଳରେ ଫେରିଆସି କାକର ଦୁରବସ୍ଥା ଦେଖି ଭାବିଲେ—ଲୋଭରେ ପଡ଼ି ମୋହର କଥାରେ କର୍ଣ୍ଣପାତ ନ କରିବାରୁ ସିନା କାକ ଏ ମହାଦୁଃଖ ଭୋଗ କଲା ।

ହିତପରାୟଣ ବନ୍ଧୁର ବଚନ,
ସ୍ୱେଚ୍ଛାଗ୍ରାହୀ ଯେହୁ ନ କରେ ଶ୍ରବଣ ।

Digitized by srujanika@gmail.com

ବିପତ୍ତି ତାହାର ନିଶ୍ଚେ ହୁଅ'ବାର,
ଦେଖ ଏହି କାକ ପ୍ରମାଣ ତାହାର ।

ବୋଧିସତ୍ତ୍ୱ ଉକ୍ତ ତତ୍ତ୍ୱକଥା କହି ସେ ସ୍ଥାନ ତ୍ୟାଗ କରି ଅନ୍ୟତ୍ର ଗଲେ । ଲୋଭୀ କାକ ବହୁ ଚିତ୍କାର ପରେ ସେଠାରେ ପଞ୍ଚତ୍ୱ ପ୍ରାପ୍ତ ହେଲା ।

Digitized by srujanika@gmail.com

ବାରୁଣୀ ଜାତକ

ଅନାଥପିଣ୍ଡଦ ନାମକ ଜଣେ ବ୍ୟକ୍ତିଙ୍କର ଜଣେ ବନ୍ଧୁ ମଦ୍ୟ-ବ୍ୟବସାୟୀ ଥିଲେ । ସେ ସୁବର୍ଣ୍ଣ କମ୍ବା ରୌପ୍ୟ ମୂଲ୍ୟସ୍ୱରୂପ ନେଇ ମଦ୍ୟ ବିକ୍ରୟ କରୁଥିଲେ । ତାହାଙ୍କ ଦୋକାନରେ ମଧ୍ୟ ବହୁତ ସୁରାପାୟୀ ସମବେତ ହେଉଥିଲେ । ଦିନେ ସେହି ମଦ୍ୟବ୍ୟବସାୟୀ ନିଜର ଜଣେ ଅନ୍ତେବାସୀ ଉପରେ ବିକ୍ରୟଭାର ଦେଇ ସ୍ନାନ କରିବାକୁ ଗଲେ ଏବଂ ଯିବା ସମୟରେ କହିଗଲେ—ଅଗ୍ରୀମ ମୂଲ୍ୟ ନ ରଖି କାହାରିକୁ ମଦ୍ୟ ଦେବ ନାହିଁ । ସେହି ଅନ୍ତେବାସୀ ମଦ୍ୟ ବିକ୍ରୟ କରୁ କରୁ ଦେଖିଲା—ମଦ୍ୟପମାନେ ମଦ୍ୟପାନ କରୁ କରୁ ଲବଣ ଏବଂ ଗୁଡ଼ ଖାଇବାରେ ବ୍ୟବହାର କରୁଅଛନ୍ତି । ଏହା ଦେଖି ସେ ଭାବିଲା—ଆମ ଦୋକାନ-ମଦ୍ୟରେ ତ ଲବଣ ନାହିଁ । ଯେବେ ଏଥିରେ କିଛି ଲୁଣ ମିଶାଇ ଦିଆଯାଏ, ତେବେ ସେ ମଦ୍ୟର ଆଦର ଅତ୍ୟନ୍ତ ବଢ଼ିଯିବ । ତେଣୁ ବେଶି ବିକ୍ରୟ ହେବ । ଏହା ବିଚାର କରି ସେ ଭାଣ୍ଡସ୍ଥ ମଦ୍ୟରେ ଗୁଡ଼ଏ ଲୁଣ ମିଶାଇ ଦେଲା । ତାହାପରେ ସେ ମିଶ୍ରିତ ମଦ୍ୟ ଯାହାକୁ ଦେଲା, ସେ ତାହା ପାନ କରି ବିକାରଗ୍ରସ୍ତ ହୋଇ ବାନ୍ତି କଲା । କ୍ରେତାମାନେ ଏହାର କାରଣ ପଚାରିବାରୁ ଦୁର୍ବୁଦ୍ଧି ବିକ୍ରେତା ଯେଉଁ କାରଣରୁ ଲୁଣ ମିଶାଇଥିଲା, ତାହା ବୁଝାଇ ଦେଲା । କ୍ରେତାମାନେ ଏଥିରେ ବିରକ୍ତ ହୋଇ ଅନ୍ୟତ୍ର ଗଲେ ।

ଦୋକାନର ମାଲିକ ସ୍ନାନ ଶେଷରେ ଫେରିଆସି ଦୋକାନ ଗ୍ରାହକ-ଶୂନ୍ୟ ଦେଖି ସେହି ଅନ୍ତେବାସୀକୁ କାରଣ ପଚାରିଲା । ସେ ମଦ୍ୟରେ ଲବଣ ମିଶାଇବା ବ୍ୟାପାର ଆମୂଳଚୂଳ ଜଣାଇବାରେ ମାଲିକ ବିରକ୍ତ ହୋଇ ତାହାକୁ ଯଥେଷ୍ଟ ତିରସ୍କାର କରି ନିଜର ବନ୍ଧୁ ଅନାଥ-ପିଣ୍ଡଦକୁ ସମସ୍ତ ଜଣାଇଲା । ଅନାଥପିଣ୍ଡଦ ଏ ବିଚିତ୍ର ଘଟନା ଶାସ୍ତାଙ୍କୁ ଜଣାଇବାରେ ସେ କହିଲେ—ଏହି ଗୃହପତି ଅତୀତ ଜନ୍ମରେ ମଧ୍ୟ

Digitized by srujanika@gmail.com

ଏହିପରି ଥରେ ମଦ୍ୟ ନଷ୍ଟ କରିଥିଲା । ସେ ଘଟନା ଏପରି ଘଟିଥିଲା, ତାହା ଶାସ୍ତା ବର୍ଣ୍ଣନା କରିଥିଲେ ।

ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ ସେହି ବାରାଣସୀରେ ଶ୍ରେଷ୍ଠୀରୂପରେ ଜନ୍ମଗ୍ରହଣ କରିଥିଲେ । ଜଣେ ସୁରାବିକ୍ରେତା ତାହାଙ୍କର ଆଶ୍ରିତ ଥିଲା । ସେ ଅତ୍ୟନ୍ତ ତୀବ୍ର ସୁରା ବିକ୍ରୟ କରେ । ଦିନେ ସେ ସ୍ନାନ କରିବାକୁ ଯିବା ସମୟରେ ତାହାର କୌଣ୍ଡିନ୍ୟନାମକ ଭୃତ୍ୟ ଉପରେ ବିକ୍ରୟଭାର ନ୍ୟସ୍ତ କରି ଗଲା । କୌଣ୍ଡିନ୍ୟ ମଦ୍ୟପମାନଙ୍କର ଏହିପରି ଲବଣ ବ୍ୟବହାର ଦେଖି ସୁରାରେ ଲବଣ ମିଶ୍ରିତ କରିବାରେ ସମସ୍ତ ସୁରା ନଷ୍ଟ ହୋଇ ଯାଇଥିଲା । ଅନନ୍ତର ପ୍ରକୃତ ସୁରା ବିକ୍ରେତା ସ୍ନାନାନ୍ତେ ଫେରିଆସି ସମସ୍ତ ଘଟନା ବୁଝି ବୋଧିସତ୍ତ୍ୱଙ୍କୁ ଜଣାଇଲା । ବୋଧିସତ୍ତ୍ୱ ତାହା ଶୁଣି କହିଲେ—ଯେ ଅଜ୍ଞ ଏବଂ ମୂର୍ଖ, ସେ ହିତ କରୁ କରୁ ଅହିତ ସାଧନ କରେ ।

ହିତାକାଙ୍କ୍ଷୀ ମୂର୍ଖ କରେ ଅହିତ ସାଧନ,
କୌଣ୍ଡିନ୍ୟ ନାଶିଲା ସୁରା ମିଶାଇ ଲବଣ ।

Digitized by srujanika@gmail.com

ଦୁର୍ମେଧା ଜାତକ

ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ ରାଜମହିଷୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ତାହାଙ୍କର ନାମ ଥିଲା ବ୍ରହ୍ମଦତ୍ତ କୁମାର । ସେ ତକ୍ଷଶିଳା ନଗରୀରେ ବିଦ୍ୟାଧ୍ୟୟନ କରି ଷୋଳ ବର୍ଷ ବୟସ ବେଳକୁ ବେଦତ୍ରୟ ଏବଂ ଅଷ୍ଟାଦଶ କଳାବିଦ୍ୟାରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ । ତଦନନ୍ତର ପିତା ତାହାଙ୍କୁ ଯୁବରାଜପଦରେ ଅଭିଷିକ୍ତ କରିଥିଲେ ।

ସେହି ସମୟରେ ବାରାଣସୀବାସୀମାନେ ଅତ୍ୟନ୍ତ ଦେବୀଭକ୍ତ ଥିଲେ । ସେମାନେ ପାର୍ବଣ ଦିବସମାନଙ୍କରେ ମୃଗ, ମେଷ, କୁକ୍କୁଟ, ମହିଷ ଶୂକରାଦି ବଳିରୂପେ ହତ୍ୟା କରି ସେମାନଙ୍କର ରକ୍ତ ଏବଂ ମାଂସରେ ଦେବୀଙ୍କର ଅର୍ଚ୍ଚନା କରୁଥିଲେ । ଏହା ଦେଖି ବୋଧିସତ୍ତ୍ୱ ଯୁବରାଜ ଭାବିଲେ, ଲୋକମାନେ ଅନ୍ଧବିଶ୍ୱାସରେ ପଡ଼ି ଧର୍ମନାମରେ ଅଜସ୍ର ପ୍ରାଣିହତ୍ୟା କରୁଅଛନ୍ତି । ପିତାଙ୍କ ଅନ୍ତେ ମୁଁ ରାଜତ୍ୱ ଲାଭ କଲେ ଏପରି କୌଣସି ଉପାୟ ଅବଲମ୍ବନ କରିବି, ଯଦ୍ଦ୍ୱାରା କି ଏହି ଜଘନ୍ୟ ହିଂସାପ୍ରଥା ଦୂର ହେବ ଏବଂ ଲୋକମାନଙ୍କର ଅଧର୍ମରେ ପ୍ରବୃତ୍ତି ନ ହେବ । ବୋଧିସତ୍ତ୍ୱ ସନ୍ତତ ଭକ୍ତି ଚନ୍ତାରେ ଚନ୍ତିତ ଥାନ୍ତି । ଦିନେ ସେ ଭ୍ରମଣ କରିବାକୁ ଯାଉ ଯାଉ ମାର୍ଗମଧ୍ୟରେ ଗୋଟିଏ ବଟବୃକ୍ଷମୂଳରେ ବହୁତ ଲୋକ ସମବେତ ହୋଇଥିବାର ଦେଖିଲେ । ସେ ଘଟନା ଜାଣିବାକୁ ଯାନରୁ ଅବତରଣ କରି ସେଠାରେ ଉପସ୍ଥିତ ହେଲେ । ଦେଖିଲେ— ଲୋକମାନେ ସେହି ବୃକ୍ଷକୁ କୌଣସି ଦେବୀଙ୍କର ଅଧିଷ୍ଠାନସ୍ଥଳ ବୋଲି ବିଶ୍ୱାସ କରି ଗନ୍ଧପୁଷ୍ପ, ଧୂପଦୀପ, ନୈବେଦ୍ୟ ଏବଂ ବଳି ଦେଇ ପୁତ୍ର, କନ୍ୟା, ଯଶ, ଧନ ପ୍ରଭୃତି ଯାହାର ଯାହା ଆବଶ୍ୟକ, ତାହା କାମନା କରୁଅଛନ୍ତି । ବୋଧିସତ୍ତ୍ୱ ମଧ୍ୟ ସେହି ବୃକ୍ଷକୁ ଗନ୍ଧପୁଷ୍ପାଦିଦ୍ୱାରା ପୂଜା କରି ତାହାର ମୂଳରେ ପ୍ରଦକ୍ଷିଣ ଓ ପ୍ରଣାମ କରି ପ୍ରତ୍ୟାବର୍ତ୍ତନ କଲେ । ସେ ସେହି ଦିନ

Digitized by srujanika@gmail.com

ହୁଡେ, ଲୋକଙ୍କ ଜାଣିବା ନିମନ୍ତେ ମଧ୍ୟେ ମଧ୍ୟେ ଏହିପରି ବହୁବାର ସେହି ବୃକ୍ଷର ଅର୍ଚ୍ଚନା କରୁଥାନ୍ତି ।

କାଳକ୍ରମେ ରଜା ବ୍ରହ୍ମଦତ୍ତଙ୍କର ମୃତ୍ୟୁ ହେବାରୁ ବୋଧିସତ୍ତ୍ୱ ସିଂହାସନାରୋହଣ କଲେ । ସେ ସକଳ ପ୍ରକାର ସଦ୍‌ଗୁଣର ଆଧାର ହୋଇ ଶାସ୍ତ୍ରୋଚିତ ରୀତିରେ ପ୍ରଜାପାଳନ କରିବାକୁ ଲଗିଲେ । ଅଭିଷେକ ପରେ ସେ ଭାବିଲେ – ବର୍ତ୍ତମାନ ମୋହର ଗୋଟିଏ ଅଭିଳାଷ ପୂର୍ଣ୍ଣ ହୋଇଅଛି । ଦ୍ୱିତୀୟ ଅଭିଳାଷ ପୂର୍ଣ୍ଣ ହେଲେ ଅର୍ଥାତ୍ ରାଜ୍ୟରୁ ପ୍ରାଣିହତ୍ୟା ଉଠାଇ ପ୍ରଜାମାନଙ୍କୁ ସଦାଗ୍ରବାନ୍ କରି ପାରିଲେ ମୁଁ ଜୀବନରେ କୃତାର୍ଥ ହେବି । ଏଥି ନିମନ୍ତେ ସେ ଦିନେ ପାତ୍ର, ମନ୍ତ୍ରୀ ଏବଂ ରାଜ୍ୟର ପ୍ରଧାନ ପ୍ରଧାନ ବ୍ୟକ୍ତିମାନଙ୍କୁ ଡକାଇ କହିଲେ—ମୁଁ କିପରି ରାଜସିଂହାସନ ପାଇଲି, ଆପଣମାନେ ଜାଣନ୍ତି କି ? ସେମାନେ କହିଲେ— ନା, ମହାରାଜ ! ଆମ୍ଭେମାନେ ଜାଣୁ ନାହିଁ । ବୋଧିସତ୍ତ୍ୱ କହିଲେ—ମୁଁ ସେହି ବଟବୃକ୍ଷସ୍ଥ ଦେବତାଙ୍କୁ ଗନ୍ଧପୁଷ୍ପରେ ବିଧିପୂର୍ବକ ପୂଜା କରି ଏହି ରାଜପଦ ପାଇବାକୁ କାମନା କରୁଥିଲି । ତାହା ସମ୍ଭବତଃ ଆପଣମାନେ ଜାଣନ୍ତି ନାହିଁ । ବର୍ତ୍ତମାନ ସେହି ଦେବତାଙ୍କର ପ୍ରସାଦରୁ ମୋର ସେହି କାମନା ପୂର୍ଣ୍ଣ ହୋଇଅଛି । ତେତେବେଳେ ମୁଁ ପୁଣି ସେହି ଦେବତାଙ୍କ ନିକଟରେ ସଙ୍କଳ୍ପ କରିଥିଲି— ରାଜପଦ ପାଇଲେ ମହାସମାରୋହରେ ଦେବୀଙ୍କର ପୂଜା କରିବି । ବର୍ତ୍ତମାନ ମୋର ପୂଜା କରିବାର ସମୟ ଉପସ୍ଥିତ । ସେଥିପାଇଁ ଆପଣମାନେ ସକଳ ପ୍ରକାର ଆୟୋଜନ କରନ୍ତୁ । ଯେପରି କି ମୋର ପୂଜାର କୌଣସି ଅଙ୍ଗ ନଷ୍ଟ ନ ହୁଏ । ପୂଜା ନିମନ୍ତେ ସାଧାରଣ ପୂଜୋପକରଣ ବ୍ୟତୀତ ଶତ ଶତ ଦୁର୍ମେଧା ବ୍ୟକ୍ତିଙ୍କର ଅର୍ଥାତ୍ ଯେଉଁମାନେ ପଞ୍ଚ ଦୁଃଶୀଳକର୍ମ ଏବଂ ଦଶବିଧ ଅକୁଶଳ କର୍ମ କରନ୍ତି, ସେମାନଙ୍କର ହୃତ୍‌ପିଣ୍ଡ, ରକ୍ତ ଏବଂ ମାଂସ ଏକାନ୍ତ ଅବଶ୍ୟକ । ଆପଣମାନେ ରାଜ୍ୟ ମଧ୍ୟରେ ଡିଣ୍ଡିମ ଦେଇ ଘୋଷଣା କରନ୍ତୁ—ଯେଉଁମାନେ ପ୍ରାଣିହତ୍ୟା ପ୍ରଭୃତି ପଞ୍ଚବିଧ ଦୁଃଶୀଳ କର୍ମ ଏବଂ ଦଶ ଅକୁଶଳ କର୍ମ ଅର୍ଥାତ୍ ମିଥ୍ୟା, ଚୌର୍ଯ୍ୟ ପ୍ରଭୃତି ଘୃଣ୍ୟ କାର୍ଯ୍ୟମାନ କରନ୍ତି, ଦେବୀଙ୍କର ବଳି

Digitized by srujanika@gmail.com

ନିମନ୍ତେ ସେହିମାନେ ଏକାନ୍ତ ଲୋଡ଼ା; ତାହା ନ ହେବା ପର୍ଯ୍ୟନ୍ତ ମୋହର ପୂଜା ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ ।

ରାଜାଙ୍କ ଆଦେଶରେ ମନ୍ତ୍ରିବର୍ଗ ରାଜ୍ୟରେ ସର୍ବତ୍ର ଉକ୍ତ ଘୋଷଣା ପ୍ରଚାର କଲେ । ଲୋକମାନେ ଏହି ଭୟାବହ ଘୋଷଣାରେ ତ୍ରସ୍ତ ହୋଇ ପାପାଚାର କରିବା ଦୂରେ ଥାଉ, ପାପକଥା ମନରେ ସୁଦ୍ଧା ଚିନ୍ତା କଲେ ନାହିଁ । ରାଜ୍ୟରେ ସର୍ବତ୍ର ଧର୍ମ ଏବଂ ସୁଖ ଶାନ୍ତି ବିରାଜମାନ ହେଲା । ବିଚାରାଳୟ ଅଭିଯୋଗ ଅଭାବରୁ ଆବଶ୍ୟକ ହେଲା ନାହିଁ । ରାଜ୍ୟରେ ଦଣ୍ଡ ଏବଂ ଭୟ ରହିଲା ନାହିଁ । ପ୍ରଜାମାନେ ମର୍ତ୍ତ୍ୟରେ ସୁଦ୍ଧା ବୈକୁଣ୍ଠସୁଖ ଭୋଗ କଲେ । ସଦାଚାରପ୍ରବର୍ତ୍ତକ ରାଜା ବୋଧିସତ୍ତ୍ୱ ଦେହାନ୍ତେ ସହିତାଶ୍ରି ପାରିଷଦ ବର୍ଗଙ୍କ ସହିତ ବୈକୁଣ୍ଠଲାଭ କଲେ ।

ରାଜା ହିଁ ପ୍ରଜାବୃନ୍ଦଙ୍କର ସୁଖ ଏବଂ ଦୁଃଖର କାରଣ ।

ପ୍ରଜା ସୁଖ ପାଇଁ ରାଜାପ୍ରାଣ ଗଢ଼ା
ରାଜାର ତପସ୍ୟା ତହିଁପାଇଁ ଲୋଡ଼ା ।
ପ୍ରଜା ଦୁଃଖୀ ହେଲେ ରାଜା ହୁଏ ଦୋଷୀ
ପ୍ରଜା ସୁଖେ ରାଜା ହୁଏ ସ୍ୱର୍ଗବାସୀ ।

Digitized by srujanika@gmail.com

ସତ୍ୟଂ କିଳ ଜାତକ

ବାରାଣସୀରାଜ ବ୍ରହ୍ମଦତ୍ତଙ୍କର ଦୁଷ୍ଟକୁମାର ନାମରେ ଗୋଟିଏ ପୁତ୍ର ଥିଲା । ତାହାର ସ୍ୱଭାବ ଏପରି ତୀକ୍ଷ୍ଣ ଏବଂ ନିଷ୍ଠୁର ଯେ ଲୋକମାନେ ତାହାକୁ ଆହତ ସର୍ପତୁଲ୍ୟ ଭୟ କରନ୍ତି । ଯେ କେହି ତାକୁ କଥା କହି ଗାଳି ମାଡ଼ରୁ ରକ୍ଷା ପାଉ ନାହିଁ । ଏହି ଦୋଷରୁ କେହି ତାହାର ପ୍ରିୟ ନ ଥିଲେ ।

ସେହି ଦୁଷ୍ଟକୁମାର ଦିନେ ଜଳକ୍ରୀଡ଼ା କରିବା ନିମନ୍ତେ ବହୁ ଅନୁଚରସହ ନଦୀତୀରକୁ ଗଲା । ସମସ୍ତେ ଜଳକ୍ରୀଡ଼ାରେ ଆସକ୍ତ ଅଛନ୍ତି, ଏପରି ସମୟରେ ପ୍ରବଳ ବାତ୍ୟା ପ୍ରଳୟ ପରି ମାଡ଼ି ଆସିଲା । ଏଥିରେ ସମସ୍ତେ ପଳାଇବାକୁ ଉଦ୍ୟତ ହେବାରେ ଦୁଷ୍ଟକୁମାର ଆଦେଶ ଦେଲା—ମୋତେ ବର୍ତ୍ତମାନ ନଦୀ ମଧ୍ୟକୁ ନେଇ ସ୍ନାନ କରାଅ । ଅନୁଚରବର୍ଗ ଭୟରେ ବାଧ୍ୟ ହୋଇ ଦୁଷ୍ଟ ପୁତ୍ରକୁ ନଦୀମଧ୍ୟକୁ ନେଇଗଲେ ଏବଂ ପରସ୍ପର ଗୋପନୀୟ ପରାମର୍ଶ କରି ସେହି ଦୁଷ୍ଟକୁ ନଦୀଜଳରେ ଭସାଇ ଦେଇ ନିଜ ନିଜ ଗୃହକୁ ଫେରି ଆସିଲେ । କୁମାରର ବନ୍ଧୁବର୍ଗ ଏବଂ ସ୍ୱୟଂ ରାଜା କୁମାରର ସମ୍ବାଦ ପଚାରିବାରେ ଅନୁଚରମାନେ କହିଲେ—ଆମ୍ଭେମାନେ କୁମାରକୁ ଦେଖୁ ନାହୁଁ । ସମ୍ଭବତଃ ସେ ବାତ୍ୟାଭୟରେ କୌଣସି ସ୍ଥଳରେ ଆଶ୍ରୟ ନେଇଅଛନ୍ତି । ରାଜା ପୁତ୍ରକୁ ନ ପାଇ ବ୍ୟସ୍ତ ହୋଇ ବହୁ ଅନୁସନ୍ଧାନ କଲେ, ମାତ୍ର କୌଣସି ତଥ୍ୟ ପାଇଲେ ନାହିଁ ।

ଏଣେ ରାଜକୁମାର ଘୋର ମେଘାନ୍ଧକାରରେ ପ୍ରବଳ ସ୍ରୋତ ଏବଂ ତୀକ୍ଷ୍ଣ ଆବର୍ତ୍ତ ମଧ୍ୟରେ ପଡ଼ି ଅବାରିତ ଗତିରେ ଭାସି ଭାସି ଗଲା । କେତେଦୂର ଯିବାପରେ ଦୈବାତ୍ ଭାସମାନ ଖଣ୍ଡେ ଶୁଷ୍କକାଷ୍ଠ ଦେଖି ତାହାର ଆଶ୍ରୟ ନେଲା ଏବଂ "ରକ୍ଷାକର, ରକ୍ଷାକର" ବୋଲି ଅନବରତ ଆର୍ତ୍ତନାଦ କଲା ।

Digitized by srujanika@gmail.com

ରାଜପୁତ୍ର ଏହିପରି ଅତଳ ଜଳରାଶି ମଧ୍ୟରେ ଭାସି ଯାଉ ଯାଉ ତାହାର ପରି ବିପଦ୍‌ଗ୍ରସ୍ତ ତିନିଗୋଟି ବନ୍ଧୁଙ୍କୁ ଭେଟିଲା । ସେଥି ମଧ୍ୟରୁ ସେହି ବାରଣସୀର ଜଣେ ଶ୍ରେଷ୍ଠୀ ପୂର୍ବ ଜନ୍ମରେ ଚାଳିଶ କୋଟି ସ୍ୱର୍ଣ୍ଣମୁଦ୍ରା ସଞ୍ଚୟ କରି ସେହି ନଦୀତୀରରେ ଗୋପନୀୟ ଭାବରେ ପୋତି ରଖିଥିଲା । ଅତ୍ୟଧିକ ଧନଲାଳସା ଯୋଗୁଁ ସେ ସର୍ପରୂପରେ ଜନ୍ମଗ୍ରହଣ କରି ସେହି ପ୍ରୋଥିତ ଧନରାଶି ନିକଟରେ ଗୋଟିଏ ଗର୍ତ୍ତରେ ବାସ କରୁଥିଲା । ଦ୍ୱିତୀୟଟି ମଧ୍ୟ ସେହିପରି ଜଣେ ଶ୍ରେଷ୍ଠୀ । ତ୍ରିଂଶକୋଟି ସ୍ୱର୍ଣ୍ଣମୁଦ୍ରା ସେହି ନଦୀତୀରରେ ପ୍ରୋଥିତ ରଖି ଇନ୍ଦୁର ରୂପରେ ଜନ୍ମଗ୍ରହଣ କରି ତାହାର ପ୍ରୋଥିତ ଧନ ନିକଟରେ ଗୋଟିଏ ଗର୍ତ୍ତରେ ବାସ କରୁଥିଲା । ଅଧିକ ବୃଷ୍ଟି ହେବାରୁ ଦୁହିଙ୍କର ଗର୍ତ୍ତ ଜଳମଗ୍ନ ହେଲା । ସୁତରାଂ ସେହି ସର୍ପ ଏବଂ ମୂଷିକ ନିରାଶ୍ରୟ ହୋଇ ନଦୀ ମଧ୍ୟରେ ଭାସି ଯାଉଥିଲେ । ଦୈବାତ୍ ରାଜକୁମାରର ଆଶ୍ରୟକାଷ୍ଠଖଣ୍ଡ ପାଇ ପାରି ତାହାର ଉଭୟ ପ୍ରାନ୍ତରେ ସେ ଦୁହେଁ ଆଶ୍ରୟ ନେଲେ । ଏହାପରେ ଗୋଟିଏ ଶୁକପକ୍ଷୀ ନଦୀତୀରସ୍ଥ ତାହାର ଆବାସବୃକ୍ଷ ଉପୁଡ଼ି ପଡ଼ିବାରୁ ଏବଂ ବାତ୍ୟାର ପ୍ରାବଲ୍ୟରେ ସେ ଉଡ଼ି ନ ପାରିବାରୁ ସେହି ଭାସମାନ କାଷ୍ଠର ଆଶ୍ରୟ ଗ୍ରହଣ କଲା । ଏହିପରି ଚାରିଗୋଟି ବିପନ୍ନ ପ୍ରାଣୀ ଅକୂଳ ଜଳରାଶିରେ ଭାସି ଭାସି ଗଲେ ।

ସେହି ସମୟରେ ବୋଧିସତ୍ତ୍ୱ କୌଣସି ଉଦୀଚ୍ୟ ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରି ଯଥା ସମୟରେ ସନ୍ନ୍ୟାସ ଅବଲମ୍ବନ ପୂର୍ବକ ସେହି ନଦୀତୀରରେ ଗୋଟିଏ ପର୍ଣ୍ଣକୁଟୀରରେ ବାସ କରୁଥିଲେ । ସେ ହଠାତ୍ ଅନ୍ଧକାରମୟ ନିଶୀଥରେ ନଦୀଗର୍ଭରୁ ବିପନ୍ନ ରାଜକୁମାରର ଆର୍ତ୍ତ ଚିତ୍କାର ଶୁଣି ଦୟାରେ ଦ୍ରବୀଭୂତ ହୋଇଗଲେ ଏବଂ କ୍ଷଣ ବିଳମ୍ବ ନ କରି "ଭୟ ନାହିଁ, ଭୟ ନାହିଁ" କହି ଭାସମାନ କାଷ୍ଠ ନିକଟକୁ ଯାଇ ତାହାକୁ ତୀରକୁ ଟାଣି ଆଣିଲେ । ସେ ଦେଖିଲେ—ସେ କାଷ୍ଠଖଣ୍ଡରେ କେବଳ ମନୁଷ୍ୟ ଆଶ୍ରିତ ନୁହେ । ତାହା ବ୍ୟତୀତ ସେଥିରେ ଗୋଟିଏ ସର୍ପ, ଗୋଟିଏ ମୂଷିକ ଏବଂ ଗୋଟିଏ ଶୁକପକ୍ଷୀ ଆଶ୍ରିତ ଅଛନ୍ତି । ସନ୍ନ୍ୟାସୀ ସେ ସମସ୍ତଙ୍କୁ ନିଜ କୁଟୀରରେ ଆଶ୍ରୟ ଦେଇ କ୍ଷୁଦ୍ର ପ୍ରାଣୀ ହେତୁରୁ ପ୍ରଥମେ

Digitized by srujanika@gmail.com

ସର୍ପ, ମୂଷିକ ଏବଂ ଶୁକକୁ ଉତ୍ତାପ ଏବଂ ଖାଦ୍ୟ ଦେଇ ସୁସ୍ଥ କରିବା ପରେ ରାଜପୁତ୍ରର ଶୁଶ୍ରୂଷା କଲେ । ପ୍ରଥମେ ରାଜପୁତ୍ରର ଶୁଶ୍ରୂଷା ନ କରି ଇତର ପ୍ରାଣୀଙ୍କର ଶୁଶ୍ରୂଷା କରିବାରେ ଅହଙ୍କାରୀ ରାଜପୁତ୍ର ଈର୍ଷାନ୍ୱିତ ହୋଇ ବୋଧିସତ୍ତ୍ୱଙ୍କୁ ମନେ ମନେ ଘୃଣା କଲା ଏବଂ ଭବିଷ୍ୟତରେ ପ୍ରତିଶୋଧ ନେବା ନିମନ୍ତେ ସଙ୍କଳ୍ପ କଲା ।

ବୋଧିସତ୍ତ୍ୱଙ୍କର ଅହରହ ଶୁଶ୍ରୂଷା ଯୋଗୁଁ ସର୍ପାଦି ଚାରି ପ୍ରାଣୀ ଅଳ୍ପଦିନ ମଧ୍ୟରେ ସୁସ୍ଥ ଏବଂ ସବଳ ହୋଇଗଲେ । ବନ୍ୟାଜଳ ମଧ୍ୟ କମିଗଲା । ସୁତରାଂ ସମସ୍ତେ ବିଦାୟ ନେବାକୁ ତତ୍ପର ହେଲେ । ବିଦାୟ କାଳରେ ସର୍ପ କହିଲା—ପ୍ରଭୋ ! ଆପଣ ମୋର ଜୀବନ ରକ୍ଷା କରି ଅତ୍ୟନ୍ତ ଉପକାର କରି ଅଛନ୍ତି, ତାହାର ପ୍ରତିଦାନ ମୁଁ ଅବା କଣ ଦେବି ? ତଥାପି ମୁଁ ନିର୍ଦ୍ଧନ ନୁହେଁ, ମୋର ଚାଳିଶ କୋଟି ସ୍ୱର୍ଣ୍ଣ-ମୁଦ୍ରା ଅଛି । ଆପଣଙ୍କର ପ୍ରୟୋଜନ ହେଲେ, ସେ ସମଗ୍ର ସମ୍ପତ୍ତି ଆପଣଙ୍କ କାର୍ଯ୍ୟରେ ଲଗାଇବାକୁ ମୋର ଆପତ୍ତି ଅଭିଯୋଗ ନାହିଁ; ଏହା କହି ସେ ନିଜବାସଗର୍ତ୍ତର ନିର୍ଦ୍ଦେଶ ଦେଇ କହିଲା—ଆପଣ ସେଠାରେ ଉପସ୍ଥିତ ହୋଇ ମୋତେ ଦୀଘା ବୋଲି ଡାକିଲେ ମୁଁ ତତ୍ କ୍ଷଣାତ୍ ଉପସ୍ଥିତ ହୋଇ ଆପଣଙ୍କର ଆଜ୍ଞା ପାଳନ କରିବି ।

ତତ୍ପରେ ମୂଷିକ କହିଲା, ପ୍ରଭୋ ! ମୁଁ ମଧ୍ୟ ଆପଣଙ୍କ ଠାରେ ଋଣୀ । ପ୍ରଭୁଙ୍କ କୃପାରୁ ମୁଁ ମଧ୍ୟ ସାମାନ୍ୟ ମୂଷିକ ନୁହେ । ମୋହର ତ୍ରିଂଶ କୋଟି ସ୍ୱର୍ଣ୍ଣମୁଦ୍ରା ଗଚ୍ଛିତ ଅଛି । ସେଥିରେ ଆଜିଠାରୁ ଆପଣଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଲା । ଆପଣ ମୋହର ଗର୍ତ୍ତ ନିକଟରେ ଉନ୍ଦୁର ବୋଲି ଡାକ ଦେଲେ ମୁଁ ଆପଣଙ୍କର ସକଳ ଆଦେଶ ପାଳନ କରିବି ।

ତତ୍ପରେ ଶୁକ କୃତଜ୍ଞତା ଜଣାଇ ନିଜର ଆବାସବୃକ୍ଷ ଚିହ୍ନାଇ ଦେଇ କହିଲା, ଆପଣ ମୋର ବାସ ନିକଟରେ ଶୁକ ବୋଲି ଡାକିଲେ ମୁଁ ଉପସ୍ଥିତ ହେବି ଏବଂ ଆପଣଙ୍କର ଦରକାର ହେଲେ ମୁଁ ମୋର

Digitized by srujanika@gmail.com

ଏହି ବନ୍ଧୁଙ୍କ ସାହାଯ୍ୟରେ ହିମାଳୟ ଅଞ୍ଚଳରୁ ଶତ ଶତ ଶକଟ ଶାଳଧାନ୍ୟ ଯୋଗାଇ ଦେଇ ପାରିବ ।

ଇତର ପ୍ରାଣୀ ଏହିପରି କୃତଜ୍ଞତା ଜ୍ଞାପନ କରୁଥିବା ବେଳେ କୃତଘ୍ନ ରାଜପୁତ୍ର ମନେ ମନେ ସଙ୍କଳ୍ପ କଲା, ଏ ଭଣ୍ଡ ତପସ୍ୱୀ କେବେ ହେଲେ ମୋର କରଗତ ହେଲେ ମୁଁ ଅବଶ୍ୟ ଏହାକୁ ଜୀବନ୍ତ କଲବଲ କରି ହତ୍ୟା କରିବ । ସେ ସେହି ସଙ୍କଳ୍ପ ସାଧନ ଉଦ୍ଦେଶ୍ୟରେ ଛଳନା କରି କହିଲା—ମହାପ୍ରଭୋ ! ମୁଁ ରାଜା ହେବା ପରେ ଆପଣ ଥରେ ହେଲେ ଦୟା କରି ମୋ ପ୍ରାସାଦରେ ଚରଣରେଣୁ ଦେଇ ମୋତେ କୃତାର୍ଥ କରିବେ । ସେ ସୁଯୋଗ ଲାଭ କରି ପାରିଲେ ମୁଁ ଆପଣଙ୍କୁ ଆପଣଙ୍କର ଯୋଗ୍ୟପୂଜା କରି ଋଣମୁକ୍ତ ହେବି । ସେମାନେ ଏହିପରି କହି ବିଦାୟ ନେଇ ନିଜ ନିଜ ସ୍ଥାନକୁ ଗଲେ ।

କେତେକାଳ ପରେ ବ୍ରହ୍ମଦତ୍ତଙ୍କର ମୃତ୍ୟୁ ହେବାରୁ ଦୁଷ୍ଟ କୁମାର ସିଂହାସନାରୋହଣ କଲା । ଏଣେ ବୋଧିସତ୍ତ୍ୱ ନିଜଠାରୁ ଉପକୃତ ପ୍ରାଣୀମାନଙ୍କର ପ୍ରତିଜ୍ଞା ପରୀକ୍ଷା ନିମନ୍ତେ ଯାଇ ପ୍ରଥମେ ସାପର ଆବାସ ନିକଟରେ ଉପସ୍ଥିତ ହେଲେ । ସେ ସେଠାରେ ସାପକୁ ଆହ୍ୱାନ କରିବାରେ ସେ ପ୍ରଣିପାତ କରି ସମୁଚିତ ସତ୍କାର କଲା ଏବଂ ଅଯାଚିତ ଭାବରେ ନିଜର ଧନଭଣ୍ଡାର ବୋଧିସତ୍ତ୍ୱଙ୍କଠାରେ ସମର୍ପଣ କଲା । ମାତ୍ର ବୋଧିସତ୍ତ୍ୱ ସେହି ବିଶାଳ ଧନରାଶି ଗ୍ରହଣ ନ କରି ସାପର ବ୍ୟବହାରରେ ସନ୍ତୁଷ୍ଟ ହୋଇ ଆବଶ୍ୟକ ହେଲେ ଧନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଜଣାଇ ଇନ୍ଦୁର ନିକଟକୁ ଗମନ କଲେ ।

ଇନ୍ଦୁର ପ୍ରାଣଦାତା ପିତାଙ୍କର ଆଗମନରେ ଆହ୍ଲାଦିତ ହୋଇ ପ୍ରଣିପାତପୂର୍ବକ ଅତ୍ୟନ୍ତ ସତ୍କାର କରି ନିଜର ସର୍ବସ୍ୱ ଗୁରୁଦେବଙ୍କ ନିକଟରେ ସମର୍ପଣ କଲା; କିନ୍ତୁ ବୋଧିସତ୍ତ୍ୱ ତାହା ଗ୍ରହଣ ନ କରି ଆବଶ୍ୟକ ହେଲେ ଗ୍ରହଣ କରିବେ କହି ଶୁକପକ୍ଷୀ ନିକଟକୁ ଯାତ୍ରା କଲେ ।

ଶୁକ ସେହିପରି ବୋଧିସତ୍ତ୍ୱଙ୍କର ସମୁଚିତ ସତ୍କାର କରି କୃତାର୍ଥ ହୋଇ ଶାଳିଧାନ୍ୟ ଆୟୋଜନ କରିବା ନିମନ୍ତେ ଅନୁମତି ପ୍ରାର୍ଥନା

Digitized by srujanika@gmail.com

କଲ୍ଲ । ମାତ୍ର ବୋଧିସତ୍ତ୍ୱ ଧାନ୍ୟ ନିମନ୍ତେ ଅବଶ୍ୟକ ସମୟ ଆସିଲେ ଅନୁମତି ଦେବାକୁ ପ୍ରତିଶ୍ରୁତି ଜଣାଇ ରାଜକୁମାରର ପରୀକ୍ଷା ନିମନ୍ତେ ବାରାଣସୀ ଯାତ୍ରା କଲେ ।

ବୋଧିସତ୍ତ୍ୱ ଭାବିଲେ—ଅର୍ଥିକ ପ୍ରାଣୀଙ୍କର ତ ଏଭଳି କୃତଜ୍ଞତା ! ମନୁଷ୍ୟ—ସେଥିରେ ପୁଣି ରାଜପୁତ୍ର; ସୁତରାଂ ତାହାର କୃତଜ୍ଞତା ତ କଳନା କରି ହେଉ ନାହିଁ । ଅଚ୍ଛା, ଦେଖାଯାଉ, ରାଜପୁତ୍ର କିପରି କୃତଜ୍ଞତା ଦେଖାଉଛି, ଦେଖିବା । ଏହା ଭାବି ଭାବି ବାରାଣସୀ ନଗରରେ ଉପସ୍ଥିତ ହେଲେ । ସେ ଉପସ୍ଥିତ ହେବା ସମୟରେ ସେହି କୃତଘ୍ନ ରାଜା ନାନା-ଲଙ୍କାରରେ ଭୂଷିତ ହୋଇ ସୁସଜ୍ଜିତ ଗଜାରୋହଣପୂର୍ବକ ଅନୁଚର-ମାନଙ୍କ ସହ ନଗର ଭ୍ରମଣ କରୁଥିଲେ । ସେ ଦୂରରୁ ବୋଧିସତ୍ତ୍ୱଙ୍କୁ ଦେଖି ରାଗରେ, ଈର୍ଷ୍ୟାରେ ଜଳି ଯାଇ ମନେ ମନେ କହିଲେ—ପାପିଷ୍ଠ, ଭଣ୍ଡ ତପସ୍ୱୀ, ରାଜଯୋଗ୍ୟ ରାଜଭୋଗ୍ୟ ଚର୍ବ୍ୟ ଚୋଷ୍ୟ, ଲେହ୍ୟପେୟ ଭୋଗ କରିବାକୁ ଆସିଲାଣି । ତାହା ପାଇଁ ଯେ ମୁଁ ବନ୍ଧନହନ୍ତୁଁ ନିରନ୍ଦଦଣ୍ଡର ବ୍ୟବସ୍ଥା କରି ରଖିଛି, ସେ ତାହା କାହୁଁ ଜାଣିବ ? ଆଉ କାଳ ବିଳମ୍ବ ନ କରି ଶୀଘ୍ର ସମୁଚିତ ଦଣ୍ଡ ଦେଇ ଏହାର ଶିରଚ୍ଛେଦ କରିବା ଉଚିତ । ନଚେତ୍ ମୋର ଯେଉଁ ଉପକାର କରିଅଛି, ତାହା ଏହି ନଗରରେ ଶୀଘ୍ର ପ୍ରଚାରିତ ହୋଇଯିବ, ଏହା ସ୍ଥିର କରି ଭୃତ୍ୟମାନଙ୍କୁ ଆଦେଶ ଦେଲ—ଦେଖ, ଏ ଯେଉଁ ଭଣ୍ଡ ତପସ୍ୱୀ ଆସୁଅଛି, ସେ ଭିକ୍ଷା ନିମନ୍ତେ ମୋତେ ବ୍ୟସ୍ତ ଓ ବିରକ୍ତ କରି ପକାଇବ; ସୁତରାଂ ସେ ମୋ ପାଖକୁ ଆସିବା ପୂର୍ବରୁ ତୁମ୍ଭେମାନେ ତାହାକୁ ଲୌହଶୃଙ୍ଖଳରେ ବାନ୍ଧି ନଗରର ଚତୁଷ୍ପଥମାନଙ୍କରେ ଠିଆ କରାଇ ଗୁରୁତର ପ୍ରହାର କର ଏବଂ ଶେଷରେ ଶ୍ମଶାନକୁ ନେଇ ତାହାର ଶିରଚ୍ଛେଦ କରି ଏବଂ ଏହାର ଗଣ୍ଡିଟାକୁ ଶୂଳବଦ୍ଧ କର ।

ରାଜଭୃତ୍ୟଗଣ ଦୁଷ୍ଟ ରାଜାର ଆଜ୍ଞାରେ ନିରପରାଧ ବୋଧିସତ୍ତ୍ୱଙ୍କୁ ସେହିପରି ଶୃଙ୍ଖଳବଦ୍ଧ କରି ଚତୁଷ୍ପଥମାନଙ୍କରେ ସ୍ଥାନେ ସ୍ଥାନେ କର୍କଶ ପ୍ରହାର କରିବାକୁ ଲାଗିଲେ । ବୋଧିସତ୍ତ୍ୱ ସେ, ଦାରୁଣ ଆଘାତରେ ମୂର୍ଚ୍ଛା

Digitized by srujanika@gmail.com

ଅଭିନାଦନ ନ କରି କେବଳ ମଧ୍ୟେ ମଧ୍ୟେ ନିମ୍ନଲିଖିତ ଗାଥା ଆବୃତ୍ତି କରିବାକୁ ଲାଗିଲେ :—

ବନ୍ୟାଜଳରେ ଭାସି ଭାସି ଯାଏ ମଣିଷର ସଙ୍ଗେ କାଠ,
ଲୋକେ କହୁଥାନ୍ତି ଶାସ୍ତ୍ର ରେ ମଣିଷ ଉଦ୍ଧାରିନାଅ କାଠ ।
ସତ୍ୟ ଏହା ବୋଲି ବୁଝି ମୁଁ ନ ଥିଲି ବୁଝିଲି ସତ୍ୟ ଆଜ,
ମଣିଷ ନିଷ୍ଟୁର ଶତ୍ରୁ ହୋଇବ, କାଠରେ ହୋଇବ କାର୍ଯ୍ୟ ।

ଚତୁଷ୍ପଥମାନଙ୍କରେ ସମବେତ ଜନସଙ୍ଘ ବୋଧିସତ୍ତ୍ୱଙ୍କ ଠାରୁ ପ୍ରହାରଜନିତ ଆର୍ତ୍ତି ଚିତ୍କାର ନ ଶୁଣି ଧାରବାହିକରୂପେ ଉଲ୍ଲିଖିତ ଗାଥା ଶୁଣିବାକୁ ପାଇଲେ । ସେମାନଙ୍କ ମଧ୍ୟରେ ଯେଉଁମାନେ ବିଜ୍ଞ ଥିଲେ, ସେମାନେ ଅନୁମାନବଳରେ ବୁଝିଲେ—ଏ ସନ୍ନ୍ୟାସୀ ନିଶ୍ଚୟ ରାଜାର ଉପକାର ସାଧନ କରିଅଛନ୍ତି, ନ ହେଲେ କାହିଁକି ବାରମ୍ବାର ଏପରି ଗାଥାର ଆବୃତ୍ତି କରନ୍ତେ ? ଏହି ଚର୍ଜଣା କରି କେହି କେହି ପଚାରିବାରେ ବନ୍ୟା-ଯୋଗେ ରାଜାଙ୍କର ଯେଉଁ ଦୁର୍ଗତି ହୋଇଥିଲା ଏବଂ ତାହାଙ୍କୁ ସେ ଯେପରି ରକ୍ଷା କଲେ, ତାହା ସେ ତନ୍ନ ତନ୍ନ କରି ବ୍ୟାଖ୍ୟା କଲେ ଏବଂ କହିଲେ—ମୁଁ ଯେଉଁ ଗାଥାର ଆବୃତ୍ତି କରୁଅଛି, ତାହା ମୋହର କଳ୍ପିତ ନୁହେଁ, ତାହା ମହାଜନୋକ୍ତ । ପ୍ରକୃତରେ ମୁଁ ଯେବେ ଏଭଳି ଅକୃତଜ୍ଞ ରାଜାକୁ ଉଦ୍ଧାର କରି ନ ଥାନ୍ତି, ତେବେ ଆଜି ମୋର କାହିଁକି ଏପରି ଦାରୁଣ ଦୁର୍ଗତି ହୋଇଥାନ୍ତା ।

ସମବେତ ଜନମଣ୍ଡଳୀ ମହାପ୍ରାଣ ବୋଧିସତ୍ତ୍ୱଙ୍କର ମର୍ମସ୍ପର୍ଶୀ ବାଣୀ ଶୁଣି ଅଗ୍ନିତୁଲ୍ୟ ଜଳି ଉଠି କ୍ରୋଧରେ, ଘୃଣାରେ, ଲଜ୍ଜାରେ କହିଲେ—ଛି, ଛି, କି ପାପିଷ୍ଠ ଏ ରାଜା ! ନିର୍ଲ୍ଲଜ ପାପିଷ୍ଠ ରାଜା ବୋଧିସତ୍ତ୍ୱଙ୍କ ଠାରୁ ପ୍ରାଣ ପାଇ ପୁଣି ଏପରି ଜଘନ୍ୟ ବ୍ୟବହାର କରୁଅଛି ? ଏହି ମୁହୂର୍ତ୍ତରେହିଁ ଏହି ନରାଧମର ଶିରଚ୍ଛେଦ ବିଧେୟ; ଏହା କହି ସେହି ଉତ୍କ୍ଷିପ୍ତ ବିରାଟ ଜନତା ତୀର, ଶକ୍ତି, ମୁଦ୍‌ଗର, ଛୁରି, ପ୍ରସ୍ତରମାନ ଘେନି ରାଜାର ନିକଟକୁ ପ୍ରଧାବିତ ହେଲେ ଏବଂ କ୍ଷଣ ବିଳମ୍ବ ନ କରି କ୍ଷତ ବିକ୍ଷତ କରି ପକାଇଲେ । ଫଳରେ ଅଳ୍ପ ସମୟ ପରେ 'ପାପିଷ୍ଠ କଲବଲ ହୋଇ ପ୍ରାଣତ୍ୟାଗ କଲା ।

Digitized by srujanika@gmail.com

ଭାବିଥିଲା—ବୋଧିସତ୍ତ୍ୱଙ୍କୁ ଜୀବନ୍ତ କଳବଳ କରି ହତ୍ୟା କରିବାକୁ । କିନ୍ତୁ କର୍ମଦୋଷରୁ ସ୍ୱୟଂ ସେ ଦଣ୍ଡଭୋଗ କଲା । କେବଳ ସେତିକି ନୁହେଁ, ନାଗରିକମାନେ ପାପିଷ୍ଠର ପିଣ୍ଡକୁ ନରକମୟ ସ୍ଥାନରେ ନିକ୍ଷେପ କରି ମହାସମାରୋହରେ ବୋଧିସତ୍ତ୍ୱଙ୍କୁ ବାରାଣସୀର ରାଜସିଂହାସନରେ ଅଭିଷିକ୍ତ କଲେ ।

ବୋଧିସତ୍ତ୍ୱ ସିଂହାସନରେ ଅଧିରୂଢ଼ ହୋଇ ଯଥାବିଧି ପ୍ରଜାପାଳନ କଲେ । ରାଜ୍ୟରେ ଅଳ୍ପଦିନ ମଧ୍ୟରେ ସର୍ବତ୍ର ସୁଖଶାନ୍ତି ବିରାଜମାନ କଲା । ଏହାପରେ କିଛିଦିନ ଗଲା ପରେ ରାଜା ବୋଧିସତ୍ତ୍ୱ ସର୍ପ, ମୂଷିକ ଏବଂ ଶୁକକୁ ପୁନଃ ପରୀକ୍ଷା କରିବା ନିମନ୍ତେ କିଛି ଅନୁଚର ସହ ପ୍ରଥମତଃ ସର୍ପର ବାସ-ନିକଟରେ ଉପସ୍ଥିତ ହୋଇ ଦୀର୍ଘ ବୋଲି ଡାକ ଦେଲେ । ଡାକ ଶୁଣିବା ମାତ୍ରେ ସର୍ପ ତାହାଙ୍କ ନିକଟରେ ଉପସ୍ଥିତ ହେଲା ଏବଂ ଆଦେଶ ମାତ୍ରେ ନିଜର ଚାଳିଶକୋଟି ସୁବର୍ଣ୍ଣ ମୁଦ୍ରା ଆଣି ତାହାଙ୍କଠାରେ ସମର୍ପଣ କଲା । ବୋଧିସତ୍ତ୍ୱ ସେ ସମସ୍ତ ଗ୍ରହଣ କରି ସର୍ପକୁ ସଙ୍ଗରେ ନେଇ ଇନ୍ଦୁର ନିକଟରେ ଉପସ୍ଥିତ ହେଲେ । ଇନ୍ଦୁର ମଧ୍ୟ ଯଥାବିଧି ସମ୍ମାନ କରି ନିଜର ତିରିଶକୋଟି ସ୍ୱର୍ଣ୍ଣମୁଦ୍ରା ସମର୍ପଣ କଲା । ତତ୍ପରେ ବୋଧିସତ୍ତ୍ୱ ସର୍ପ ଏବଂ ଇନ୍ଦୁରକୁ ସଙ୍ଗରେ ନେଇ ଶୁକ ନିକଟରେ ଉପସ୍ଥିତ ହେଲେ । ଶୁକ ସେଥିରେ କୃତକୃତ୍ୟ ହୋଇ ଧାନ୍ୟ ସଂଗ୍ରହ ପାଇଁ ଅନୁମତି ପ୍ରାର୍ଥନା କଲା । ମାତ୍ର ବୋଧିସତ୍ତ୍ୱ ବର୍ତ୍ତମାନ ଧାନ୍ୟ ଅନାବଶ୍ୟକ କହି ଉକ୍ତ ତିନି ପ୍ରାଣୀଙ୍କୁ ସଙ୍ଗରେ ଘେନି ରାଜଧାନୀରେ ଉପସ୍ଥିତ ହେଲେ । ତତ୍ପରେ ରାଜା ବୋଧିସତ୍ତ୍ୱ ସୁମନୋହର ପ୍ରାସାଦୋପରି ସର୍ପର ବାସ ନିମନ୍ତେ ସୁବର୍ଣ୍ଣନାଳିକା, ଇନ୍ଦୁର ନିମନ୍ତେ ସ୍ଫଟିକଗୁହା ଏବଂ ଶୁକ ନିମନ୍ତେ ସୁବର୍ଣ୍ଣପିଞ୍ଜରା ନିର୍ମାଣ କରାଇଲେ । ଏତଦ୍‌ବ୍ୟତୀତ ସର୍ପ ଓ ଶୁକର ଆହାର ନିମନ୍ତେ ମଧୁମିଶ୍ରିତ ଲଜା ଏବଂ ଇନ୍ଦୁର ନିମନ୍ତେ ଗନ୍ଧ ଶାଳିତଣ୍ଡୁଳର ବ୍ୟବସ୍ଥା ହେଲା । ରାଜ-କୋଷସଞ୍ଚିତ ଧନରାଶିରେ ରାଜ୍ୟରେ ଶତ ଶତ ଶୁଭାନୁଷ୍ଠାନ ସଂଗଠିତ ହେଲା । ପୁଣ୍ୟାତ୍ମା ବୋଧିସତ୍ତ୍ୱଙ୍କ ରାଜତ୍ୱରେ ସର୍ବତ୍ର ସୁଖ ଶାନ୍ତି ବିରାଜିତ ହେଲା ।

Digitized by srujanika@gmail.com

ବନ୍ଧୁବର୍ଷସୁଶାସନ ପରେ ବୋଧିସତ୍ତ୍ୱ ଯଥାକାଳରେ ନିଜର ଓ ଯୁବତମ ସର୍ପ ପ୍ରଭୃତି ପ୍ରାଣୀସମୂହଙ୍କ ସହ ଇହଲୀଳା ସାଙ୍ଗ କଲେ ।

ଶାସ୍ତା ଶିଷ୍ୟମାନଙ୍କୁ କହିଲେ—ପୂର୍ବଜନ୍ମର ଦେବଦତ୍ତ ଇହ ଜନ୍ମରେ ଦୁଷ୍ଟ ରାଜକୁମାର, ସାରିପୁତ୍ର ସର୍ପ, ମୌଦ୍‌ଗଲ୍ୟାୟନ ଇନ୍ଦୁର, ଆନନ୍ଦ ଶୁକ ଏବଂ ମୁଁ ସେହି ବୋଧିସତ୍ତ୍ୱ ଅଟେ ।

କୃତଘ୍ନର କେବେ ନାହିଁଟି ନିସ୍ତାର,
ଦେଖ ପଛେ ସସାଗରା-ଧରେଶ୍ୱର ।
ଲଭଇ କୃତଜ୍ଞ ଧାଇକୁଣ୍ଠେ ବାସ,
ଧାର୍ମିକକୁ ଧର୍ମ ରଖଇ ଅବଶ୍ୟ ।

Digitized by srujanika@gmail.com

ଇଲ୍ଲୀସ ଜାତକ

ପୂର୍ବେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ଅଶୀତି କୋଟି ସୁବର୍ଣ୍ଣର ଅଧୀଶ୍ୱର ଇଲ୍ଲୀସ ନାମରେ ଜଣେ ଶ୍ରେଷ୍ଠୀ ବାସ କରୁଥିଲେ । ମନୁଷ୍ୟଠାରେ ଯେତେ ଦୋଷ ରହି ପାରେ, ଇଲ୍ଲୀସଠାରେ ସେଥିରୁ ଗୋଟିକର ସୁଦ୍ଧା ଅଭାବ ନ ଥିଲା । ସେ ଖଞ୍ଜା, କୁଜା, ଟେରା ଏବଂ ବିରୂପ ଥିଲା । କେବେ ଦୈବାତ୍ ଅଜ୍ଞାତରେ ସୁଦ୍ଧା ତାହାର ଧର୍ମ ପ୍ରତି ଶ୍ରଦ୍ଧା ଦେଖାଯାଇ ନ ଥିଲା । ଏତଦ୍‌ବ୍ୟତୀତ ସେ ସର୍ବଦା ସବୁ ବିଷୟରେ ସନ୍ଦିଗ୍ଧ ଏବଂ ଅସନ୍ତୁଷ୍ଟ । ସେ ପୁଣି ଏପରି କୃପଣ ଯେ ଅନ୍ୟକୁ ଦାନ ଦେବା ଦୂରେ ଥାଉ, ସ୍ୱୟଂ ପ୍ରାଣ ସଙ୍କଟରେ ଉପସ୍ଥିତ ହେଲେ କପର୍ଦ୍ଦକ-ମାତ୍ର ବ୍ୟୟ କରିବାକୁ କୁଣ୍ଠିତ । ଏହି ସ୍ୱଭାବ ଯୋଗୁଁ ଲୋକେ ତାହାର ଗୃହକୁ ରାକ୍ଷସପରିଗୃହୀତ ପୁଷ୍କରିଣୀ ବୋଲି ମନେ କରନ୍ତି । କିନ୍ତୁ ତାହାର ପିତୃପିତାମହାଦି ପୂର୍ବ ପୁରୁଷମାନେ ଅକାତର ଦାନ କରି ଅତ୍ୟନ୍ତ ଖ୍ୟାତି ଉପାର୍ଜନ କରିଥିଲେ । ଆଶ୍ଚର୍ଯ୍ୟର କଥା, ଇଲ୍ଲୀସ ଏଭଳି ବଂଶରେ ଜନ୍ମଗ୍ରହଣ କରି ସୁଦ୍ଧା ପାରିବାରିକ ପରମ୍ପରା ପାଳନ ନ କରି ପୈତୃକ ଦାନଶାଳାମାନ ଧ୍ୱଂସ କଲା । ଯାଚକମାନଙ୍କୁ ଅପମାନ, ତିରସ୍କାର ଦେଇ ପ୍ରହାର କରି ବିତାଡ଼ିତ କରିବାରେ କିଛିଏ ମାତ୍ର ହେଳା କରୁ ନ ଥିଲା । ଅହୋରାତ୍ର ପାପପୁଣ୍ୟ ପ୍ରତି ଦୃଷ୍ଟି ନ ଦେଇ ମଧୁମକ୍ଷିକା-ତୁଲ୍ୟ ଧନ ସଞ୍ଚୟ କରିବାକୁ ଲାଗିଲା ।

ଏକଦା ଇଲ୍ଲୀସ ରାଜାଙ୍କ ସହିତ ସାକ୍ଷାତ କରି ଗୃହକୁ ଫେରି ଆସିବା ସମୟରେ ଦେଖିଲା, ଜଣେ ଜନପଦବାସୀ କାଷ୍ଠାସନରେ ବସି ହସ୍ତରେ ସୁରାଭାଣ୍ଡ ଧରି ପାତ୍ର ପୂର୍ଣ୍ଣ କରି ସୁରାପାନ କରୁଅଛି ଏବଂ ମଧ୍ୟେ ମଧ୍ୟେ ଦୁର୍ଗନ୍ଧ ଶୁଷ୍କମୀନ ତୃପ୍ତିର ସହିତ ଚର୍ବଣ କରୁଅଛି । ଏପରି ବୀଭତ୍ସ ଦୃଶ୍ୟ ଦେଖି ସୁଦ୍ଧା କେଜାଣି କାହିଁକି ଇଲ୍ଲୀସର ସୁରାପାନଇଚ୍ଛା ବଳବତୀ ହେଲା । କିନ୍ତୁ ସେ ଭାବିଲା—ମୁଁ ଯଦି ସୁରାପାନ କରେ, ତେବେ ମୋ ଦେଖା-

Digitized by srujanika@gmail.com

ଦେଖି ଗୃହର ଅନ୍ୟାନ୍ୟମାନେ ମଧ୍ଯ ସୁରାପାନ କରିବେ । ଏପରି ହେଲେ ଅବଶ୍ୟ ପ୍ରଚୁର ଧନକ୍ଷୟ ହେବ । ଏହି କାରଣରୁ ସେ ତତ୍‌କ୍ଷଣାତ୍ ସୁରାପାନରୁ ବିରତ ହେଲା ।

ତଥାପି ତାହାର ସେ ସଂଯମ ବହୁକାଳ ସ୍ଥାୟୀ ହୋଇ ରହିଲା ନାହିଁ । ସେ ପୁଣି ସେହି ଆକାଂକ୍ଷାର ବଶବର୍ତ୍ତୀ ହେଲା । ମାତ୍ର ଧନକ୍ଷୟ ଆଶଙ୍କାରେ ତାହା କାର୍ଯ୍ୟରେ ପରିଣତ କରି ନ ପାରି ଚିନ୍ତାରେ କ୍ରମଶଃ ଶୀର୍ଣ୍ଣ ଏବଂ ଦୁର୍ବଳ ହୋଇ ଦୁଃଖରେ ଦିନାତିପାତ କରିବାକୁ ଲାଗିଲା । ତାହାର ସ୍ତ୍ରୀ ସ୍ୱାମୀର ଏବମ୍ବିଧ ଅବସ୍ଥା ଦେଖି ଅସୁଖର କାରଣ ପଚାରିଲା । ନାନା ଅନୁନୟ ବିନୟ ପରେ ଇଲ୍ଲୀସ ମନୋଭାବ ଜ୍ଞାପନ କରିବାରେ ସ୍ତ୍ରୀ କହିଲା— ଆପଣଙ୍କ ଉପଯୋଗୀ ସୁରା ମୁଁ ସ୍ୱୟଂ ସ୍ୱହସ୍ତରେ ପ୍ରସ୍ତୁତ କରିଦେବି । ଇଲ୍ଲୀସ କହିଲା—ଏପରି କଲେ ଗୃହର ଅନ୍ୟ ସକଳ ସୁରାପାନ କରିବାର ସୁବିଧା ପାଇ ପାରିବେ । ସୁତରାଂ ଧନକ୍ଷୟର ବାଟ ଆହେ ଅଧିକ ବର୍ଦ୍ଧିତ ହୋଇଯିବ । ବରଂ ଅନ୍ୟସ୍ଥାନରୁ କ୍ରୟ କରି ଆଣି ସୁରାପାନ କରିବା ଶ୍ରେୟସ୍କର । ଶେଷରେ ସେ ଶୌଣ୍ଡିକାଳୟରୁ ଏକମୁଦ୍ରାର ସୁରା ଆଣାଇ ନଗରର ବାହାରେ କୌଣସି ଲତାଗୁଳ୍ମପୂର୍ଣ୍ଣ ସ୍ଥାନରେ ଗୋପନୀୟ ଭାବରେ ଇଚ୍ଛାନୁରୂପ ସୁରାପାନ କରିବାକୁ ଲାଗିଲା । ସୁରାସ୍ୱାଦ ଥରେ ଜିହ୍ୱାରେ ଲାଗିଲେ ଲୋକ ତହିଁରୁ ନିବୃତ୍ତ ହେବା ଅସମ୍ଭବ; ସୁତରାଂ ଇଲ୍ଲୀସ ପ୍ରତ୍ୟହ ଏହିପରି ତହିଁରେ ଆସକ୍ତ ହେଲା ।

ଇଲ୍ଲୀସର ପିତା ଦାନଧର୍ମ ପ୍ରଭାବରୁ ସ୍ୱର୍ଗରେ ଶକ୍ରରୂପେ ଜନ୍ମଗ୍ରହଣ କରିଥିଲେ । ଇଲ୍ଲୀସ ଏହିପରି ସୁରାସକ୍ତ ହେବା ସମୟରେ ଦୈବାତ୍ ତାଙ୍କର ମନେ ହେଲା—ମୋର ପୁତ୍ର ମୋହରି ପରି ଦାନଧର୍ମାଦି ସତ୍କର୍ମ କରୁଛି କି ନା ? ସେ ନିଜର ପ୍ରଭାବରେ ଜାଣି ପାରିଲେ ଯେ—କୁଳାଙ୍ଗାର ପୁତ୍ର ଅତ୍ୟନ୍ତ କୃପଣ, ଦାନ ଧର୍ମ କରିବା ଦୂରେ ଥାଉ, ତାହା କରିବା ପାଇଁ ଚିନ୍ତା କରେ ନାହିଁ । ଅଧିକନ୍ତୁ ପୈତୃକ ଅତିଥିଶାଳାମାନ ଧ୍ୱଂସ କରିଅଛି ଏବଂ ଅତିଥିମାନଙ୍କୁ ନାନା କଦର୍ଯ୍ୟ ରୀତିରେ ଭର୍ତ୍ସନା କରୁଅଛି । କେବଳ ସେତିକି ନୁହେଁ, ଅପରନ୍ତୁ ସୁରାପାନରେ ପ୍ରମତ୍ତ

Digitized by srujanika@gmail.com

ମୋର ଧନସମ୍ପଦର ପନ୍ଥା ପ୍ରଶସ୍ତ କରୁଅଛି । ଶକ୍ର ଏ ସମସ୍ତ ଜାଣି ଘୋର ଅତ୍ୟନ୍ତ ଦୁଃଖିତ ହେଲେ ଏବଂ ଭୂତଳକୁ ଆସି ଉପଦେଶବଳରେ ଇଲ୍ଲୀସଙ୍କୁ ପୁଣ୍ୟ କାର୍ଯ୍ୟରେ ପ୍ରବୃତ୍ତିନା ଦେବାକୁ ଅଭିଳାଷ କଲେ ।

ଶକ୍ର ଆଉ ସମୟ ବିଳମ୍ବ ନ କରି ନିଜ ପ୍ରଭାବରେ ନିଜ ବିଭୂତିବଳରେ ସ୍ୱୟଂ ଦୁର୍ବୃତ୍ତ, ଖଞ୍ଜ ଓ ଚର୍ମାକ୍ କୃଷ୍ଟି ଇଲ୍ଲୀସ ସ୍ୱରୂପ ଧାରଣ କରି ବାରାଣସୀରେ ଅବତରଣ କଲେ । ସେ ଏପରି ରୂପ ଧାରଣ କଲେ ଯେ ସାକ୍ଷାତ୍ ଇଲ୍ଲୀସଙ୍କୁ ଦେଖା ଯାଉଥିଲେ । ସେ ରୂପରେ କେହି କିଛି ପ୍ରଭେଦ ଦେଖି ପାରୁ ନ ଥିଲେ । ଛଦ୍ମବେଶୀ ଶକ୍ର ରାଜଦ୍ୱାରରେ ଉପସ୍ଥିତ ହୋଇ ରାଜାଙ୍କୁ ସାକ୍ଷାତ କରିବା ଅଭିଳାଷ ଜଣାଇବାରେ ରାଜା ସଙ୍ଗେ ସଙ୍ଗେ ଅଗ୍ରହରେ ଦେଖା ଦେଇ ଯଥୋଚିତ ସମ୍ମାନ କରି ତାହାଙ୍କ ସହିତ ଅଳାପ କଲେ ।

ରାଜା ତାହାଙ୍କୁ ଅସମୟରେ ଆସିବାର କାରଣ ପଚାରିବାରୁ ସେ କହିଲେ—ମହାରାଜ ! ମୋର ଚୌରାଅଶୀ କୋଟି ସୁବର୍ଣ୍ଣ ମୁଦ୍ରା ଅଛି । ମୁଁ ସେ ସମସ୍ତ ଆପଣଙ୍କୁ ସମର୍ପଣ କରୁଅଛି । ଆପଣ ସେ ସବୁ ନିଜର ଭଣ୍ଡାରରେ ରଖିଲେ ମୁଁ କୃତାର୍ଥ ହେବି । ରାଜା କହିଲେ—ମୋର ଭଣ୍ଡାରରେ ଧନର ଅଭାବ ନାହିଁ । ସୁତରାଂ ତୁମର ଧନରେ ମୋର ପ୍ରୟୋଜନ ନାହିଁ । ଏହାପରେ ଛଦ୍ମବେଶୀ ଜଣାଇଲା—ଯଦି ମୋହର ଧନରେ ଆପଣଙ୍କର ପ୍ରୟୋଜନ ନାହିଁ, ତେବେ ଯଥେଚ୍ଛା ଦାନ ନିମନ୍ତେ ଆପଣ ମୋତେ ଅନୁମତି ପ୍ରଦାନ କରନ୍ତୁ । ରାଜା ସେଥିରେ ଅନୁମତି ପ୍ରଦାନ କରିବାରୁ ଶ୍ରେଷ୍ଠୀରୂପୀ ଶକ୍ର ଇଲ୍ଲୀସଗୃହରେ ପ୍ରବେଶ କଲେ ! ସେ ଗୃହର ଦାସଦାସୀ ଓ କର୍ମଚାରୀସକଳ ଗୃହସ୍ୱାମୀଙ୍କୁ ଦେଖି ନିଜ ନିଜ ସେବାରେ ନିଯୁକ୍ତ ହେଲେ । ତଦନନ୍ତର ଇଲ୍ଲୀସରୂପୀ ଶକ୍ର ଦ୍ୱାରପାଳକୁ ଡକାଇ ଆଦେଶ ଦେଲେ—ଦେଖ, ସାବଧାନ, ଯଦି ମୋର ପରି କେହି ଏହି ଗୃହରେ ପ୍ରବେଶ କରିବାକୁ ଉଦ୍ୟମ କରେ, ତେବେ ତାହାକୁ ତାଡ଼ା କରାଇ ଦେବ ନାହିଁ । ଅଧିକନ୍ତୁ ତାହାକୁ ଉତ୍ତମ ମଧ୍ୟମ ଦେଇ ବହିଷ୍କୃତ କରିଦେବ । ଏହାପରେ ଶକ୍ର ପ୍ରାସାଦୋପରି ମହାର୍ଘ

Digitized by srujanika@gmail.com

ଅସନରେ ଅସୀନ ହୋଇ ଇଲ୍ଲୀସପତ୍ନୀଙ୍କୁ ଡକାଇ କହିଲେ—ଭଦ୍ରେ! ଆମର ଧନ ପ୍ରଚୁର। କିନ୍ତୁ ଅଦ୍ୟାବଧି ତାହାର ସଦ୍‌ବ୍ୟବହାର ହୋଇ ପାରିଲା ନାହିଁ। ଯେଉଁ ଧନ ଭୋଗରେ ଲାଗି ନ ପାରିଲା, ସେ ଧନ ବୃଥା। ସୁତରାଂ ମୁଁ ସଙ୍କଳ୍ପ କରୁଛି—ଏଣିକି ଆମର ଧନରେ ଦାନ ପୁଣ୍ୟ କରି ଧନର ସଦ୍‌ବ୍ୟବହାର କରିବା।

ଅକସ୍ମାତ୍ ଇଲ୍ଲୀସଠାରୁ ଏହି ଅସମ୍ଭବ କଥା ଶୁଣି ତାହାର ପତ୍ନୀ, ପୁତ୍ର କନ୍ୟା, ଦାସ ଦାସୀ ସମସ୍ତେ ବିସ୍ମିତ ହୋଇ ଭାବିଲେ—ଯେ ଦେହକୁ ମଧ୍ୟ ପର୍ଯ୍ୟନ୍ତ ଭୋଗ କରିବାକୁନାରାଜ, ସେ କିପରି ଦାନଶୀଳ ହେବାକୁ ସଙ୍କଳ୍ପ କରୁଅଛି। ଏହା ବଡ଼ ଅସମ୍ଭବ! ଆଜି ଏ ନୂତନ ସୁରାପାନ କରିଅଛି। ସମ୍ଭବତଃ ସୁରାପ୍ରତାପରୁ ଏହି ସ୍ୱଭାବବିରୁଦ୍ଧ ସଙ୍କଳ୍ପ କରୁଅଛି। ଶ୍ରେଷ୍ଠୀପତ୍ନୀ କହିଲା—ସ୍ୱାମିନ୍! ଧନ ଆପଣଙ୍କର, ଆପଣ ଦାନ କଲେ ଆପତ୍ତି କରିବାର ଅଧିକାର କାହାର ନାହିଁ। ମାୟାଇଲ୍ଲୀସ କହିଲା—ତେବେ ନଗରରେ ବର୍ତ୍ତମାନ ଭେରୀ ବଜାଇ ଜଣାଇ ଦିଅ ଯେ—ଯାହାର ଯେତେ ସ୍ୱର୍ଣ୍ଣରୌପ୍ୟ, ମଣିମାଣିକ୍ୟ ଆବଶ୍ୟକ, ସେ ଶୀଘ୍ର ଉପସ୍ଥିତ ହୋଇ ଇଚ୍ଛାନୁରୂପ ଧନ ଗ୍ରହଣ କରୁ। ଶ୍ରେଷ୍ଠୀର ଆଦେଶାନୁସାରେ ନଗର ମଧ୍ୟରେ ଢେଣ୍ଡ଼ରା ଦିଆଗଲା। ଦେଖୁ ଦେଖୁ ଶ୍ରେଷ୍ଠିଦ୍ୱାର ଯାଚକମାନଙ୍କ ଯୋଗେ ଲୋକାରଣ୍ୟ ହୋଇଗଲା। ଲୋକମାନେ ଝୁଲି, ଥଳୀ, ବସ୍ତା, ମୁଣି ପୂର୍ଣ୍ଣ କରି ଧନରତ୍ନ ବହିବାକୁ ଲାଗିଲେ। କେହି କେହି ଲୋଭରେ ଅଧିକ ଧନ ଏକତ୍ର କରି ଭାର ସାହାଯ୍ୟରେ ପ୍ରଚୁର ଧନ ନିଜ ଗୃହକୁ ନେଇଗଲେ।

ଜଣେକ ଜନପଦବାସୀ ସେହି ଇଲ୍ଲୀସର ଗୋଟିଏ ଶକଟରେ ବହୁମୂଲ୍ୟବାନ ଧନରତ୍ନ ପୂର୍ଣ୍ଣ କରି ସ୍ୱୟଂ ଶକଟ ଚଳାଇ ନିଜ ଗୃହକୁ ଯାଉଥିଲା। ଇଲ୍ଲୀସ ଯେଉଁଠାରେ ଲୁକ୍କାୟିତ ଭାବରେ ସୁରାପାନ କରୁଥିଲା, ସେହି ଶକଟଚାଳକ ସେହି ସ୍ଥାନ ଦେଇ ଯାଉ ଯାଉ ଇଲ୍ଲୀସକୁ ପ୍ରଶଂସା କରି କହିଲା—ଧନ୍ୟ ଇଲ୍ଲୀସ! ତୁମ୍ଭର ଜୀବନ ଧନ୍ୟ।

Digitized by srujanika@gmail.com

ତୁମ୍ଭେ ମୋତେ ଅଢ଼େର ଧନ ରତ୍ନ ଦେଲ, ସେଥିପାଇଁ ମୁଁ ଚିରକୃତଜ୍ଞ । ମୋର ଆଉ ଦୁଃଖର କାରଣ ନାହିଁ । ମୁଁ ଅଜିଠାରୁ ଆଜୀବନ ସୁଖୀ ହେଲି । ପୃଥିବୀରେ କେହି କେବେ ତୁମପରି ଦାନ କରି ନ ଥିଲେ । ପ୍ରଚୁର ଧନରତ୍ନ ଦେଇ ତାହା ପୁଣି ବହି ନେବାକୁ ନିଜର ଶକଟଟିଏ ମଧ୍ୟ ଦାନ କରିଅଛ । ଏହା ଏକ ଅଭିନବ ଦାନ । ତୁମ୍ଭେ ଦୀର୍ଘାୟୁ ହୁଅ, ତୁମ୍ଭର ଯଶ ଚତୁର୍ଦ୍ଦିଗରେ ବିସ୍ତାରିତ ହେଉ ।

ସୁରାପାନାସକ୍ତ ଇଲ୍ଲୀସ ଲତାଅନ୍ତରାଳରୁ ନିଜର ଏପରି ପ୍ରଶଂସାବାଦ ଶୁଣି ବିସ୍ମିତ ହୋଇ ବାହାରକୁ ଆସି ଦେଖେ ତ— ପ୍ରକୃତରେ ସେ ଗୋ ଏବଂ ଶକଟ ତାହା ନିଜର । ପୁଣି ସ୍ୱଚକ୍ଷୁରେ ଦେଖିଲେ— ପ୍ରଚୁର ଧନରତ୍ନ ଜଣେ ଜନପଦବାସୀ ନେଇ ଯାଉଛି । ଏହା ଦେଖି ସେ ସ୍ତବ୍ଧ ଏବଂ ଚକିତ ହୋଇଗଲେ । ଭାବିଲେ— ଏ କି ବ୍ୟାପାର ! ତେବେ ରାଜା କଣ ମୋର ଅନୁପସ୍ଥିତିରେ ବଳପୂର୍ବକ ମୋର ସମସ୍ତ ଧନରତ୍ନ ରାଜ୍ୟର ପ୍ରଜାମାନଙ୍କୁ ବିତରଣ କରିଦେଲେ । ନ ହେଲେ ସାମାନ୍ୟ ଜନପଦବାସୀ ନିର୍ଭୀକଭାବରେ ଏତେ ଗୁଡ଼ିଏ ଧନ ନେଇ ଯିବାକୁ ସାହସ କରନ୍ତା କି ? ନିଶ୍ଚୟ ଏହା ରାଜାର କୃତ୍ୟ । ଏହା ଦେଖି ସେ ଅସମ୍ଭାଳ ହୋଇ ଜନପଦବାସୀ ନିକଟକୁ ଯାଇ ସେ ସମସ୍ତ ଧନରତ୍ନ ଛଡ଼ାଇବାକୁ ଲାଗିଲେ । ଜନପଦବାସୀ ସେଥିରେ ଉତ୍ୟକ୍ତ ହୋଇ କହିଲେ —ଏ କି ଅତ୍ୟାଚାର ? ମୋର ଏହା ଚୋରିଧନ ନୁହେଁ । ଏହା ପୁଣ୍ୟାତ୍ମା ଇଲ୍ଲୀସଙ୍କର ଦାନ । ଏହିପରି କିଏ କେତେ ଦାନ ପାଇ ଅଛନ୍ତି, ତାହାର କଳନା ନାହିଁ । ମୋର ଏତିକିମାତ୍ର ଧନରତ୍ନ ଦେଖି ତୁମେ କାହିଁକି ମୋ ଉପରେ ଅଯଥା ଉପଦ୍ରବ କରୁଛ ? ମୋର ଯିବାରେ ବିଳମ୍ବ ହେଉଅଛି, ଆଉ ଉପଦ୍ରବ କର ନାହିଁ । ଇଲ୍ଲୀସ ଏସବୁ ଶୁଣିଲେ, କିନ୍ତୁ ସେଥିରୁ କ୍ଷାନ୍ତ ହେଲେ ନାହିଁ । ବରଂ ଅଜସ୍ର ଦାନକଥା ଶୁଣି ଅଧିକ ଉତ୍କ୍ଷିପ୍ତ ହେଲେ । ସୁତରାଂ ଜନପଦବାସୀ ବାଧ୍ୟ ହୋଇ ତାହାକୁ ଉତ୍ତମ ମଧ୍ୟମ ଦେଇ ଦ୍ରୁତଗତିରେ ଶକଟ ଚଳାଇ ପ୍ରସ୍ଥାନ କଲେ ।

Digitized by srujanika@gmail.com

କଠୋର ପ୍ରହାର ଯୋଗୁଁ ଇଲ୍ଲୀସର ମୁଖମଣ୍ଡଳ କେଉଁଅଂଶେ ଚେଥେଇଗଲା । ସେ ଦୁଃଖରେ ଏବଂ କ୍ଷୋଭରେ ଅଧୀର ହୋଇ ଗୃହାଭିମୁଖରେ ପ୍ରସ୍ଥାନ କଲା । ଯାଉ ଯାଉ ବାଟରେ ଦେଖିଲା—ବହୁତ ଲୋକ ତାହାର ଧନରତ୍ନ ବହିନେଇ ଯାଉଅଛନ୍ତି । ସେ ସେଥିରେ ବ୍ୟାକୁଳ ହୋଇ ସେହି ଧନଗ୍ରାହୀମାନଙ୍କୁ ଦୃଢ଼ଭାବରେ ଧଇଲା । କିନ୍ତୁ ପ୍ରହାର ବ୍ୟତୀତ ଆଉ କିଛି ଲାଭ ହେଲା ନାହିଁ । ପରିଶେଷରେ ଇଲ୍ଲୀସ ଏହିପରି ବିଷମ ପ୍ରହାରରେ କ୍ଷତବିକ୍ଷତ ହୋଇ ରାଜଦ୍ୱାରରେ ଚିତ୍କାର କରି ରାଜାଙ୍କୁ ଜଣାଇଲା—ମହାରାଜ ! ବହୁ ଯତ୍ନ, ବହୁ ପରିଶ୍ରମରେ ସଞ୍ଚିତ ମୋର ଧନରତ୍ନରାଶି କେଉଁ ଅପରାଧରୁ ଆପଣ ଅପହରଣ କରିଦେଲେ ?

ରାଜା ବିସ୍ମିତ ହୋଇ କହିଲେ—ଦୁର୍ବୃତ୍ତ ! ତୁମର କଣ ମସ୍ତିଷ୍କବିକାର ଘଟିଛି କି ? ତୁମେ ନିଜେ ଆମଠାରୁ ଧନଅପହରଣ ନିମନ୍ତେ ଅନୁମତି ନେଇଅଛ ଏବଂ ଅପହରଣ ଉଦ୍ଦେଶ୍ୟରେ ତୁମେହିଁ ଢଣ୍ଡେରା ବଜାଇ ଲୋକମାନଙ୍କୁ ଆହ୍ୱାନ କରିଅଛ । ବର୍ତ୍ତମାନ କପଟ ବିପରୀତ କଥା କହୁଛ, ଆମେ ବୁଝିପାରୁ ନାହୁଁ । ଏଥିରେ ଇଲ୍ଲୀସ ଅଧିକ ବିସ୍ମିତ ହୋଇ କହିଲା—ମହାରାଜ ! ଏହା କପଟ କଥା ? ଆପଣ ଯାହା କହିଲେ, ମୁଁ ତାହା ଆଦୌ ଜାଣେ ନାହିଁ । ତାହାହେଲେ କୌଣସି ପ୍ରତାରକ ଏପରି କାର୍ଯ୍ୟ କରିଅଛି । ସୁତରାଂ ମହାରାଜ ! ଆଉ କ୍ଷଣ ବିଲମ୍ବ ନ କରି ତହିଁର ବିହିତ ପ୍ରତିକାର କରନ୍ତୁ, ନଚେତ୍ ମୋର ସର୍ବନାଶ ହୋଇଯିବ ।

ରାଜା ସଙ୍ଗେ ସଙ୍ଗେ ମାୟା ଇଲ୍ଲୀସକୁ ଡକାଇ ଆଣାଇଲେ । ପ୍ରକୃତ ଇଲ୍ଲୀସ ମାୟା ଇଲ୍ଲୀସକୁ ଦେଖି ରାଗରେ ଜର୍ଜର ଏବଂ ଦୁଃଖରେ କଲବଲ ହୋଇଗଲା । ରାଜା ଉଭୟଙ୍କର ଆକୃତିରେ କୌଣସି ପାର୍ଥକ୍ୟ ନ ଦେଖି ସେ ମଧ୍ୟ ସ୍ତବ୍ଧ ହୋଇଗଲେ । ବର୍ଣ୍ଣ, ବୟସ, ଆକାର, ପ୍ରକାର ଅଙ୍ଗବିକାର ପ୍ରଭୃତି ସକଳ ବିଷୟ ଉଭୟଙ୍କର ସମାନ । କେହି କାହାରିଠାରୁ ଭିନ୍ନ ନୁହେ । ଏଥିରେ ପ୍ରକୃତ ଇଲ୍ଲୀସ ଚିହ୍ନିବା ଅସମ୍ଭବ ।

Digitized by srujanika@gmail.com

ରାଜା, ଅମାତ୍ୟମଣ୍ଡଳୀ ଏବଂ ଅନୁଚରବର୍ଗ ସମସ୍ତେ ବଡ଼ ସନ୍ଦେହରେ ପଡ଼ିଲେ । କେହି କିଛି ସ୍ଥିର କରି ପାରିଲେ ନାହିଁ । ଶେଷରେ ସନ୍ଦେହ ଦୂର କରିବା ନିମନ୍ତେ ଇଲ୍ଲୀସର ଭାର୍ଯ୍ୟାକୁ ଅଣାଗଲା । ଏପର୍ଯ୍ୟନ୍ତ ସେ ମଧ୍ୟ ଏ ଦୁଇଜଣଙ୍କୁ ଦେଖି ନ ଥିଲା । ନିଜର ସ୍ୱାମୀକୁ ବାଛି ନେବା ସକାଶେ ତାକୁ କୁହାଯିବାରେ ସେ ବଡ଼ ସନ୍ଦେହରେ ପଡ଼ିଲା । ସେ ବହୁତ ଇତସ୍ତତଃ ହୋଇ ପରିଶେଷରେ ମାୟା ଇଲ୍ଲୀସକୁ ନିଜର ସ୍ୱାମୀ ବୋଲି ଠାବାଇଦେଲା । ଏଥିରେ ପ୍ରକୃତ ଇଲ୍ଲୀସର ନୈରାଶ୍ୟ ଅଧିକ ବଢ଼ିଗଲା । ସେ କହିଲା—ମହାରାଜ ! ଚିହ୍ନିବାର ଉପାୟ ନ ଥିବାରୁ ମୋର ସ୍ତ୍ରୀ ମୋତେ ଚିହ୍ନି ପାରି ନାହିଁ । ମୋ ମୁଣ୍ଡର କେଶତଳେ ଗୋଟିଏ ଚର୍ମ-କୀଳ ଅଛି, ତାହା ନାପିତ ଜାଣେ । ସେ ଏହାର ସାକ୍ଷ୍ୟ ଦେଇ ପାରିବ ।

ବୋଧିସତ୍ତ୍ୱ ସେହି ସମୟରେ ନାପିତକୁଳରେ ଜନ୍ମଗ୍ରହଣ କରି ଇଲ୍ଲୀସର ନାପିତକାର୍ଯ୍ୟ କରୁଥିଲେ । ରାଜାଜ୍ଞାରେ ସେହି ନାପିତକୁ ଅଣାଗଲା ଏବଂ ଚର୍ମକୀଳ ଲକ୍ଷ୍ୟ ଦେଖି ପ୍ରକୃତ ଇଲ୍ଲୀସ ସ୍ଥିର କରିବା ଭାର ତାହା ଉପରେ ନ୍ୟସ୍ତ କରାଗଲା । କିନ୍ତୁ ନାପିତ ପରୀକ୍ଷା କରି ଦେଖେ ତ ଉଭୟଙ୍କ ମସ୍ତକରେ ଚର୍ମକୀଳ ବିଦ୍ୟମାନ । ସୁତରାଂ ସେ କିଛି ସିଦ୍ଧାନ୍ତ କରି ନ ପାରି କହିଲା—

ଦୁହେଁ ଠେଙ୍ଗା, ଦୁହେଁ ଖେଣ୍ଟା, ଦୁହେଁ ସମାନ କୁଜା,
ଦୁହଙ୍କ ମୁଣ୍ଡ ସମାନ ଟାଙ୍ଗରା ବାଛିବା କଠିନ ରାଜା ।

ଇଲ୍ଲୀସ ନାପିତ ସାକ୍ଷ୍ୟକୁ ଅତ୍ୟନ୍ତ ଆଶା କରିଥିଲା, ତାହା ନିଷ୍ଫଳ ହେବାରୁ ସେ ଦୁଃଖରେ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲା । ଶକ୍ର ଏହି ଶେଷ ଦୁର୍ଦ୍ଦଶା ଦେଖି ନିଜ ପ୍ରଭାବରେ ଆକାଶଗାମୀ ହୋଇ କହିଲେ—ମୁଁ ଇଲ୍ଲୀସ ନୁହେଁ, ଶକ୍ର । ଇଲ୍ଲୀସର କୃପଣତା ଯୋଗୁଁ ମୋତେ ଏ ସମସ୍ତ ବ୍ୟାପାର କରିବାକୁ ହେଲା । ଏଥିମଧ୍ୟରେ ଶୀତଳୋପଚାର କରିବାରେ ଇଲ୍ଲୀସ ସଜ୍ଞାଲାଭ କଲା । ସେ ସେହି ଆକାଶବାଣୀ ଶୁଣି ଶକ୍ରଙ୍କୁ ପ୍ରଣିପାତ ଜଣାଇଲା । ଶକ୍ର କହିଲେ—ଦେଖ ଇଲ୍ଲୀସ, ଏ ବିଶାଳ ସମ୍ପତ୍ତି ତୁମର ନୁହେ, ମୋର । ସମ୍ପତ୍ତି ଯାହାର ହେଉ, ଦାନ

Digitized by srujanika@gmail.com

ନ କଲେ ଧନର ସାର୍ଥକତା ହୁଏ ନାହିଁ । ପ୍ରକୃତ ତନ୍ତୁ ବେ ମହାଦୁଃଖ ହୁଏ । ତୁମ୍ଭେ ପିତୃପିତାମହଙ୍କ ତୁଲ୍ୟ ଅତିଥିସତ୍କାର ନ କର ଏବ ନିରାଶ୍ରୟମାନଙ୍କୁ ସାହାଯ୍ୟ ନ ଦେଇ ଲୋଭରେ ପଡ଼ି ଅଭିରକ୍ତ ସଞ୍ଚୟ କରିଅଛ, ପୈତୃକ ଅତିଥିଶାଳାମାନ ଧ୍ୱଂସ କରିଅଛ, ଯାଚକମାନଙ୍କୁ ପ୍ରହାର କରି ନିରାଶ କରିଅଛ ; ସୁତରାଂ ତୁମର ଏହିପରି ଦୁର୍ଗତି ହେଲା । ବର୍ତ୍ତମାନ ଯଦି ଅତିଥିଶାଳାନିର୍ମାଣ, ନିତ୍ୟ ଅତିଥିସତ୍କାର ଏବ ଦୀନମାନଙ୍କୁ ସାହାଯ୍ୟ କରିବ, ତାହାହେଲେ ତୁମ୍ଭେ ପୁଣି ଧନଶାଳୀ ହୋଇଯିବ । ନଚେତ୍ ତୁମର ସମସ୍ତ ସମ୍ପତ୍ତି ଧ୍ୱଂସ ହୋଇଯିବ ଏବ ଅକାଳ ବଜ୍ରପାତରେ ତୁମ୍ଭର ମସ୍ତକ ଚୂର୍ଣ୍ଣ ହେବ ।

ଇଲ୍ଲୀସ ଶକ୍ରଙ୍କର ଉପଦେଶ ଶିରୋଧାର୍ଯ୍ୟ କରି ସକଳପ୍ରକାର ସତ୍କାର୍ଯ୍ୟ ପାଇଁ ସଙ୍କଳ୍ପ କଲେ ଏବଂ ଶକ୍ର ପୁନଶ୍ଚ ଧର୍ମୋପଦେଶ ଦେଇ ଅନ୍ତର୍ହିତ ହେଲେ । ସେହିଦିନଠାରୁ ମହାକୃପଣ ଇଲ୍ଲୀସ ମଧ୍ୟ ଅଜସ୍ର ଦାନ କରି ଶେଷରେ ଇହଲୋକରେ ଅମର ଖ୍ୟାତି ଲାଭ କଲା ।

ମଧୁଚକ୍ରେ ମଧୁ ସଞ୍ଚେ ମକ୍ଷିକା ଯେସନେ,
ନ ଭୋଗେ ନ ଦିଏ ଲଭେ କାହାକୁ ଜୀବନେ ।
ସେହିପରି ଧନରାଶି ସଞ୍ଚେ ଯେଉଁ ଜନ,
ତା ଧନ ବିଅର୍ଥ ହୁଏ ନ କରିଲେ ଦାନ ।
ଅର୍ଜିତ ଧନର ତ୍ୟାଗ ଅଟଇ ରକ୍ଷଣ,
ସେ ଅଟେ ଚତୁର, ଯେହୁ ପାଳେ ଏ ବଚନ ।

Digitized by srujanika@gmail.com

ଭୀମସେନ ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ରାଜତ୍ୱରେ କୌଣସି ଗ୍ରାମରେ ବ୍ରାହ୍ମଣକୁଳରେ ବୋଧିସତ୍ତ୍ୱ ଜନ୍ମଗ୍ରହଣ କରିଥିଲେ । ସେ ତକ୍ଷଶିଳା ନଗରୀରେ କୌଣସି ଆଚାର୍ଯ୍ୟଙ୍କ ନିକଟରେ ଅଧ୍ୟୟନ କରି ଅତ୍ୟଳ୍ପ ବୟସରେ ତ୍ରିବେଦ ଏବଂ ଅନ୍ୟାନ୍ୟ ବହୁବିଦ୍ୟାରେ ବ୍ୟୁତ୍ପନ୍ନ ପଣ୍ଡିତ ହୋଇଥିଲେ । ଲୋକମାନେ ତାହାଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାହାଙ୍କୁ ଚୂଲ୍ଲଧନୁର୍ଗ୍ରହ ପଣ୍ଡିତ ଆଖ୍ୟା ଦେଇଥିଲେ ।

ବୋଧିସତ୍ତ୍ୱ ନିଜର ପାଣ୍ଡିତ୍ୟକୁ କାର୍ଯ୍ୟରେ ପ୍ରୟୋଗ କରିବା ନିମନ୍ତେ ତକ୍ଷଶିଳା ତ୍ୟାଗ କରି ଅନ୍ଧ୍ରରାଜ୍ୟକୁ ଗମନ କଲେ । ବୋଧିସତ୍ତ୍ୱ ସେ ଜନ୍ମରେ ଈଷତ୍ କୁବ୍ଜ ଏବଂ ବାମନ ଥିଲେ । ସେ ମନେ କଲେ— ମୋର ଏହି ବିକଳାଙ୍ଗ ଏବଂ ବାମନରୂପ ଦେଖିଲେ ମୋତେ କର୍ମର ଅଯୋଗ୍ୟ ବୋଲି ଯେ କୌଣସି ରାଜା ଭାବିବ । ତେଣୁ ଜଣେ ପୃଥୁଳ ଏବଂ ଦୀର୍ଘାକାର ଲୋକ ସଂଗ୍ରହ କରିବା ଆବଶ୍ୟକ । ଏହାପରେ ସେ ଗୋଟିଏ ତନ୍ତୀ ଗ୍ରାମରେ ଉକ୍ତ ଆକାରର ଲୋକ ଅନୁସନ୍ଧାନ କରୁ କରୁ ଦୈବାତ୍ ଭୀମସେନ ନାମକ ଜଣେ ମହାକାୟ ଲୋକକୁ ଦେଖିବାକୁ ପାଇଲେ ଏବଂ ସେହିପରି ଲୋକ ତାଙ୍କର ଆବଶ୍ୟକ ଥିବାରୁ ତାକୁ ପଚାରିଲେ—ତୁମର ନାମ କଣ ? ଏବଂ ତୁମ୍ଭେ କି ଜୀବିକା କର ? ସେ କହିଲା—ମୋର ନାମ ଭୀମସେନ ଏବଂ ମୁଁ ଜାତିରେ ତନ୍ତୁବାୟ । ଏହା ଶୁଣି ବୋଧିସତ୍ତ୍ୱ କହିଲେ—ଭୀମସେନ, ତୁମେ ସୁନ୍ଦର ବଳିଷ୍ଠ ଯୁବକ, ତୁମ୍ଭେ ଏହି ସାମାନ୍ୟ ତନ୍ତ୍ରକାର୍ଯ୍ୟ କରି କି ଲାଭ କରିପାର ? ତୁମ୍ଭେ ଏ ବ୍ୟବସାୟ ତ୍ୟାଗ କରି ମୋ ସଙ୍ଗରେ ଚାଲ, ମୁଁ ତୁମ୍ଭଙ୍କୁ ଏପରି ଉପାୟ ଦେବି, ଯହିଁରେ କି ତୁମ୍ଭେ ପ୍ରଚୁର ଲାଭ କରିପାରିବ । ଭୀମସେନ ସେଥିରେ ସମ୍ମତ ହେବାରୁ ସେ କହିଲେ—ମୁଁ ଜମ୍ବୁଦ୍ୱୀପରେ ଅଦ୍ୱିତୀୟ ଧନୁର୍ଦ୍ଧର । କିନ୍ତୁ ମୋର ଏହି କ୍ଷୁଦ୍ର ଶରୀର ଯୋଗୁଁ ମୋତେ କେହି

Digitized by srujanika@gmail.com

ବିଶ୍ୱାସ କରିବେ ନାହିଁ । ବର୍ତ୍ତମାନ ତୁମ୍ଭେ ମୋର ଅଗ୍ରଣୀ ହୁଅ, ମୁଁ ତୁମ୍ଭର ପଶ୍ଚାଦ୍‌ଗାମୀ ହେବି । ରାଜାଙ୍କ ସଙ୍ଗରେ ଦେଖା ହେଲେ ତୁମ୍ଭେ ନିଜକୁ ମହାଧନୁର୍ଦ୍ଧର ଏବଂ ମୋତେ ତୁମ୍ଭର ବାଳକ ଭୃତ୍ୟ ବୋଲି ପରିଚୟ ଦେବ । ଯେ କୌଣସି ପ୍ରକାର ବିକ୍ରମର ପରୀକ୍ଷା ହେଉ, ମୁଁ ତୁମ୍ଭର ପଛରେ ରହି ତୁମ୍ଭଙ୍କୁ ନିଶ୍ଚୟ ଜୟଯୁକ୍ତ କରାଇବି, ତୁମ୍ଭର ଭୟର କାରଣ କିଛି ନାହିଁ । ରାଜା ତୁମ୍ଭର ଆସ୍ଫାଳନ ଦେଖିଲେ ନିଶ୍ଚୟ ତୁମ୍ଭଙ୍କୁ ଉଚ୍ଚ ବେତନରେ ଉଚ୍ଚ କାର୍ଯ୍ୟରେ ନିଯୁକ୍ତ କରିବେ । ଏହା ଶୁଣି ଭୀମସେନ କହିଲା—ଅତି ଉତ୍ତମ କଥା, ଆପଣ ଯାହା କରାଇବେ, ମୁଁ ତାହା କରିବାକୁ ପ୍ରସ୍ତୁତ ଅଛି ।

ଅନନ୍ତର ବୋଧିସତ୍ତ୍ୱ ଭୀମସେନକୁ ଅଗ୍ରଣୀ କରି ବାରାଣସୀରେ ଉପସ୍ଥିତ ହୋଇ ରାଜାଙ୍କ ସହିତ ସାକ୍ଷାତ କଲେ । ରାଜା ଭୀମସେନର ବଳିଷ୍ଠ ବପୁ ଦେଖି ପ୍ରସନ୍ନ ହୋଇ ପଚାରିଲେ—ତୁମ୍ଭେ କଣ ଲୁହିଁ ? ସେ କହିଲା—ମହାରାଜ ! ମୁଁ ଜମ୍ବୁଦ୍ୱୀପରେ ଅଦ୍ୱିତୀୟ ଧନୁର୍ଦ୍ଧର, ମୋହର ନାମ ଭୀମସେନ, ମୋ ସଙ୍ଗରେ ଯେଉଁ ବାଳକଟି ଅଛି, ସେ ମୋର ଭୃତ୍ୟ, ମୁଁ ମହାରାଜାଙ୍କ ନିକଟରେ ସେନାପତି ହେବା ଆଶାରେ ଆସିଅଛି । ରାଜା ତାହାର ବିଶାଳ ଆକାରରେ ପ୍ରୀତ ହୋଇଥିଲେ । ସୁତରାଂ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ମାସିକ ସହସ୍ର ମୁଦ୍ରା ବେତନରେ ସେନାପତି ପଦରେ ନିଯୁକ୍ତ କଲେ ।

ଭୀମସେନ ବୋଧିସତ୍ତ୍ୱଙ୍କର ପରାମର୍ଶ ଅନୁସାରେ ସକଳ ରାଜକାର୍ଯ୍ୟ ସମାଧାନ କରିବାକୁ ଲାଗିଲା । ତାହାର ସାହସ ଏବଂ କାର୍ଯ୍ୟ ଦେଖି ରାଜା ସନ୍ତୁଷ୍ଟ ହେଲେ । କେତେଦିନ ପରେ କାଶୀରାଜ୍ୟର କୌଣସି ବନରେ ଭୟଙ୍କର ବ୍ୟାଘ୍ର ଉପଦ୍ରବ ହେଲା । ବ୍ୟାଘ୍ରକବଳରେ ପଡ଼ି ବହୁଲୋକ ପ୍ରାଣ ହରାଇଲେ । ଭୟରେ ଲୋକଙ୍କର ଯାତାୟାତ ବନ୍ଦ ହୋଇଗଲା । ରାଜା ଏହି ବ୍ୟାଘ୍ର ଉପଦ୍ରବରୁ ପ୍ରଜାମାନଙ୍କୁ ରକ୍ଷା କରିବା ନିମନ୍ତେ ସେନାପତି ଭୀମସେନକୁ ଡକାଇ କହିଲେ—ତୁମ୍ଭେ ଏ ବାଘଟା ମାରି ପାରିବ ତ ? ସେ କହିଲା—ମହାରାଜ ! ଏହା ଅତି ସାମାନ୍ୟ କଥା,

Digitized by srujanika@gmail.com

ମୁଁ ବିନା ଅସ୍ତ୍ରରେ କେବଳ ହାତରେ ଅନାୟାସରେ ବାଘଟା ମାରି ଦେଇ ପାରେ, ନଚେତ୍ ମୋହର ଧନୁର୍ଦ୍ଧର ନାମ ନାହିଁ କି ରହିବ । ସେ ଏହା କହି ବାଘ ମାରିବା ନିମନ୍ତେ ବିଦାୟ ନେଇ ଗଲା ।

ଭୀମସେନର ବଳ କେତେ ? ସର୍ବୋପରି ସାହସ କେତେ ? ତାହା ସ୍ୱୟଂ ଭୀମସେନ ଜାଣେ ଅଥବା ବୋଧିସତ୍ତ୍ୱଙ୍କୁ ଗୋଚର । ସାମାନ୍ୟ କଥାଟାଏ ହେଲେ ସୁଦ୍ଧା ସେ ତାହା ବୋଧିସତ୍ତ୍ୱଙ୍କୁ ନ ପଚାରି କରେ ନାହିଁ ବା କରି ପାରିବ ନାହିଁ । ଏହା ତ ଗୋଟାଏ ବଡ଼ କଥା, ନ ପଚାରି କରିବା ତା ପକ୍ଷେ ଅସମ୍ଭବ । ବୋଧିସତ୍ତ୍ୱଙ୍କୁ ଜଣାଇବାରେ ସେ କହିଲେ —ଦେଖ, ଭୀମସେନ ! ବାଘ ବଡ଼ ଭୟଙ୍କର ଜନ୍ତୁ, ହଠାତ୍ ବାଘ ପାଖକୁ ଯିବ ନାହିଁ । ସଙ୍ଗରେ ଦୁଇହଜାର ପର୍ଯ୍ୟନ୍ତ ଗ୍ରାମବାସୀ ନେଇ ବଣରେ ପଶିବ । ସେମାନେ କୋଳାହଳ କରି ବାଘକୁ ମାରିବାର ଉଦ୍ୟମ କରୁଥିବା ସମୟରେ ତୁମ୍ଭେ ଲତା ଗହଳରେ ଲୁଚି ରହିଥିବ । ଯେତେବେଳେ ଦେଖିବ ଲୋକ ବାହୁଅଁଟା କରି ବାଘଟା ମାରିଦେବେ, ସେତେବେଳେ ତୁମ୍ଭେ ଲତାଗହଳକୁ ଦାନ୍ତରେ ଗୋଟେ ଲଟି ଭୋଜି ବାହାରିବ ଏବଂ ଏଗରେ ଲୋକଙ୍କୁ ପଚାରିବ—ଏ ବାଘ ମାରିଲା କିଏ ? ବାଘଟାକୁ ଧରି ନେବାକୁ ମୋତେ ଆଦେଶ ଥିଲା । କ ଘ ବାନ୍ଧିବାକୁ ମୁଁ ଲଟି ଭୋଜି ଦାଉଡ଼ିଛୁ । ତୁମ୍ଭେ କିଏ ତାହୁଁ କ ମାରିଲ, ମୋତେ ଶୀଘ୍ର ଜଣାଅ, ନଚେତ୍ ଭୟଙ୍କର ଦଣ୍ଡ ପାଇବ । ଏଥିରେ ସେମାନେ ଭୀତ ହୋଇ ତୁମ୍ଭଙ୍କୁ ଅନେକ ଧନ ଉତ୍କୋଚ ଦେବେ । ଏତଦ୍ବ୍ୟତୀତ ବାଘ ମାରିଥିବା ହେତୁ ରାଜା ମଧ୍ୟ ପ୍ରଚୁର ପୁରସ୍କାର ଦେବେ ।

ଭୀମସେନ କହିଲେ—ଏହା ଅତି ଉତ୍ତମ ପରାମର୍ଶ । ଏହାପରେ ଭୀମସେନ ବୋଧିସତ୍ତ୍ୱଙ୍କ ପରାମର୍ଶ ଅନୁସାରେ ବହୁଲୋକ ସଂଗ୍ରହ କରି ସେହିମାନଙ୍କ ଦ୍ୱାରା କୌଶଳରେ ବ୍ୟାଘ୍ର ହତ୍ୟା କରାଇ ମୃତ ବ୍ୟାଘ୍ର ସହ ରାଜାଙ୍କ ନିକଟରେ ଉପସ୍ଥିତ ହେଲା । ରାଜା ସେଥିରେ ସନ୍ତୁଷ୍ଟ ହୋଇ ଭୀମସେନକୁ ପ୍ରଚୁର ଧନ ପୁରସ୍କାର ଦେଲେ ।

Digitized by srujanika@gmail.com

ଏହାର କିଛିଦିନ ପରେ ଗୋଟାଏ ବନ୍ୟ ମହିଷ ଉତ୍ପାତ କରିବାରୁ ରାଜା ତାହାକୁ ବଧ କରିବା ନିମନ୍ତେ ଭୀମସେନକୁ ଆଦେଶ ଦେଲେ । ଭୀମସେନ ବୋଧିସତ୍ତ୍ୱଙ୍କଠାରୁ ନୂତନ ପରାମର୍ଶ ନେଇ ଅନାୟାସରେ ମହିଷ ବଧ କରି ଫେରି ଆସି ରାଜାଙ୍କଠାରୁ ପୁଣି ପ୍ରଚୁର ଧନ ପୁରସ୍କାରରୂପେ ଲାଭ କଲା ।

ଐଶ୍ୱର୍ଯ୍ୟରେ ସୁଖ ଯେତିକି, ଦୁଃଖ ମଧ୍ୟ ସେତିକି । ବିଦ୍ୟାବିବେକହୀନ ଲୋକ ପକ୍ଷରେ ପୁଣି ଐଶ୍ୱର୍ଯ୍ୟ ଅତ୍ୟନ୍ତ ମାରାତ୍ମକ । ଭୀମସେନ ନୀଚ ଓ ଏବଂ ମୂର୍ଖ । ସେ କେବଳ ବୋଧିସତ୍ତ୍ୱଙ୍କ ପ୍ରଭାବରୁ ବେତନ ଏବଂ ପୁରସ୍କାରରୂପେ ପ୍ରଚୁର ଧନଲାଭ କରି ଧନଶାଳୀ ହେଲା । ଏ ବିଶାଳ ଧନରାଶି ତାହାର କିପରି ହେଲା, ତାହା ତାହାର ମନରେ ନାହିଁ । ସେ ଧନଯୋଗେ ଗର୍ବରେ ଧରାକୁ ଶରା ଜ୍ଞାନ କଲା । ବୋଧିସତ୍ତ୍ୱଙ୍କୁ ଆଉ ମନୁଷ୍ୟ ବୋଲି ଲେଖିଲା ନାହିଁ । ଅଧିକନ୍ତୁ ତାହାଙ୍କୁ ସର୍ବଦା ତୁଚ୍ଛ ତାଚ୍ଛିଲ୍ୟ କରି ନାନା କଟୁକଥା କହିଲା । ସେ କୃତଘ୍ନ; ମୂର୍ଖତା ଯୋଗୁଁ ସିନା ଏପରି କଲା । କିନ୍ତୁ ବୋଧିସତ୍ତ୍ୱ ତ ମୂର୍ଖ ନୁହନ୍ତି, ସେ ପରମ ପଣ୍ଡିତ; ସୁତରାଂ ସେ ସେଥିରେ ବିଚଳିତ ନ ହୋଇ ଭୀମସେନ ପ୍ରତି ପୂର୍ବପରି ସ୍ନେହ ରଖି ଚଳୁଥାନ୍ତି ।

କିଛିଦିନ ପରେ ଜଣେ ରାଜା ହଠାତ୍ ବାରାଣସୀ ଅବରୋଧ କରି ରାଜା ବ୍ରହ୍ମଦତ୍ତଙ୍କୁ ସମ୍ବାଦ ଦେଲେ—ଯେବେ ରାଜ୍ୟରକ୍ଷା କରିବା ତୁମ୍ଭର ଅଭିପ୍ରେତ, ତେବେ ଯୁଦ୍ଧ କର, ନଚେତ୍ ବଶ୍ୟତା ସ୍ୱୀକାର କରି ରାଜ୍ୟରୁ ଅନ୍ତରିତ ହୁଅ । ବ୍ରହ୍ମଦତ୍ତ ଏଥିରେ ଆଶଙ୍କିତ ନ ହୋଇ ଯୁଦ୍ଧ ନିମନ୍ତେ ସେନାପତି ଭୀମସେନକୁ ଆଦେଶ ଦେଲେ । ଏତତ୍ ପୂର୍ବରୁ ଭୀମସେନର ଅହଂକାର ବଢ଼ି ଯାଇଥିଲା ଏବଂ ସେହି ଅହଂକାର ଯୋଗୁଁ ବୋଧିସତ୍ତ୍ୱଙ୍କୁ ଅନାଦର କରୁଥିଲା । ସୁତରାଂ ତାଙ୍କ ସହିତ କୌଣସି ପରାମର୍ଶ ନ କରି ଆପାଦମସ୍ତକ ସୈନିକବେଶରେ ସୁସଜ୍ଜିତ ହୋଇ ସୁସଜ୍ଜିତ ହସ୍ତିପୃଷ୍ଠରେ ଆରୋହଣ କରି ଯୁଦ୍ଧ ନିମନ୍ତେ ଅଗ୍ରସର ହେବାକୁ ଲାଗିଲା । ବୋଧିସତ୍ତ୍ୱ ଭୀମସେନର ଏ ଅବସ୍ଥା ଦେଖି ତାହାର ଜୀବନହାନିର ଆଶଙ୍କା କରି ନିଜେ ସ୍ୱତଃପ୍ରେରିତ ହୋଇ ସୈନିକବେଶରେ ଭୀମସେନର ପଶ୍ଚାତ୍

Digitized by srujanika@gmail.com

ସ୍ଥଳରେ ସେହି ହସ୍ତୀରେ ଉପବେଶନ କଲେ । ଅନନ୍ତର ସେହି ହସ୍ତୀ ବହୁ ସୈନ୍ୟ ପରିବୃତ ହୋଇ ଯୁଦ୍ଧକ୍ଷେତ୍ରରେ ଉପଗତ ହେଲା । ଭୀମସେନ ରଣକ୍ଷେତ୍ରରେ ତୁମୁଳ ରଣଭେରୀ ନାଦ ଶୁଣିଲା କ୍ଷଣି ଭୟରେ ବଜ୍ରାହତ ହେଲା । ବୋଧିସତ୍ତ୍ୱ ଦେଖିଲେ ଯେ, ଭୀମସେନ ନିଶ୍ଚୟ ହସ୍ତିପୃଷ୍ଠରୁ ଭୂତଳରେ ପଡ଼ି ପ୍ରାଣ ହରାଇବ । ସୁତରାଂ ସେ ତାହାକୁ ରଜ୍ଜୁଦ୍ୱାରା ହସ୍ତିପୃଷ୍ଠରେ ଏପରି ବନ୍ଧନ କଲେ ଯେ ତାହାର ଆଉ ପତନର ଆଶଙ୍କା ରହିଲା ନାହିଁ । ସେ ପତନରୁ ରକ୍ଷା ପାଇଲା ସତ୍ୟ, ମାତ୍ର ଭୟବେଗେ ସେହି ହସ୍ତିପୃଷ୍ଠରେ ତାହାର ମଳତ୍ୟାଗ ହୋଇଗଲା । ଏହା ଦେଖି ବୋଧିସତ୍ତ୍ୱ କହିଲେ—ଅହୋ ! ତୁମ୍ଭର ପୂର୍ବର ପ୍ରତିଜ୍ଞା ଏବଂ ବର୍ତ୍ତମାନ କାର୍ଯ୍ୟର ଠିକ ଆକାଶ ପାତାଳ ପ୍ରଭେଦ ? ସେତେବେଳେ ନିଜକୁ ମହାବୀର ବୋଲି ଯେଉଁ ଆସ୍ଫାଳନ କରୁଥିଲ, ଏବେ ତାହାର ଫଳରେ କଣ ହସ୍ତିପୃଷ୍ଠରେ ମଳତ୍ୟାଗ ମାତ୍ର ସାର ହେଲା ?

'କଲ କେତେ ଗର୍ବ ଲଗେ ଚମତ୍କାର,
ରଣକ୍ଷେତ୍ରେ ହେଲା ମଳତ୍ୟାଗ ସାର ।
କଲ ଯେ ପ୍ରତିଜ୍ଞା କଲ ଯେଉଁ କାର୍ଯ୍ୟ
କାହିଁ ତାର ମେଳ ଏହି କି ହେ ଧୈର୍ଯ୍ୟ ?

ବୋଧିସତ୍ତ୍ୱ ଭୀମସେନକୁ ଏହିପରି ବହୁ ଭର୍ତ୍ସନା କରି ବୃଦ୍ଧା ସ୍ନେହ ଯୋଗୁଁ ସାନ୍ତ୍ୱନା ଦେଇ କହିଲେ—ଭୟ କର ନାହିଁ, ମୁଁ ଥାଉଁ ଥାଉଁ କିଏ ତୁମ୍ଭର ପ୍ରାଣନାଶ କରି ପାରେ ? ଏଠାରେ ତୁମ୍ଭର ରହିବା ନିଷ୍ପ୍ରୟୋଜନ । ତୁମ୍ଭେ ସ୍ନାନ କରି ଗୃହକୁ ଫେରିଯାଅ । ମୁଁ ଅଦମ୍ୟ ଶତ୍ରୁ ସଂହାର କରି ଅବଶ୍ୟ ଯଶସ୍ୱୀ ହେବି । ଭୀମସେନ ଗୃହକୁ ଫେରି ଆସିଲା ଏବଂ ବୋଧିସତ୍ତ୍ୱ ଶତ୍ରୁସଂହାର କରି ଜୟକେତନ ଉଡ଼ାଇ ରାଜଧାନୀକୁ ଫେରି ଆସିଲେ । ରାଜା ସନ୍ତୁଷ୍ଟ ହୋଇ ବାମନ ସେନାପତି ବୋଧିସତ୍ତ୍ୱଙ୍କୁ ବହୁ ପୁରସ୍କାର ଦେଲେ । ସେହିଦିନଠାରୁ ବୋଧିସତ୍ତ୍ୱଙ୍କର କ୍ଷୁଦ୍ରଧନୁର୍ଦ୍ଧର ପଣ୍ଡିତ ଉପାଧିର ସାର୍ଥକତା ସମସ୍ତେ ବୁଝି ପାରିଲେ । ତତ୍ପରେ ସେ ଭୀମସେନକୁ ପ୍ରଚୁର ଅର୍ଥ ଦେଇ ଗୃହକୁ ବିଦାୟ କରି—

Digitized by srujanika@gmail.com

ଦେଲେ ଏବଂ ବନ୍ଧୁଜନ ପର୍ଯ୍ୟନ୍ତ ସ୍ୱଜନସଂଯୋଗରେ ରତ୍ନ ଭଣ୍ଡେଶ୍ୱରର ପ୍ରଶଂସା ଲାଭ କଲେ । ପରିଶେଷରେ ନିଜର ସକଳ ସଞ୍ଚିତ ଅର୍ଥ ସତ୍ ପାତ୍ରରେ ଦାନ କରି ବୈକୁଣ୍ଠ ଗମନ କଲେ ।

ବ୍ୟାଘ୍ରଚର୍ମ ପିନ୍ଧି କେବେହେଁ ଗର୍ଦ୍ଦଭ,
ଦେଖାଇ ପାରେ କି ବ୍ୟାଘ୍ରର ପ୍ରଭାବ ?
ଯହିଁ ତହିଁ ଶକ୍ତି ଲୁଚି ନ ପାରଇ,
ବେଳ କାଳ ହେଲେ ଫୁଟି ବାହାରଇ ।

Digitized by srujanika@gmail.com

କୁହକ ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ କୌଣସି ଗ୍ରାମରେ ଜଣେ ଜଟାକୋପିନଧାରୀ ଧୂର୍ତ୍ତ ତପସ୍ୱୀ ବାସ କରୁଥିଲା । ନାନା ପ୍ରକାର ଛଳନା ଦେଖାଇ ଲୋକମାନଙ୍କୁ ପ୍ରତାରଣା କରିବା ତାହାର ଲକ୍ଷ୍ୟ ଥିଲା । ଭଣ୍ଡମାନେ ଏହିପରି ନାନା ଛଳନା କରି ଲୋକମାନଙ୍କୁ ଭୁଲାଇ ଥାନ୍ତି । ସାଧୁ ସରଳ ଲୋକମାନେ ସେ କୁଟିଳତା ବୁଝି ପାରନ୍ତି ନାହିଁ । ସେହି ଭଣ୍ଡ ତପସ୍ୱୀ ଏପରି ନିସ୍ପୃହତା ଦେଖାଇଲା ଯେ, ଗ୍ରାମବାସୀ ଲୋକମାନେ ତାହା ବୁଝି ପାରିଲେ ନାହିଁ । ବରଂ ତାହାକୁ ଅତ୍ୟନ୍ତ ଭକ୍ତି କଲେ । ସେହି ଗ୍ରାମବାସୀ ଜଣେ ଧନଶାଳୀ ଲୋକ ତପସ୍ୱୀ ପ୍ରତି ଭକ୍ତିପରାୟଣ ହୋଇ ତାହାର ଆବାସ ନିମନ୍ତେ ବନମଧ୍ୟରେ ଗୋଟିଏ ପର୍ଣ୍ଣଶାଳା ନିର୍ମାଣ କରାଇଦେଲେ ଏବଂ ପ୍ରତ୍ୟହ ନିଜ ଗୃହରୁ ଉତ୍ତମ ଖାଦ୍ୟ ମଧ୍ୟ ପ୍ରେରଣ କଲେ । ସୁନ୍ଦର ଆବାସ ଏବଂ ରୁଚିକର ଖାଦ୍ୟ ପାଇ ତପସ୍ୱୀ ଆନନ୍ଦରେ ଦିନାତିପାତ କଲା । କିନ୍ତୁ ଭୂସ୍ୱାମୀ ଆସିବା ବେଳକୁ ପୂଜା, ଜପ, ସ୍ତବ, ସ୍ତୋତ୍ର ପ୍ରଭୃତିରେ ଲାଗିଯାଏ । ତପସ୍ୱୀର ଏହି ସବୁ ଆଚରଣ ଦେଖି ଭୂସ୍ୱାମୀ ତାହାକୁ ପରମ ଶୀଳବାନ୍ ବୈରାଗୀ ବୋଲି ବିଶ୍ୱାସ କଲା । ଭୂସ୍ୱାମୀର ଗୃହରେ ପ୍ରଚୁର ସମ୍ପତ୍ତି ଥିବାରୁ ସେ ସର୍ବଦା ଚୌରଭୟରେ ଶଙ୍କିତ ଥିଲା । ଏହି ଶୀଳବାନ୍ ବୈରାଗୀଙ୍କ ନିକଟରେ ବନମଧ୍ୟରେ କିଛି ଧନ ପ୍ରୋଥିତ କରି ରଖିଲେ ନିରାପଦରେ ରହିବ ଭାବି ସେ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ନେଇ ତପସ୍ୱି କୁଟୀରରେ ପ୍ରୋଥିତ କଲା ଏବଂ ତପସ୍ୱୀକୁ କହିଲା—ପ୍ରଭୋ ! ଏଥି ପ୍ରତି ଆପଣ ଦୃଷ୍ଟି ରଖିଥିବେ । ତପସ୍ୱୀ କହିଲା—ବତ୍ସ ! ଅମ୍ଭେମାନେ ପରିବ୍ରାଜକ, ଧନରତ୍ନ ଆମ୍ଭମାନଙ୍କର ବୈରୀ । ସେଥିରେ ଶାନ୍ତି ବା ତୃପ୍ତି ନାହିଁ ବୋଲି ଜଟା କୌପୀନ ଧାରଣ କରି ସେ ସବୁ ଛାଡ଼ି ଫଳ ମୂଳ ଖାଇ ସୁଖରେ ଅଛୁଁ । ତୁମ୍ଭେ ଯେଉଁଥିରୁ ଗୃହେ ବିପଦ ଆଶ

Digitized by srujanika@gmail.com

ଅଗରେ ରଖିଦେଇ ଗଲ । ତୁମ୍ଭେ ପୂର୍ଣ ଅମ୍ଭର ଭକ୍ତ । ତଥାପି ତୁମ୍ଭ ଧନ ଯେପରି ନିରୁପଦ୍ରବରେ ରହେ, ସେ ଦାୟିତ୍ୱ ଅମ୍ଭେ ଗ୍ରହଣ କଲୁ । ତୁମ୍ଭେ ନିଶ୍ଚିନ୍ତ ରହ ।

କିଛିଦିନ ପରେ ସେହି ଭଣ୍ଡ ବିଚାରିଲା—ଯେଉଁ ଧନ ଏଠାରେ ସ୍ଥାପିତ ହୋଇଅଛି, ଏତଦ୍ଦ୍ୱାରା ମୋର ଜୀବନର ଅବଶିଷ୍ଟ ସମୟ ସ୍ୱଚ୍ଛନ୍ଦରେ ଅତିବାହିତ ହୋଇ ପାରିବ । ସୁତରାଂ ଏ ସୁଯୋଗ ଛାଡ଼ିବା ଉଚିତ ନୁହେ । ଏହା ସ୍ଥିର କରି ସ୍ଥାପିତ ମୁଦ୍ରାଗୁଡ଼ିକ ଅନ୍ୟତ୍ର ପୋତି ଆସି ବିଦାୟ ନିମନ୍ତେ ଭୂସ୍ୱାମୀର ଗୃହକୁ ଗଲା । ଆହାରାନ୍ତେ ସେ ଭୂସ୍ୱାମୀଙ୍କି କହିଲା—ବତ୍ସ ! ମୁଁ ବହୁଦିନ ହେଲା ତୁମର ଅନ୍ନରେ ପ୍ରତିପାଳିତ ହେଉଅଛି, ଏକ ସ୍ଥାନରେ ବାସ କରି ବହୁ ଲୋକଙ୍କ ସହିତ ସଂସର୍ଗ କରିବା ସନ୍ନ୍ୟାସୀର ଧର୍ମ ନୁହେ । ନାନା ସ୍ଥାନ ଭ୍ରମଣ କରିବା ପରିବ୍ରାଜକର ଉଚିତ । ସେଥି ନିମନ୍ତେ ତାହାର ନାମ ପରିବ୍ରାଜକ । ଅତଏବ ମୁଁ ଆଜି ଅନ୍ୟତ୍ର ଯାତ୍ରା କରିବି । ବିଶ୍ୱସ୍ତ ଭକ୍ତ ଭୂସ୍ୱାମୀ ଏଥିରେ ସମ୍ମତ ନ ହୋଇ ଆଉରି କିଛିଦିନ ଅବସ୍ଥାନ କରିବାକୁ ବାରମ୍ବାର ଅନୁରୋଧ କଲା । ମାତ୍ର ତପସ୍ୱୀ ତାହା ରକ୍ଷା ନ କରି ଯିବାକୁ ଉଦ୍ୟତ ହେଲେ । ଭୂସ୍ୱାମୀ ବାଧ୍ୟ ହୋଇ ବିଦାୟ ଦେଲା ଏବଂ ଗ୍ରାମାନ୍ତ ପର୍ଯ୍ୟନ୍ତ ଅନୁଗମନ କଲା ।

ଭୂସ୍ୱାମୀକୁ ପ୍ରବଞ୍ଚିତ କରିବା ମାନସରେ ସେହି ଭଣ୍ଡ କିଛି ଦୂର ଯିବାପରେ ସାମାନ୍ୟ କୁଟାଟିଏ ଜଟା ମଧ୍ୟରେ ଖୋସି ଭୂସ୍ୱାମୀ ନିକଟକୁ ଫେରି ଆସିଲା । ତାକୁ ଫେରି ଆସିବାର ଦେଖି ଭୂସ୍ୱାମୀ ପଚାରିଲା— ଆପଣ ଫେରିଲେ କାହିଁକି ? ସେ କହିଲା—ତୁମ୍ଭ ଗୃହରୁ ବିଦାୟ ନେବା ସମୟରେ ତୁମ୍ଭ ଗୃହରୁ ଗୋଟିଏ କୁଟା ଅଜ୍ଞାତସାରରେ ଜଟାରେ ଲାଗି ରହିଥିଲା । ସେତେବେଳେ ଜଣା ଯାଇଥିଲେ ମୋତେ ଆଉ ଏତେ ପରିଶ୍ରମ କରିବାକୁ ପଡ଼ି ନ ଥାନ୍ତା । ତୁମ୍ଭେ ମୋ ପାଖରୁ ଫେରିବା ପରେ ତାହା ଜଣାଗଲା । ଅଦତ୍ତ ଦ୍ରବ୍ୟ ଗ୍ରହଣ କରିବା ସନ୍ନ୍ୟାସୀ ପକ୍ଷରେ

Digitized by srujanika@gmail.com

କଷିଲ । ସୁତରାଂ ତାହା ଫେରାଇ ଦେବାକୁ ଆସିଲି । ଏଥିରେ ଭୂସ୍ୱାମୀ ବିସ୍ମିତ ହୋଇ ଭାବିଲା—ଓହୋ ! ସନ୍ନ୍ୟାସିଧର୍ମ କେଡ଼େ ମହତ୍ ! ସାମାନ୍ୟ ତୃଣ ମଧ୍ୟ ସନ୍ନ୍ୟାସୀ ସର୍ଶ କରି ପାରିବ ନାହିଁ । ନ ହେଲେ ସେମାନେ କାହିଁକି ଜଗଦ୍ଗୁରୁ ହୁଅନ୍ତେ । ତପସ୍ୱୀ କୁଟାଟି ପକାଇ ଦେଲା ପରେ ସେ ତାଙ୍କୁ ପ୍ରଣାମ କରି ବିଦାୟ ଦେଲା ।

ସନ୍ନ୍ୟାସୀ ବିଦାୟର ଅଳ୍ପ ସମୟ ପରେ ଦୈବାତ୍ ବୋଧିସତ୍ତ୍ୱ ପଣ୍ୟ-ବିକ୍ରୟ ଉଦ୍ଦେଶ୍ୟରେ ସେ ଗ୍ରାମରେ ଉପସ୍ଥିତ ହେଲେ । ସେତେବେଳେ ସେ ଭୂସ୍ୱାମୀ ଗ୍ରାମବାସୀମାନଙ୍କୁ ତପସ୍ୱୀର ବହୁତ ପ୍ରଶଂସା ଶୁଣାଉଥିଲା । ବୋଧିସତ୍ତ୍ୱ ସେ ଅପୂର୍ବ ମାହାତ୍ମ୍ୟ ଶୁଣି ଭାବିଲେ—ଏହା ନିଶ୍ଚୟ ଅତିଭକ୍ତ ଚୋରର ଲକ୍ଷଣ । ସେ ଲୋକ କଦାପି ସାଧୁ ନୁହେ—ଭଣ୍ଡ, ବଞ୍ଚ-ପ୍ରତାରକ । ଏହି ସନ୍ଦେହର ନିରାକରଣ ନିମନ୍ତେ ବୋଧିସତ୍ତ୍ୱ ପଚାରିଲେ—ଭୂସ୍ୱାମୀ ! ତୁମ୍ଭେ ଯାହାର ଏତେ ପ୍ରଶଂସା କୀର୍ତ୍ତନ କରୁଅଛ, ତାହାକୁ କେବେ କିଛି ଧନରତ୍ନ ଦେଇଥିଲ କି ? ସେ କହିଲା—ମହାଶୟ ! ହଁ, ମୁଁ ଏହାଙ୍କର କୁଟୀରରେ ଏକସହସ୍ର ସ୍ୱର୍ଣ୍ଣମୁଦ୍ରା ପୋତି କରିଥିଲି । ଏହା ସେ ଉତ୍ତମ ରୂପେ ଜାଣିଥିଲେ । ବୋଧିସତ୍ତ୍ୱ ଏହା ଶୁଣି କହିଲେ, ତେବେ ମୋର ସନ୍ଦେହ ନିଷ୍ଫଳ ନୁହେ । ତୁମ୍ଭେ ଶୀଘ୍ର ଯାଇ ତୁମ୍ଭର ଧନରାଶି ଦେଖ । ଏଥିରେ ଭୂସ୍ୱାମୀ ଆତଙ୍କିତ ହୋଇ ଶୀଘ୍ର ଯାଇ ଦେଖିଲା—ସମ୍ପତ୍ତି ସମସ୍ତ ଅପହୃତ । ସେଥିରେ ସେ ମର୍ମାହତ ହୋଇ ଫେରି ଆସି କହିଲା—ମହାଶୟ ! ମୋର ଚଳନ୍ତ୍ୟ ସକଳ ସମ୍ପତ୍ତି ଅପହୃତ ହୋଇଅଛି, କହନ୍ତୁ ତେବେ ବର୍ତ୍ତମାନ ଉପାୟ କଣ ? ବୋଧିସତ୍ତ୍ୱ କହିଲେ—ବର୍ତ୍ତମାନ ଅବସ୍ଥାରେ ସେ ଭଣ୍ଡର ଅନୁଧାବନ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ସେ ଅଳ୍ପ ସମୟ ହେଲା ଯାଇଛି, ସୁତରାଂ ବିଶ୍ୱାସ ହୁଏ ଆମ୍ଭେମାନେ ତାହାକୁ ପାଇ ପାରିବା । ଏହି ସିଦ୍ଧାନ୍ତ ପରେ ଭୂସ୍ୱାମୀ ଏବଂ ବୋଧିସତ୍ତ୍ୱ ଦ୍ରୁତ ଗତିରେ ତାହାର ଅନୁଧାବନ କଲେ । କିଛି ଦୂର ଯିବାପରେ ସେ ଭଣ୍ଡକୁ ଦେଖି ପାରି ଧରିଆଣି ପ୍ରହାର କଲେ ।

ସେହି ପ୍ରହାର ପ୍ରଭାବରୁ ମଧ୍ୟ ସମସ୍ତ ମୁଦ୍ରା ମିଳିଗଲା । ଏହା ଦେଖି ବୋଧିସତ୍ତ୍ୱ କହିଲେ—

ଅଦତ୍ତ ଗ୍ରହଣ ହେତୁ ପ୍ରବ୍ରଜନ ପ୍ରଥା,
ଏକଥା ବିଶ୍ୱାସଯୋଗ୍ୟ ଅଟଇ ସର୍ବଥା ।
ତେଣୁ ତୃଣ ପ୍ରତ୍ୟର୍ପଣେ ଜନ୍ମାଇ ବିଶ୍ୱାସ,
ସ୍ୱର୍ଣ୍ଣମୁଦ୍ରା ନେଇଁ ନୃପ ଲଭିଲ ସାହସ ।
ମାତ୍ର ଧର୍ମଜ୍ୟୋତି ଚୋରେ ଦିଗନ୍ତ ଉଜ୍ଜ୍ୱଳ,
ଧର୍ମେ ଜୟ ପାପେ କ୍ଷୟ ମିଳେ ଏହି ଫଳ ।

ବୋଧିସତ୍ତ୍ୱ ଏହିପରି ଭର୍ତ୍ସନା କରି ପୁଣି କହିଲେ—ଦେଖ, ଜୀବନରେ ଆଉ କଦାପି ପ୍ରତାରଣା କରିବ ନାହିଁ । ସେଥିରେ କେହି କେବେ ସୁଖୀ ହୋଇ ନାହିଁ । ଭଣ୍ଡ ତପସ୍ୱୀ ଏହିପରି ଗୁଡ଼ିଏ ଉପଦେଶ ଶୁଣି ପ୍ରହାର-ବ୍ୟଥାରେ ବ୍ୟଥିତ ହୋଇ ଯତ୍ର ତତ୍ର ଗଲା । ଭୂସ୍ୱାମୀ ବୋଧିସତ୍ତ୍ୱଙ୍କଠାରେ କୃତଜ୍ଞତା ଜ୍ଞାପନ କରି ନିଜ ଗୃହକୁ ଗଲା । ବୋଧିସତ୍ତ୍ୱ ନିଜ କର୍ତ୍ତବ୍ୟ ସାଧନ କରି ଅନ୍ୟତ୍ର ଗଲେ ଏବଂ ଯଥା ସମୟରେ ଦେବଲୋକ ପ୍ରୟାଣ କଲେ ।

Digitized by srujanika@gmail.com

ମାଂସ ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ କୌଣସି ଶ୍ରେଷ୍ଠିକୁଳରେ ଜନ୍ମଗ୍ରହଣ କରିଥିଲେ । ଦିନେ ଜଣେ ବ୍ୟାଧ ପ୍ରଚୁର ମାଂସ ଶକଟରେ ପୂର୍ଣ୍ଣ କରି ବିକ୍ରୟ ନିମନ୍ତେ ବିପଣୀକୁ ଯାଉଥିଲା । ଏହି ସମୟରେ ଚାରିଜଣ ଶ୍ରେଷ୍ଠିପୁତ୍ର କୌଣସି ସ୍ଥାନରେ ଏକତ୍ର ବସି ନାନା କୌତୁକପୂର୍ଣ୍ଣ କଥାବାର୍ତ୍ତା କରୁଥିଲେ । ସେଥି ମଧ୍ୟରୁ ଜଣେ ସେହି ମାଂସଶକଟ ଦେଖି ପ୍ରସ୍ତାବ କଲା—ଅଚ୍ଛା, ଏହି ବ୍ୟାଧଠାରୁ କିଛି ମାଂସ ଆଦାୟ କରାଯାଉ ? ଏହା ଶୁଣି ଅପର ତିନିଜଣ କହିଲେ—ତାହାହେଲେ ତୁମ୍ଭେ ପ୍ରଥମେ ଚେଷ୍ଟା କର । ଏହାପରେ ପ୍ରଥମ ଶ୍ରେଷ୍ଠିପୁତ୍ର ବ୍ୟାଧ-ନିକଟକୁ ଯାଇ କହିଲା—ଅରେ ବ୍ୟାଧ, ଖଣ୍ଡେ ମାଂସ ଦେବୁ ? ବ୍ୟାଧ କହିଲା—ତୁମ୍ଭେ ଯେତେବେଳେ ମାଗିଲଣି, ମୁଁ ଅବଶ୍ୟ ଦେବି । କିନ୍ତୁ କାହାକୁ କିଛି ମାଗିବାକୁ ହେଲେ ଧୀର ମଧୁର ବଚନ କହିବା ଉଚିତ । ତୁମ୍ଭେ ଯେପରି ବଚନ ବ୍ୟବହାର କରିଅଛ, ତଦନୁରୂପ ମାଂସ ଅବଶ୍ୟ ପାଇବ ।

ମାଗିବା ନିଶ୍ଚୟ ସବୁଠାରେ ହୀନ,
ମିଳଇ କହିଲେ ମଧୁର ବଚନ ।
ମାଗିଛ ହେ ଯେଣୁ କହି କଟୁକଥା,
ନିଅ ଏହି ବସ୍ତୁ ଅଯୋଗ୍ୟ ସର୍ବଥା ।

ପ୍ରଥମ ଶ୍ରେଷ୍ଠିପୁତ୍ର କଥା କହି ନ ଜାଣି ଉତ୍ତମ ମାଂସ ନ ପାଇବାରୁ ବିରସ ହୋଇ ଫେରି ଆସିଲା । ଅନ୍ୟ ତିନି ବନ୍ଧୁ ତାହାର ଏ ଦୁର୍ଦ୍ଦଶା ଦେଖି ପଚାରିଲେ— ତୁମ୍ଭେ କଣ କହି ମାଂସ ମାଗିଲ ? ସେ କହିଲା—ମୁଁ କହିଲି—ଅରେ ବ୍ୟାଧ ! ଖଣ୍ଡେ ମାଂସ ଦେବୁ ? ଏହା ଶୁଣି ଦ୍ୱିତୀୟ ଶ୍ରେଷ୍ଠିପୁତ୍ର କହିଲା—ତୁମ୍ଭେ କଥା କହିବାରେ ଭୁଲ କରିଛ; ତେଣୁ ଭଲ ମାଂସ ପାଆନ୍ତ କିପରି ? ଅଚ୍ଛା ଆମେ ଯିବା, କହି ସେ ବ୍ୟାଧ ନିକଟକୁ

Digitized by srujanika@gmail.com

ଯାଇ କହିଲା—ଭାଇ ! ମୋତେ ଖଣ୍ଡେ ମାଂସ ଦିଅ ନା ? ବ୍ୟାଧ ଏହା ଶୁଣି କହିଲା—ମାଂସ ଖଣ୍ଡେ ନିଶ୍ଚୟ ଦେବି, କିନ୍ତୁ ତୁମ୍ଭ କଥା ଅନୁରୂପ ମାଂସ ପାଇବ ।

କହନ୍ତି ସକଳ ଲୋକେ ଅଙ୍ଗତୁଲ୍ୟ ଭାଇ,
ତୁମ୍ଭେ ତେଣୁ ମାଂସ ଲାଗି ସମ୍ବୋଧିଛ ଭାଇ ।
ତେଣୁ ହେ ତୁମ୍ଭର ପ୍ରାପ୍ୟ ଅଙ୍ଗ ମାଂସ ଖଣ୍ଡେ,
ଠିକ୍ କ୍ଷଣ କୋମଳ କଥା ନ ଧରିବ ତୁଣ୍ଡେ ।

ବ୍ୟାଧ ଏହା କହି ଖଣ୍ଡେ କର୍କଶ ମାଂସ ଦେଇ ତାହାକୁ ବିଦାୟ ଦେଲା । ସେ ଫେରିଗଲା ପରେ ଦ୍ୱିତୀୟ ଶ୍ରେଷ୍ଠିପୁତ୍ର ପଚାରିଲା—ଭାଇ ! ତୁମ୍ଭେ କଣ କହି ମାଂସ ମାଗିଲ ! ସେ କହିଲା—ଭାଇ ବୋଲି ସମ୍ବୋଧନ କରିଥିଲି । ସେ କହିଲା—ତଥାପି ତୁମ୍ଭ କହିବାରେ ତ୍ରୁଟି ରହିଗଲା । ଆଜ୍ଞା ଦେଖାଯାଉ—ମୁଁ କପରି ମାଂସ ଆଣୁଛି । ତାଁ ପରେ ତୃତୀୟ ଶ୍ରେଷ୍ଠିପୁତ୍ର ବ୍ୟାଧ ନିକଟରେ ହୋଇ କହିଲା— ବାବା ! ମୋତେ ଖଣ୍ଡେ ମାଂସ ଦିଅନ୍ତୁ ? ବ୍ୟାଧ କହିଲା—ମୁଁ ଅବଶ୍ୟ ମାଂସ ଦେବି । କିନ୍ତୁ ତୁମ୍ଭ ବଚନର ଅନୁରୂପ ମାଂସ ପାଇବ । ଯେହେତୁ—

ପୁତ୍ରଠାରୁ ପିତା ଯେବେ ବାବା ସମ୍ବୋଧନ,
ଲଭେ ସ୍ନେହ ସୁଧାରସେ ଦ୍ରବେ ତାର ମନ ।
ବାବା କହି ହରିଅଛ ମୋହର ହୃଦୟ,
ତେଣୁ ମାଂସ ମଧ୍ୟେ ସାର ଏ ହୃତ୍‌ପିଣ୍ଡ ନିଅ ।

ବ୍ୟାଧ ଅନୁରାଗସହକାରେ ମୃଗର କଲିଜା ମାଂସ ଦେଇ ତୃତୀୟ ଶ୍ରେଷ୍ଠିପୁତ୍ରକୁ ବିଦାୟ ଦେଲା । ଚତୁର୍ଥ ଶ୍ରେଷ୍ଠିପୁତ୍ର ତାହା ଦେଖି ତାହାକୁ ପ୍ରଶଂସା କରିଥିଲା ସତ୍ୟ; ମାତ୍ର ତଦପେକ୍ଷା ଉତ୍ତମ ଉପହାର ପାଇବା ଆଶାରେ ବ୍ୟାଧ ନିକଟକୁ ଯାଇ କହିଲା—ବନ୍ଧୋ ! ଖଣ୍ଡେ ମାଂସ ଦେବ କି ? ବ୍ୟାଧ କହିଲା—ମୁଁ ତୁମ୍ଭ କଥାରେ ଅତ୍ୟନ୍ତ ପ୍ରୀତ ହୋଇ ଅଛି । ତୁମ୍ଭେ ଯେଉଁ ସମ୍ବୋଧନ କରିଅଛ, ସେଥିରେ ମୋର ଅଦେୟ

Digitized by srujanika@gmail.com

କିଛି ନାହିଁ; ତେଣୁ ତୁମ୍ଭେ ତୁମ୍ଭର ବଚନ ଅନୁରୂପ ମାଂସ ଅବଶ୍ୟ ପାଇବ ।

ସୁଖେ ଦୁଃଖେ ସବୁ କାଳେ ବନ୍ଧୁ ଏକା ସାଥୀ,
ବନ୍ଧୁହୀନ ହେଲେ ଲୋକ ଲଭଇ ଦୁର୍ଗତି ।
ଏ ଜଗତେ ଯହିଁ ଯେତେ ରତ୍ନଅଛି ପ୍ରିୟ,
ଏକା ବନ୍ଧୁଠାରେ ସବୁ ଲଭନ୍ତି ଅଶ୍ରୟ ।
ଯେଣୁ ତୁମ୍ଭେ ବନ୍ଧୁ ହେଲ, କିଅଛି ଅଦେୟ,
ନିଅ ଯେତେ ଇଚ୍ଛା ମାଂସ ଖୁସି ହୋଇ ଯାଅ ।

ବ୍ୟାଧ ଏହି ବନ୍ଧୁ ସମ୍ବୋଧନରେ ଏତେ ପ୍ରୀତ ହୋଇଗଲା ଯେ କେବଳ ମାଂସତକ ଦେଇ ସନ୍ତୁଷ୍ଟ ହେଲା ନାହିଁ । ତାକୁ ପୁଣି ନିଜ ଶଗଡ଼ରେ ନିଜେ ନେଇ ଶ୍ରେଷ୍ଠିଘରକୁ ଚଲା । ଶ୍ରେଷ୍ଠୀ ମଧ୍ୟ ବ୍ୟାଧର ଏବମ୍ବିଧ ଉଦାର ବ୍ୟବହାରରେ ଆତ୍ମବିସ୍ମୃତ ହୋଇ ବନ୍ଧୁ ସମ୍ମାନ ସହକାରେ ତାହାର ଅଭ୍ୟର୍ଥନା କଲା । ପରିଶେଷରେ ତାହାର ପ୍ରେମରେ ମୁଗ୍ଧ ହୋଇ ତାହାକୁ ନିଜର ସକଳ ସମ୍ପତ୍ତିର ଅଧିକାର ଦେଲା । ଶ୍ରେଷ୍ଠିପୁତ୍ର ବ୍ୟାଧସହିତ ଅଭେଦ୍ୟ ବନ୍ଧୁତା ସ୍ଥାପନ କରି ଆନନ୍ଦରେ କାଳାତିପାତ କରିବାକୁ ଲାଗିଲା । ବୋଧିସତ୍ତ୍ୱ ଏହି ଚତୁର୍ଥ ଶ୍ରେଷ୍ଠିପୁତ୍ର ଅଟନ୍ତି ।

କଥାରେ ବିଷ ଅମୃତ ଦୁଇ ଫଳ ଫଳେ,
ଲଭିଥାଏ ଲୋକ ତାହା ବ୍ୟବହାର ବଳେ ।
ବାନ୍ଧିପାରେ ଲୋକଙ୍କୁ ଯେ ବନ୍ଧୁଭାବବନ୍ଧନେ,
ଥାଏ ତ ଲୋଡ଼ା ତାହାର ବୈକୁଣ୍ଠଭୁବନେ ।

———

Digitized by srujanika@gmail.com

ଦଦ୍ଦଭ ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ ସିଂହରୂପରେ ଜନ୍ମଗ୍ରହଣ କରିଥିଲେ । ସେ ଯେଉଁ ବନରେ ବାସ କରୁଥିଲେ, ସେ ବନ ବହୁ ବିଲ୍ୱ ଏବଂ ତାଳବୃକ୍ଷରେ ପରିପୂର୍ଣ୍ଣ ହୋଇଥିଲା । ଗୋଟିଏ ପ୍ରକାଣ୍ଡ ବିଲ୍ୱବୃକ୍ଷମୂଳରେ ଗୋଟିଏ ଶିଶୁ ତାଳବୃକ୍ଷ ଥିଲା । ଗୋଟିଏ ଶଶକ ସେହି ତାଳତଳରେ ବାସ କରୁଥିଲା । ଦିନେ ସେହି ଶଶକ ଚରି ବୁଲି ଆସି ସେହି ତାଳତଳରେ ବିଶ୍ରାମ କରୁ କରୁ ଚିନ୍ତା କଲା – ଯଦି ପୃଥିବୀଟା ଧ୍ୱଂସ ହୋଇଯାଏ, ତେବେ ମୁଁ କେଉଁଠାରେ ଆଶ୍ରା ନେବ ? ସେ ଏହିପରି ଚିନ୍ତା କରୁଥିବା ସମୟରେ ହୈବାତ୍ ଗୋଟାଏ ପାଚିଲା ବେଲ ସେହି ତାଳ ଗଛର ବାହୁଙ୍ଗାରେ ଦୁମ୍ କରି ପଡ଼ିଲା । ଶଶକ ଏପରି ଶବ୍ଦ କେବେ ଶୁଣି ନ ଥିଲା । ତେତେବେଳେ ପୂର୍ବ ପୃଥିବୀପ୍ରଳୟ ଚିନ୍ତାରେ ଆତଙ୍କିତ ହୋଇଥିଲା । ସେଥିରେ ଏ ଅଜବ ଶବ୍ଦ ଶୁଣିବାରେ ତାହାକୁ ପ୍ରଳୟ ଶବ୍ଦ ମନେ କରି ପ୍ରାଣଭୟରେ ଦ୍ରୁତବେଗରେ ଲକ୍ଷ୍ୟହୀନ ହୋଇ ଧାବମାନ ହେଲା । ମାର୍ଗରେ ଅନ୍ୟ ଏକ ଶଶକ ତାହାକୁ ଏପରି ଭୟଭୀତ ଦେଖି ପଚାରିଲା—ଭାଇ ! ତୁମ୍ଭେ ଏପରି ଅଧୀର ହୋଇ ଦୌଡ଼ୁଛ କାହିଁକି ? ସେ କହିଲା—ମୋତେ ବାଟ ଛାଡ଼ ଦେ, କଥା କହିବାକୁ ବେଳ ନାହିଁ । ଦ୍ୱିତୀୟ ଶଶକ ଏଥିରେ ତ୍ରସ୍ତ ହୋଇ ଭାଇ କଣ ହୋଇଛି, କଣ ହୋଇଛି, ପଚାରି ପଚାରି ତାହାର ପଛରେ ସେହିପରି ଦୌଡ଼ିଲା । ପ୍ରଥମ ଶଶକ କହିଲା—ଭାଇ ! ବର୍ତ୍ତମାନ ପୃଥିବୀ ପ୍ରଳୟ ହେଉଛି । ପ୍ରଳୟ କ୍ରମେ ମାଡ଼ି ଆସୁଛି । ମୁଁ ଏହା ନିଜ ଆଖିରେ ଦେଖି ଆସିଛି । କଥା କହିବାକୁ ଆଉ ବେଳ ନାହିଁ । ଯେବେ ତୋର ବଞ୍ଚିବାର ଇଚ୍ଛା, ତେବେ ମୋ ସାଙ୍ଗରେ ଦୌଡ଼ି ଚାଲ । ଦ୍ୱିତୀୟ ଶଶକ ଆତଙ୍କରେ ତ୍ରସ୍ତ ହୋଇ ପ୍ରାଣବିକଳରେ ତା ସାଙ୍ଗରେ ସେହିପରି

Digitized by srujanika@gmail.com

ଦୌଡ଼ିଲା । ସେ ବୁଢ଼େଇ କେତେବାଟ ଯିବାପରେ ଆଉ ଗୋଟେ ଶଶକ ସେ ବୁଢ଼ାକୁ ସେହିପରି ବ୍ୟସ୍ତ ହୋଇ ଦୌଡ଼ୁଥିବାର ଦେଖି ସେହିପରି କାରଣ ପଚାରିଲା । ସେ ବୁଢ଼େଇ ସାତ ଏଥାବେଳେ କହିଲେ—ଅରେ ଭାଇ ! ପୃଥିବୀ ପ୍ରଳୟ ହେଉଛି, ପ୍ରଳୟ ମଧ୍ୟ ଆସୁଛି, ଅମେ ଦେଖି ଆସିଛୁ । ଯେବେ ତୋର ବଞ୍ଚି ରହିବାର ଇଚ୍ଛା, ତେବେ ଅଉ କିଛି ନ ପଚାରି ଆମ ସଙ୍ଗେ ଦୌଡ଼ି ଚାଲ । ସେଥିରେ ସେ ଭୀତ ହୋଇ ପ୍ରାଣ ଭୟରେ ସେ ବୁଢ଼ାଙ୍କ ପଛରେ ଦୌଡ଼ିଲା । ବାଟରେ ଏହିପରି କେତେ ଶଶକ ସେମାନଙ୍କ ଦୌଡ଼ ଦେଖି କାରଣ ବୁଝି ଉପୁରେ ସେମାନଙ୍କ ସଙ୍ଗେ ମିଶି ଦୌଡ଼ିଲେ । ଦେଖୁ ଦେଖୁ ଶହ ଶହ ଶଶକ ଦୌଡ଼ିଲେ । କେତେ ବାଟ ଗଲାପରେ ଗୋଟାଏ ମୃଗପଲ ସେ ଦୌଡ଼ ଦେଖି କାରଣ ବୁଝି ପ୍ରାଣଭୟରେ ତାଙ୍କ ସଙ୍ଗେ ଦୌଡ଼ିଲେ । ପଛକୁ ଏହିପରି କେତେ ଶୂକର, କେତେ ମହିଷ, କେତେ ଗଣ୍ଡାର, କେତେ ବ୍ୟାଘ୍ର, କେତେ ସିଂହ ମଧ୍ୟ ଜୀବନଭୟରେ ଦୌଡ଼ିଲେ । ଏହିପରି ଗୋଠ ମାତିବା ଦେଖି ପାଗ୍ର, ଶୁଆ, ଚଢ଼େଇ, ସାପ, ବେଙ୍ଗ, ଜନ୍ଦା, ପିମ୍ପୁଡ଼ି ମଧ୍ୟ ପଲ ପଲ ହୋଇ ସେ ଦଳସାଙ୍ଗେ ଚାଲିଲେ । କ୍ରେକୁ ପ୍ରାଣୀ ସଂଖ୍ୟା ଏତେ ବେଶୀ ହେଲା ଯେ ଖୋଜ ପକାଇ ଠିଆ ହେବାକୁ ଜାଗା ମିଳିଲା ନାହିଁ । ଘୋର ଅଞ୍ଚ କୋଳାହଳ, ଚିତ୍କାରରେ ସେ ସ୍ଥାନ କମ୍ପିଲା ।

ସିଂହରୂପୀ ବୋଧିସତ୍ତ୍ୱ ବହୁ ଦୂରରୁ କୋଳାହଳ ଶୁଣି ଘଟନା ସ୍ଥଳରେ ଉପସ୍ଥିତ ହେଲେ । ଦେଖିଲେ—କି ସବଳ, କି ଦୁର୍ବଳ, ନାନା ଜାତିର ପ୍ରାଣୀ ଦଳବଦ୍ଧ ହୋଇ ପ୍ରାଣବଳରେ ଲକ୍ଷ୍ୟ ଭାବରେ ଦୌଡ଼ୁଛନ୍ତି । ସେମାନଙ୍କ କାରଣ ପଚାରିବାରେ ଜଣାଗଲା— ପୃଥିବୀ କେଉଁଠି ପ୍ରଳୟ ହୋଇ ଯାଉଛି, ପ୍ରଳୟ ପୁଣି ମାଡ଼ି ଆସୁଛି, ଆଉ ରକ୍ଷା ନାହିଁ । ସୁତରାଂ ସେମାନେ ଜୀବନଭୟରେ ଦୌଡ଼ୁଛନ୍ତି । ବୋଧିସତ୍ତ୍ୱ ଏହା ଜାଣି ବଡ଼ ବିସ୍ମିତ ହେଲେ ଏବଂ ମନେ ମନେ ଭାବିଲେ ଏହା କି ଅନ୍ଧବିଶ୍ୱାସ ! ପୃଥିବୀର ପ୍ରଳୟ କାହିଁକି ବା ହେବ । ପ୍ରଳୟ ହେଲେ ମଧ୍ୟ ଏମାନେ ଆଉ କେଉଁ ପୃଥିବୀରେ ରହିବେ ବୋଲି ଦୌଡ଼ୁଛନ୍ତି ।

Digitized by srujanika@gmail.com

ଏ ସବୁ କଥା ମିଛ । ଏଥିରେ ଟିକିଏ ମାତ୍ର ସତ୍ୟ ନାହିଁ । ଏମାନେ କେବଳ ଗୋଟାଏ ହୋରେ ମାତି ଦୌଡ଼ୁଛନ୍ତି । ଏମାନଙ୍କୁ ପ୍ରକୃତ କଥା ବୁଝାଇ ନ ଦେଲେ ଦୌଡ଼ି ଦୌଡ଼ି ଏତେ ଗୁଡ଼ାଏ ପ୍ରାଣୀ ଅକାରଣ ମରିଯିବେ । ସେ ଏହି କଥା ସ୍ଥିର କରି ପ୍ରଚଣ୍ଡ ବେଗରେ ଲମ୍ଫ ଦେଇ ଗୋଟାଏ ପର୍ବତତଳରେ ସେମାନଙ୍କ ଆଗରେ ଠିଆ ହୋଇ ଦୁଇ ତିନିବାର ପ୍ରଳୟ ସିଂହରଡ଼ି କଲେ । ସେ ରଡ଼ିରେ ପ୍ରାଣୀଯାକ ହଠାତ୍ ଦୌଡ଼ା ବନ୍ଦ କରି ଠିଆ ହୋଇ ରହି ଉନ୍ମୁଖେ ଥରିଲେ । ତାହାପରେ ବୋଧିସତ୍ତ୍ୱ ପ୍ରାଣୀମାନଙ୍କୁ ଡାକି କହିଲେ—ପୃଥିବୀ ପ୍ରଳୟ ହୋଇଯାଉଛି, ପୁଣି ପ୍ରଳୟ ମାଡ଼ି ଆସୁଛି ବୋଲି ତୁମ୍ଭେମାନେ ଦୌଡ଼ୁଛ ? ମୁଁ ପଚାରେଁ ଏଥି, ତୁମ୍ଭେ ପ୍ରଳୟ କିଏ ଦେଖିଛ ? କେତେ ପଶୁ କହିଲେ ହସ୍ତୀମାନଙ୍କୁ ପଚାର । ହସ୍ତୀମାନଙ୍କୁ ପଚାରିବାରେ ସେମାନେ କହିଲେ—ଅମ୍ଭେମାନେ ଦେଖି ନାହୁଁ, ସିଂହମାନଙ୍କଠାରୁ ଶୁଣିଛୁ, ସେମାନଙ୍କୁ ପଚାର । ସିଂହମାନେ କହିଲେ—ଅମ୍ଭେମାନେ ବ୍ୟାଘ୍ରମାନଙ୍କଠାରୁ ଶୁଣିଛୁ, ସେମାନଙ୍କୁ ପଚାର । ବ୍ୟାଘ୍ରମାନେ କହିଲେ—ମୃଗମାନଙ୍କୁ ପଚାର । ଏହିପରି ଯେ ଯାହା, ସେ ଯାହାକୁ ପଚାରିବାକୁ କହିଲେ । ମାତ୍ର କେହି ଦେଖିବା କଥା କହିଲେ ନାହିଁ । ଶେଷକୁ ଶଶକମାନଙ୍କୁ ପଚରାଗଲା । ସେମାନଙ୍କ ମଧ୍ୟରୁ ଗୋଟି ଗୋଟି ହୋଇ ସେ ତାକୁ ଯେ ତାକୁ ଦେଖାଇ ପଚାରିବାକୁ କହିଲେ । ମାତ୍ର କେହି ଦେଖିବା କଥା କହିଲେ ନାହିଁ । ଶେଷକୁ ସେହି ଶଶକ ଥିଲା, ତାକୁ ପଚରା ଗଲା । ସେ କହିଲା—ହଁ, ପ୍ରଭୋ ! ପୃଥିବୀପ୍ରଳୟ ମୁଁ ସ୍ୱଚକ୍ଷୁରେ ଦେଖିଛି । ବୋଧିସତ୍ତ୍ୱ ଏହା ଶୁଣି କହିଲେ—ତେବେ କେଉଁଠାରେ କପରି ପ୍ରଳୟ ହେଲା, କହ । ସେ କହିଲା—ସମୁଦ୍ରକୂଳରେ ଗୋଟିଏ ପ୍ରକାଣ୍ଡ ତାଳବନ ଅଛି । ସେଥିରେ ମଧ୍ୟ ଅନେକ ବଡ଼ ବଡ଼ ବେଲଗଛ ଅଛି । ମୁଁ ସେଠାରେ ଗୋଟିଏ ତାଳଗଛତଳେ ସବୁଦିନ ରହେ । ଦିନେ ମୁଁ ଚରିବୁଲି ଆସି ସେଠାରେ ଶୋଇ ଭାବୁଛି ଯଦି ପୃଥିବୀ ପ୍ରଳୟ ହୋଇଯାଏ, ତେବେ ମୁଁ ରହିବି କେଉଁଠି ? ଏହି କଥା ଭାବୁ ଭାବୁ ହଠାତ୍ ଗୋଟିଏ ପ୍ରଳୟ ଶବ୍ଦ ଶୁଣିଲି । ସେତେବେଳେ ଆଉ ଯୋଉଛି କଣ, ମୋ ପ୍ରାଣ ନେଇ ଦୌଡ଼ିଲି ।

ବୋଧିସତ୍ତ୍ୱ ପଚାରିଲେ—ଅଚ୍ଛା, ତୁମ ବସା ତାଳଗଛ ପାଖରେ ବେଲ ଗଛ ଥିଲା ? ସେ କହିଲା—ଗଛ ବୋଲି ପଚାରୁଛ ? ଗୋଟେ ଦ୍ରୁମ ତ । ଅଚ୍ଛା, ବେଲ ଗଛ ବଡ଼, ନା, ତାଳ ଗଛ ବଡ଼ ? ସେ କହିଲା—ତାଳ ଗଛକୁ ଚାହିଁଲା ବେଳକୁ ବେଲଗଛ କେତେବଡ଼ । ତାଳ ଗଛ ବେଲ—ଗଛର ତଳରେ । ଅଚ୍ଛା, ସେ ଗଛମୂଳେ ପାଚିଲା ବେଲ ଖୋଜିଲେ ମିଳିବ ? ସେ କହିଲା—ଯାହାକୁ ଯେତେ ? ଅଚ୍ଛା, ବେଲ କେବେ ଝଡ଼ିବାର ତୁମେ ଦେଖିଛ ? ସେ କହିଲା—କାହିଁ, କେବେ ମୁଁ ଥିଲା ବେଳେ ବେଲ ଝଡ଼ି ନାହିଁ । ବୋଧିସତ୍ତ୍ୱ ଏତକ ପଚାରି ବୁଝିନେଲେ—ଏହା ଆଉ କିଛି ନୁହେଁ, ନିଶ୍ଚୟ ଗୋଟେ ପାଚିଲା ବେଲ ତାଳ-ବାହୁଙ୍ଗାରେ ପଡ଼ିଛି । ତାଳବାହୁଙ୍ଗାରେ ଉପରୁ ବେଲଟାଏ ପଡ଼ିଲେ ନିଶ୍ଚୟ ଗୋଟାଏ ବଡ଼ ଶବ୍ଦ ହେବ । ଏ ବିଚରା ଏପରି ଘଟନା କେବେ ଦେଖି ନଥିଲା । ବିଶେଷରେ ଗୋଟାଏ ପ୍ରଳୟ ଚିନ୍ତା କରି ସ୍ଥିତ ଥିବା ଅବସ୍ଥାରେ ଗୋଟାଏ ଧୁମ୍ ଶବ୍ଦ ଶୁଣିବାରେ ଏହାର ଭୟ ହୋଇଗଲା । ସୁତରାଂ ତାକୁ ପ୍ରଳୟଶବ୍ଦ ମନେ କରି ଛନିଆ ହୋଇ ପ୍ରାଣଭୟରେ ଦୌଡ଼ିଲା । ତାପରେ ତା ଦେଖା ଦେଖି ଏସବୁଜାକ ଜନ୍ତୁ କାରଣ ନ ବୁଝି ଏପରି ଦୌଡ଼ୁଛନ୍ତି । ଏହା ଛଡ଼ା ଏଥିର ଅନ୍ୟ କାରଣ କିଛି ନାହିଁ । ଏହା ସିନା ମୁଁ ବୁଝିଲି । କିନ୍ତୁ କଥାରେ କହିଦେଲେ କଣ ମୂର୍ଖ ବୁଝିବେ ? ଏହାର ପ୍ରମାଣ ନ ଦେଖାଇଲେ ଏମାନେ କେବେ ବିଶ୍ୱାସ କରିବେ ନାହିଁ । ଏହା ସ୍ଥିର କରି କହିଲେ—ଆଚ୍ଛା ତୁମ୍ଭେମାନେ ଅଳ୍ପ ଧର, ପ୍ରକୃତରେ ପ୍ରଳୟ ହେଉଛି କି ନା, ମୁଁ ଦେଖି ଆସେଁ । ତା ପରେ ଯାହା କରିବା ଦରକାର, ତାହା କରିବା । ପ୍ରାଣୀମାନେ ସେ କଥା ମାନି ସେଠାରେ ଠିଆ ହୋଇ ରହିଲେ । ବୋଧିସତ୍ତ୍ୱ ସେହି ପ୍ରଳୟସ୍ଥାନ ଦେଖାଇ ଦେବାକୁ ଶଶକକୁ ସଙ୍ଗରେ ଯିବାକୁ କହିଲେ । ମାତ୍ର ଶଶକ କହିଲା—ଆପଣ ବାପା ହେଲେ, ମୁଁ ଜାଣି ଶୁଣି ମରିବାକୁ ପ୍ରଳୟ ସ୍ଥାନକୁ ଯିବି ? ଆପଣ ଯିବେ ତ ଯାନ୍ତୁ, ମୁଁ କଦାପି ଯିବି ନାହିଁ । ବୋଧିସତ୍ତ୍ୱ କହିଲେ—ଯେବେ ତୁମ୍ଭର ଏତେ ଭୟ, ତେବେ ମୁଁ ଆଗେ ଆଗେ

Digitized by srujanika@gmail.com

ଯାଉଛୁ; ତୁମ୍ଭେ ମୋ ପଛରେ ଆସ । ଯଦି ମୋର ପ୍ରଳୟ ଦେଖିବ, ତେବେ ଫେରି ଆସିବ, ଆଉ ଭୟ କଣ ? ଏହିପରି ଗୁଡ଼ାଏ ବୁଝାଇବାରେ ଶଶକ କୌଣସି ପ୍ରକାରେ ବୋଧିସତ୍ତ୍ୱଙ୍କ ପଛେ ପଛେ ଗଲା । ଗଲା ସିନା, ତାଳବନ ପାଖ ହେବାରୁ ତା ଗୋଡ଼ ଆଉ ଆଗକୁ ପଡ଼ିଲା ନାହିଁ । ସେ ସେହି ଦୂରରେ ରହି ନିଜର ବାସସ୍ଥାନ ସେହି ଶିରୀ ତାଳବୃକ୍ଷ ଦେଖାଇଲା । ସେ ବୃକ୍ଷ ନିକଟକୁ ଯିବାକୁ ତାକୁ ଯେତେ ବୁଝାଇଲେ, ସେ ମୋଟେ ବିଶ୍ୱାସ କଲା ନାହିଁ । ସେ ସେହିଠାରେ ରହିଲା, ବୋଧିସତ୍ତ୍ୱ ସେହି ତାଳଗଛ ମୂଳକୁ ଗଲେ । ଯାଇ ଦେଖନ୍ତି ତ—ତାଙ୍କ ଅନୁମାନ ସତ୍ୟ । ପାଚିଲା ବେଲଟାଏ ସେହି ତାଳମୂଳରେ ପଡ଼ିଛି । ସେ ଏହି ସତ୍ୟ ନିରୂପଣ କରି ଫେରି ଆସି ଶଶକକୁ ବୁଝାଇ ଦେବାରେ ତାର କିଛିଏ ଭୟ ଛାଡ଼ିଲା । ତାପରେ ତାକୁ ତାଳଗଛ ମୂଳକୁ ନେଇ ପଡ଼ିଥିବା ବେଲ ଦେଖାଇ ସକଳ ବିଷୟ ବୁଝାଇ ଦେବାରେ ତା ମନ ଥୟ ଧରିଲା । ତାପରେ ସେଠାକୁ ଫେରି ସେହି ଶଶକକୁ ସାକ୍ଷୀ କରି ସବୁ ପ୍ରାଣୀଙ୍କୁ ପ୍ରକୃତ କଥା ବୁଝାଇ ଦେବାରେ ସମସ୍ତେ ଧୀରସ୍ଥିର ହୋଇ ନିଜ ନିଜ ସ୍ଥାନକୁ ଫେରିଲେ । ନଚେତ୍ ସେମାନେ ଏହି ଭ୍ରାନ୍ତ ଧାରଣାରେ ପଡ଼ି ପଶ୍ଚିମ ସମୁଦ୍ରରେ ପଶି ଅକାରଣ ପ୍ରାଣ ହରାଇଥାନ୍ତେ । ବୋଧିସତ୍ତ୍ୱଙ୍କ ଯୋଗୁଁ ସେମାନଙ୍କର ପ୍ରାଣରକ୍ଷା ହେଲା ।

ନାହିଁ ଯାର ବୁଦ୍ଧି, ନାହିଁ ଯାର ଜ୍ଞାନ,
ବୃଥା କଲବଲ ହୁଏ ତାର ପ୍ରାଣ ।

ନ ବୁଝେ ସେ ସତ୍ୟ, ନ ଖୋଜେ ସେ ତଥ୍ୟ,
ପରବୋଲେ କରେ ଭଲମନ୍ଦ କୃତ୍ୟ ।

ଦୁର୍ବୁଦ୍ଧି ଶଶକ ବେଲଫଳେ ଭ୍ରାନ୍ତ,
ଦେଖିଲା ପ୍ରଳୟ, ହେଲା ପ୍ରାଣେ ତ୍ରସ୍ତ ।

ନ ବୁଝିଲେ ତଥ୍ୟ କେହି ପଶୁକୁଳ,
ପ୍ରାଣ ଯେବେ ହେଲେ ସକଳେ ବିକଳ ।

Digitized by srujanika@gmail.com

କ୍ରୋଧସକ୍ତ ଶାନ୍ତଶୀଳ ପ୍ରଜ୍ଞାବାନ,
ରଖୁଦେଲେ ସିନା ସବୁରି ଜୀବନ ।
ପଶୁକୁଳ ପାଇଁ ଏ ନୀତି କେବଳ,
ନୁହେ, ନରକୁଳେ ତଥା ସେ ପ୍ରବଳ ।

Digitized by srujanika@gmail.com

ସୁଜାତ ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ କୌଣସି ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ ତାଙ୍କର ନାମ ଥିଲା ସୁଜାତ । ତାହାଙ୍କର ବୟଃପ୍ରାପ୍ତି ପରେ ତାହାଙ୍କର ପିତାମହଙ୍କର ମୃତ୍ୟୁ ହୋଇଥିଲା । ସୁଜାତଙ୍କର ପିତା ଅତ୍ୟନ୍ତ ପିତୃଭକ୍ତ ଥିଲେ । ସେ ପିତୃବିୟୋଗରେ ଅତ୍ୟନ୍ତ ଅଧୀର ହୋଇ ଶ୍ମଶାନରେ ପିତାଙ୍କର ଅସ୍ଥି ଉପରେ ଗୋଟିଏ ରମଣୀୟ ସ୍ତୂପ ନିର୍ମାଣ କଲେ ଏବଂ ପ୍ରତ୍ୟହ ପ୍ରାତଃସନ୍ଧ୍ୟାରେ ଗନ୍ଧପୁଷ୍ପରେ ସେ ସ୍ତୂପର ପୂଜା କରୁଥିଲେ । ସୁଜାତପିତା ଅହୋରାତ୍ର ଶୋକାକୁଳ ହୋଇ ସ୍ନାନାହାର ବିଷୟରେ ଉଦାସୀନ ହେଲେ । ଧନସମ୍ପତ୍ତି ବିଷୟରେ ମଧ ତାଙ୍କର ସ୍ପୃହା ରହିଲା ନାହିଁ । ଏପରି ହେବାରେ କ୍ରମେ କ୍ଷୀଣ ଓ ଦୁର୍ବଳ ହେଲେ—ପ୍ରଚୁର ଧନକ୍ଷତି ମଧ ଘଟିଲା ।

ବୋଧିସତ୍ତ୍ୱ ପିତାଙ୍କର ଏହି କରୁଣ ଦଶା ଦେଖି ନାନା ପ୍ରବୋଧନା ଦେଲେ, ମାତ୍ର ସେଥିରେ ତାହାଙ୍କର କୌଣସି ପରିବର୍ତ୍ତନ ହେଲା ନାହିଁ । ବୋଧିସତ୍ତ୍ୱଙ୍କର ଆଶଙ୍କା ହେଲା—ପିତା ଯଦି ଆଉ କିଛିଦିନ ଚିନ୍ତା କରନ୍ତି, ତେବେ ତାହାଙ୍କର ଜୀବନସଙ୍କଟ ଉପସ୍ଥିତ ହେବ । ତେଣୁ କୌଣସି ଉପାୟରେ ପିତାଙ୍କର ଚିନ୍ତା ଦୂର କରିବା ଉଚିତ । ଏହା ଭାବି ସେ ନିମ୍ନଲିଖିତ ଉପାୟ ଅବଲମ୍ବନ କରିଥିଲେ ।

ଦିନେ ସେ ଗ୍ରାମପ୍ରାନ୍ତରେ ଗୋଟିଏ ଗୋରୁ ମରି ପଡ଼ିଥିବାର ଦେଖି କିଛି ତୃଣ ଏବଂ ଜଳ ନେଇ ତାହାର ସମ୍ମୁଖରେ ରଖି ତାହାର ମୁହଁରେ ତୃଣ ଦେଇ ଖାଅ, ଖାଅ ଓ ଜଳ ଦେଖାଇ ପିଅ, ପିଅ ବୋଲି ପୁନଃପୁନଃ କହିବାକୁ ଲାଗିଲେ । ଏହା ସେ ଯେଉଁଠାରେ କରୁଥିଲେ, ସେ ସ୍ଥାନ ସାଧାରଣ ଯାତାୟାତ ରାସ୍ତାରେ । ଏ ଘଟନା ଯିବା ଆସି

ଲୋକେ ସମସ୍ତେ ଦେଖିଲେ। ଯେ ଦେଖୁଛି, ସେ କହୁଛି—ସୁଜାତ! ତୁମେ କଣ ପାଗଳ ହେଲ? ମଲା ଗୋରୁଟା କେଉଁଠି ଘାସ ଖାଇବାର, ପାଣି ପିଇବାର ଶୁଣିଛ? ଏପରି କର ନାହିଁ, ଘରକୁ ଯାଅ, ନଚେତ୍ ଲୋକେ ପାଗଳ ବୋଲି କହିବେ। ଏହିପରି କେତେ ଲୋକେ ନିଷେଧ କଲେ, ବୁଝାଇଲେ। କିନ୍ତୁ ସେ କାହାରି କଥା ନ ଶୁଣି ନିଜ କର୍ତ୍ତବ୍ୟ କରିବାକୁ ଲାଗିଲେ। ସୁଜାତ ଉକ୍ତ କାର୍ଯ୍ୟରୁ ନିବୃତ୍ତ ନ ହେବାରୁ ଅନେକ ଲୋକ ତାହାଙ୍କର ପିତାଙ୍କୁ ଉକ୍ତ ଘଟନା ଜଣାଇ କହିଲେ ଆମ୍ଭେମାନେ ଦେଖୁଛୁ—ସୁଜାତ ପାଗଳ ହୋଇ ଯାଉଛି। ଆପଣ ସବୁ କାମ ବନ୍ଦ କରି ଶୀଘ୍ର ସେଥିର ପ୍ରତିକାର କରନ୍ତୁ। ଏକସୁଧୀ ପିତା ବନ୍ଧୁମୁଖରୁ ଏପରି ସମ୍ବାଦ ଶୁଣି ପୁତ୍ରର ଦୁଃଖରେ ଅଧୀର ହୋଇ ପଡ଼ିଲେ। ତେତେବେଳେ ତାଙ୍କର ଆଉ ପିତୃଶୋକ ରହିଲା ନାହିଁ, ସେ ପୁତ୍ରଦୁଃଖରେ କାତର ହୋଇଗଲେ। ସେ ଅଳ୍ପ କ୍ଷଣ ବିଳମ୍ବ ନ କରି ଶୀଘ୍ର ପୁତ୍ର ନିକଟକୁ ଯାଇ ଦେଖନ୍ତି ତ—ପ୍ରକୃତରେ ପୁତ୍ର ମଲା ଗୋରୁକୁ ଘାସ ପାଣି ଦେବାରେ ଲାଗିଛି। ସେ ଏହା ଦେଖି କହିଲେ—ବତ୍ସ ସୁଜାତ! ତୁମେ ପଣ୍ଡିତ, ପଣ୍ଡିତ ହୋଇ କିପରି ମଲା ଗୋରୁକୁ ଘାସ ପାଣି ଦେଉଛ? ତାହାର କଣ ଜୀବନ ଅଛି ଯେ, ସେ ତୁମର ଘାସ ଖାଇବ, ପାଣି ପିଇବ? ଆଉ ସେପରି ନ କରି ଘରକୁ ଚାଲ।

ଏହା ଶୁଣି ସୁଜାତ କହନ୍ତି—

ଅଛି ତ ଏହାର ଶ୍ରବଣ ନୟନ,
ତୁଣ୍ଡ ମୁଣ୍ଡ ପୁଣି ଗୃବେଷ୍ଟ ଚରଣ।
ଅବିଶ୍ୱାସ କିପାଁ ହେ ଅବୋଧ ପିତଃ!
ଖାଇପାରେ ଏହୁ ପୁଣି ଆତ ଯାତ।
ପିତାମହ ମୋର ଯାଇଛନ୍ତି ମରି,
କିଛିହେଁ ଅସ୍ଥି ନାହିଁତ ତାଙ୍କର।
ରହିଅଛି ଭସ୍ମ ପ୍ରମାଣ ସାର,
ସେଥିପାଇଁ ତୁମେ ସତତ ତତ୍ପର।

Digitized by srujanika@gmail.com

ଦେଖୁଛ ସେ ଗନ୍ଧ ପୁଷ୍ପ ତହିଁ କେତ,
ଗାଇ ସ୍ତୁତିଗୀତି ଅଟନ୍ତି ପ୍ରଣତ ।
ତବ ମୃତ ପିତା ହୋଇ ଭସ୍ମୀଭୂତ,
ଦେଖନ୍ତି ସେ ସବୁ ଏହା ଯେବେ ସତ ।
ଏଥି ଯୋଗୁଁ ତୁମ୍ଭେ ନ ହେଲ ପାଗଳ,
କିପାଁ ବୋଲାଇବି ମୁଁ ଅବା ପାଗଳ !

ପିତା ପୁତ୍ରର ଏପରି ଯୁକ୍ତିଯୁକ୍ତ ଉତ୍ତର ଶୁଣି ଭାବିଲେ—ମୋର ପୁତ୍ର ପ୍ରକୃତରେ ପଣ୍ଡିତ । ନ ହେଲେ ଇହଲୋକର ଏବଂ ପରଲୋକର ତତ୍ତ୍ୱ କିପରି ଜାଣନ୍ତା ? ସେ ସେହି ବାତୁଳତାବଳରେ ମୋତେ ପ୍ରବୋଧନା ଦେବା ଉଦ୍ଦେଶ୍ୟରେ ଏହି ଉପାୟ ଅବଲମ୍ବନ କରିଅଛି । ଏଥିରୁ ସ୍ପଷ୍ଟ ଭାବରେ ବୁଝି ପାରୁଛି, ମୁଁ ଅଯଥା ଶୋକରେ ଅଭିଭୂତ ହୋଇଅଛି । ଆଉ ବୃଥା ଶୋକ କରିବା ଉଚିତ ନୁହେଁ । ଏହା ସ୍ଥିର କରି କହିଲେ—ପୁତ୍ର !

ସଲିଳେ ଯେପରି ହୁଏ ନିର୍ବାପିତ,
ଶିଖାବାନ ଅଗ୍ନି ଘୃତରେ ପୁଷ୍ଟ ।
ତେସନ ତୁମ୍ଭର ଉପଦେଶାମୃତ,
ମୋ ସନ୍ତପ୍ତ ପ୍ରାଣ କରିଅଛି ତୃପ୍ତ ।
ଧନ୍ୟ ତୁମ୍ଭେ ପୁତ୍ର, ଧନ୍ୟ ତବ ଜ୍ଞାନ,
ତୁମ୍ଭ ପରି ଶାନ୍ତି ଦିଏ ଯେ, ସେ ଧନ୍ୟ !

Digitized by srujanika@gmail.com

ଉରଗ ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ କୌଣସି ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିଲେ । ସେ ଗୃହସ୍ଥାଶ୍ରମ କରି କୃଷିକାର୍ଯ୍ୟଦ୍ୱାରା ଜୀବିକା ନିର୍ବାହ କରୁଥିଲେ । ତାହାଙ୍କର ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ହୋଇଥିଲା । ପୁତ୍ରର ବିବାହ ବୟସ ହେବାରୁ ବୋଧିସତ୍ତ୍ୱ ତାହାକୁ ଗୋଟିଏ ବ୍ରାହ୍ମଣକୁମାରୀ ସହିତ ବିବାହ ଦେଇଥିଲେ । ତାହାଙ୍କର ଗୃହରେ ଗୋଟିଏ ଦାସୀ ମଧ୍ୟ ଥିଲା । ବୋଧିସତ୍ତ୍ୱ ନିଜର ପରିବାରବର୍ଗଙ୍କୁ ଉପଦେଶ ଦିଅନ୍ତି ଯେ—ଅଯ୍ୟ ଅନୁରୂପ ବ୍ୟୟ କରିବ, ସ୍ୱଭାବ ଚରିତ୍ର ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବ, ପ୍ରତ୍ୟେକର ଯେ କୌଣସି ଦିନ ଅବଶ୍ୟ ମୃତ୍ୟୁ ହେବ, ଏହା ପ୍ରତ୍ୟେକେ ସ୍ମରଣ ରଖିବ । ତୁମ୍ଭେମାନେ ସମସ୍ତେ ମରଣଶୀଳ, ପ୍ରାଣୀମାନଙ୍କର ମୃତ୍ୟୁ ଧ୍ରୁବ, ଜୀବନ ଅଧ୍ରୁବ, ଏହା ଦୃଢ଼ଭାବରେ ସ୍ମରଣ ରଖିବ । ପୁଣି ଏ ସଂସାର ଅନିତ୍ୟ ଏବଂ କ୍ଷୟଶୀଳ, ଏହା ଜାଣି ସର୍ବଦା ଧର୍ମାନୁମୋଦିତ ଭାବରେ ଚଳିବ । ପରିବାରବର୍ଗ ବୋଧିସତ୍ତ୍ୱଙ୍କର ଉପଦେଶାନୁସାରେ ଦୈନନ୍ଦିନ ଜୀବନ ଯାପନ କରୁଥିଲେ ।

ଏକଦା ବୋଧିସତ୍ତ୍ୱ ପୁତ୍ର ସହିତ ଭୂମିକର୍ଷଣ କରିବା ନିମନ୍ତେ ଯାଇଥିଲେ । ପିତା କର୍ଷଣକାର୍ଯ୍ୟରେ ନିଯୁକ୍ତ ଥିବା ସମୟରେ ପୁତ୍ର କ୍ଷେତ୍ରର ଆବର୍ଜନାଗୁଡ଼ିକ ଏକତ୍ର କରି ଦଗ୍ଧ କରୁଥିଲେ । କ୍ଷେତ୍ରର ଅଦୂରରେ ଗୋଟିଏ ବଲ୍ମୀକରେ ଗୋଟିଏ ବିଷଧର ସର୍ପ ବାସ କରୁଥିଲା । ଧୂମଜ୍ୱାଳାରେ ସେ ଗର୍ତ୍ତମଧ୍ୟରେ ରହି ନ ପାରି ବାହାରକୁ ନିର୍ଗତ ହେଲା । ସେ ଦେଖିଲା—ବୋଧିସତ୍ତ୍ୱଙ୍କର ପୁତ୍ର ଆବର୍ଜନା ଦଗ୍ଧ କରି ଧୂମଦ୍ୱାରା ଏହି କଷ୍ଟ ଦେଉଅଛି; ତେଣୁ ସେ କ୍ରୁଦ୍ଧ ହୋଇ ତୀବ୍ର ବିଷଦଂଶନରେ ବ୍ରାହ୍ମଣପୁତ୍ରକୁ ଦଂଶନ କଲା । କହିବା ବାହୁଲ୍ୟ— ବ୍ରାହ୍ମଣପୁତ୍ର ବିଷଜ୍ୱାଳାରେ ତତ୍କ୍ଷଣାତ୍ ପ୍ରାଣତ୍ୟାଗ କଲା ।

Digitized by srujanika@gmail.com

ବୋଧିସତ୍ତ୍ୱ ପୁତ୍ରର ମୃତ୍ୟୁ ଜାଣି ପାରି ଭୂମିକର୍ଷଣରୁ ନିବୃତ୍ତ ହୋଇ ତତ୍‌କ୍ଷଣାତ୍ ମୃତପୁତ୍ର ନିକଟରେ ଉପସ୍ଥିତ ହୋଇ ସେହି ଶବଦେହରେ ଖଣ୍ଡେ ବସ୍ତ୍ର ଘୋଡ଼ାଇଦେଲେ । ମରଣଶୀଳ ମରେ, ଭଙ୍ଗୁର ପଦାର୍ଥ ବିନଷ୍ଟ ହୁଏ, ସମସ୍ତଙ୍କର ଧ୍ୱଂସ ଅନିବାର୍ଯ୍ୟ, ସେ ଏହି ଅନିତ୍ୟଭାବରେ ପ୍ରଭାବିତ ହୋଇ ପୁନଶ୍ଚ ନିଜର କର୍ତ୍ତବ୍ୟକାର୍ଯ୍ୟ ଭୂମିକର୍ଷଣରେ ନିଯୁକ୍ତ ହେଲେ ।

ଏହି ସମୟରେ ବୋଧିସତ୍ତ୍ୱଙ୍କର ଜଣେ ପ୍ରତିବେଶୀ ସେହି କ୍ଷେତର ନିକଟ ଦେଇ ଯାଉଥିଲା । ତାହାକୁ ଦେଖି ବୋଧିସତ୍ତ୍ୱ କହିଲେ—ଆମ୍ଭ ଘରେ ବ୍ରାହ୍ମଣୀକୁ କହିବ—ଆଜି ଦୁଇଜଣଙ୍କ ନିମନ୍ତେ ଆହାର ନ ପଠାଇ ଜଣକ ନିମନ୍ତେ ପଠାଇବେ ଏବଂ ସେମାନେ ଶୁଦ୍ଧବସ୍ତ୍ର ପରିଧାନ କରି ଗନ୍ଧ-ପୁଷ୍ପ ନେଇ ଏଠାକୁ ଆସିବେ । ପ୍ରତିବେଶୀ ବ୍ରାହ୍ମଣ ଏପରି ସମ୍ବାଦ ଜଣାଇବାରୁ ବ୍ରାହ୍ମଣୀ ପୁତ୍ରର ମୃତ୍ୟୁ ହୋଇଅଛି ବୋଲି ବୁଝି-ପାରିଥିଲେ । କିନ୍ତୁ ସେଥିନିମନ୍ତେ ତିଳମାତ୍ର ଦୁଃଖ ନ କରି ପରିବାରର ଅନ୍ୟାନ୍ୟଙ୍କୁ ସଙ୍ଗରେ ନେଇ ଗନ୍ଧ, ପୁଷ୍ପ ଓ ସ୍ୱାମୀଙ୍କ ଆହାର ସହ କ୍ଷେତରେ ଉପସ୍ଥିତ ହେଲେ । ସେମାନେ ଦେଖିଲେ, ଧୀର ସୁନ୍ଦର ଯୁବକ ପୁତ୍ର ସର୍ପଦଂଶନରେ ମରି ପଡ଼ିଅଛି । କିନ୍ତୁ କେହି ହେଲେ ବିନ୍ଦୁମାତ୍ର ଅଶ୍ରୁପାତ କଲେ ନାହିଁ । ବୋଧିସତ୍ତ୍ୱ ମୃତପୁତ୍ର ନିକଟରେ ଛାୟାରେ ବସି ଅଜାତ ଖାଦ୍ୟ ଆହାର କରିବାକୁ ଲାଗିଲେ ।

ବୋଧିସତ୍ତ୍ୱଙ୍କର ଆହାର ଶେଷ ହେବାରୁ ସମସ୍ତେ ମିଳିତ ହୋଇ ଗନ୍ଧ ପୁଷ୍ପ ଦେଇ ଶବଦାହ କଲେ । ତଥାପି କାହାରି ଆଖିରେ ବିନ୍ଦୁମାତ୍ର ଅଶ୍ରୁ ଦେଖାଗଲା ନାହିଁ । ବୋଧିସତ୍ତ୍ୱଙ୍କର ସେହି ମହାମୂଲ୍ୟ ଉପଦେଶ ମନରେ ଉଦିତ ହୋଇ ସମସ୍ତଙ୍କୁ ଦମ୍ଭ ଏବଂ ସାହସ ଦେଲା । ସ୍ୱର୍ଗରେ ଇନ୍ଦ୍ର ଏ ସମସ୍ତ ଘଟଣା ଜାଣି ପାରିଲେ । ସେ ସେମାନଙ୍କର ଶୀଳରେ ସନ୍ତୁଷ୍ଟ ହୋଇ ସେମାନଙ୍କ ସହିତ ଆଳାପ କରିବାକୁ ଏବଂ ସେମାନଙ୍କ ଗୃହ ଅଷ୍ଟ ରତ୍ନରେ ପରିପୂର୍ଣ୍ଣ କରିବାକୁ ମନସ୍ଥ କରି ସେହି କ୍ଷେତରେ ଉପସ୍ଥିତ ହେଲେ ।

Digitized by srujanika@gmail.com

ଇନ୍ଦ୍ର ଚଣ୍ଡା ନିକଟରେ ଉପସ୍ଥିତ ହୋଇ ପଚାରିଲେ—ତୁମ୍ଭେମାନେ ଏଠାରେ କଅଣ କରୁଅଛ ? ସେମାନେ କହିଲେ, ଆମ୍ଭେମାନେ ଗୋଟେ ମନୁଷ୍ୟ ଦାହ କରୁଅଛୁ । ଇନ୍ଦ୍ର ପୁଣି କହିଲେ—ମୋର ବିଶ୍ୱାସ—ତୁମ୍ଭେମାନେ ମନୁଷ୍ୟ ଦାହ କରୁ ନାହିଁ, ସମ୍ଭବତଃ ଗୋଟେ ମୃଗ ପୋଡ଼ୁଅଛ । ସେମାନେ କହିଲେ—ନା ପ୍ରଭୋ ! ପ୍ରକୃତରେ ମନୁଷ୍ୟ ଦାହ କରୁଅଛୁଁ । ସେ କହିଲେ—ତେବେ ସେ ଲୋକଟା ତୁମ୍ଭମାନଙ୍କର ଶତ୍ରୁ ଥିଲା । ବୋଧିସତ୍ତ୍ୱ କହିଲେ—ସେ ମୋର ଔରସ ପୁତ୍ର, ଶତ୍ରୁ ନୁହେ । ତାହାହେଲେ ତୁମ୍ଭେ ସେ ପୁତ୍ରକୁ ଭଲ ପାଉ ନାହିଁ । ବୋଧିସତ୍ତ୍ୱ କହିଲେ—ସେ ମୋର ପ୍ରାଣାଧିକ ପ୍ରିୟ ଥିଲା । ତାହାହେଲେ କାନ୍ଦୁ ନାହିଁ କାହିଁକି ? ବୋଧିସତ୍ତ୍ୱ ନ କାନ୍ଦିବାର କାରଣ କହିଲେ—

ହେଲେ ଜରବ୍ୟାଧି ଜୀର୍ଣ୍ଣ ହୁଏ ଦେହ,
ଯାଏ ଭୋଗତୃଷ୍ଣା ଛନ୍ତ ହେଲେ ସ୍ନେହ ।
ପିଣ୍ଡ ତେଜି ଜୀବ ଯାଏ ଲୋକାନ୍ତର,
ମିଶଇ ମାଟିରେ ପିଣ୍ଡ ଏ ମାଟିର ।
ଦଗ୍ଧ ହେଲେ ଦେହ ପ୍ରେତ ଆତ୍ମା ତାର,
ଦୁଃଖ ଅନୁଭବ ନ କରେ ମସ୍ତାର ।
ନ ଶୁଣେ ସେ କର୍ଣ୍ଣେ କାହାର କ୍ରନ୍ଦନ,
କଲେ ଶୋକ, ତହିଁ ହୁଏ ଅକାରଣ ।

ବୋଧିସତ୍ତ୍ୱଙ୍କ କଥା ଶୁଣି ଇନ୍ଦ୍ର ବ୍ରାହ୍ମଣୀକୁ ପଚାରିଲେ—ମା ! ଏ ମୃତ ଲୋକ ତୁମ୍ଭର କଣ ହୁଏ ? ସେ କହିଲେ—ପ୍ରଭୋ ! ନାନା ବ୍ରତୋପବାସ-ଫଳରେ ଏହି ପୁତ୍ରରତ୍ନ ପାଇଥିଲି । ଏହାରି ପାଇଁ କଠୋର ଗର୍ଭବେଦନା ସହ୍ୟ କରିଅଛି, ସ୍ତନ୍ୟଦାନ କରି ବହୁଯତ୍ନରେ ବଢ଼ାଇଥିଲି । ଇନ୍ଦ୍ର କହିଲେ—ପୁରୁଷ କର୍କଶ ବୋଲି ପୁତ୍ର ପାଇଁ ଶୋକ ନ କରି ପାରେ । କିନ୍ତୁ ସ୍ନେହମୟୀ ଗର୍ଭଧାରିଣୀ ମାତା କିପରି ଶୋକ ନ କରି ରହି ପାରେ ? ତୁମ୍ଭେ ମା ହୋଇ କିପରି ନ କାନ୍ଦି ରହି ପାରିଛ, ମୁଁ ବୁଝି ପାରୁ ନାହିଁ । ସେ କହିଲେ —

ଡାକ ନାହିଁ ଦେଲୁ, ଯାନ୍ତି ସେ ଅଲକ୍ଷ୍ୟ,
ନ ଜାଣୁ ଏ ଦେହ ଛାଡ଼ ଗୃହ ଗଲା ।
ଗତାଗତ ତାର ଅଦ୍ଭୁତ ପ୍ରକାର,
କାନ୍ଦବାରେ ଜାନ ମାତ୍ର ହେବ ସାର ।

ଇନ୍ଦ୍ର ତତ୍ପରେ ବୋଧିସତ୍ତ୍ୱଙ୍କର କନ୍ୟାଙ୍କୁ ସେହିପରି ପଚାରିଲେ—ଏହା ସଙ୍ଗେ ତୁମ୍ଭର କି ସମ୍ବନ୍ଧ ? ସେ କହିଲେ—ସେ ମୋର ଭାଇ । ଇନ୍ଦ୍ର କହିଲେ—ତୁମ୍ଭର ସ୍ନେହର ଭାଇ ମରି ପଡ଼ିଛି, ଅଥଚ ତୁମ୍ଭ ଆଖିରେ ବିନ୍ଦୁଏ ଅଶ୍ରୁ ନାହିଁ ! ଏହାର କାରଣ କଣ ? ସେ କହିଲେ—

ତେଜ ପାନାହାର ଝୁରି ନିରନ୍ତର,
କୃଶ ହେଲେ ତନୁ ଫଳିବ କି ଫଳ ।
ଲାଭ ହେବ ତହିଁ ଦେଖି ମୋର ଶୋକ,
ଆତ୍ମୀୟ ବାନ୍ଧବେ ଭୁଞ୍ଜିବେଟି ଦୁଃଖ ।

ତତ୍ପରେ ଇନ୍ଦ୍ର ମୃତ ଯୁବକର ପତ୍ନୀକୁ ସେହିପରି ପଚାରିବାରେ ସେ କହିଲେ— ପ୍ରଭୋ ! ସେ ମୋର ପ୍ରାଣର ଦେବତା ପତି ଥିଲେ । ତେବେ ପତିବିୟୋଗରେ ଅନାଥା ବିଧବା ହୋଇ ସୁଦ୍ଧା ତୁମ୍ଭେ କାନ୍ଦୁ ନାହିଁ କାହିଁକି ? ସେ କହିଲେ—

ପାଇବାକୁ ଚନ୍ଦ୍ର ଅବୋଧ ବାଳକ,
କାନ୍ଦେ ବୃଥା ଯଥା ନ ଜାଣି ବିବେକ ।
ତଥା ପ୍ରେତ ପାଇଁ ଶୋକ ଅକାରଣ,
ମୃତ ପିଣ୍ଡେ ଆଉ ଫେରିବ କି ପ୍ରାଣ ?

ତତ୍ପରେ ଦାସୀକି ପଚାରିବାରେ ସେ କହିଲା—ପ୍ରଭୋ ! ସେ ମୋର ପ୍ରାଣର ରକ୍ଷାକର୍ତ୍ତା ଦୟାଳୁ ପ୍ରଭୁ ଥିଲେ । ତେବେ ଏପରି ପ୍ରଭୁଙ୍କର ମୃତ୍ୟୁରେ ତୁମ୍ଭେ ନ କାନ୍ଦି ରହିଛ କିପରି ? ସେ କହିଲା—

ଯେତେ ଯୋଡ଼ିଲେହେଁ ଭଗ୍ନ ମୃତ୍ କଳଶ,
ଯୋଡ଼ ନୁହେ ବୃଥା ହୁଅଇ ପ୍ରୟାସ ।

Digitized by srujanika@gmail.com

ପ୍ରେତ ପାଇଁ ତଥା ହଲେହେଁ ଭ୍ରମନ,
ମୃତ ଦେହେ ଆଉ ନ ଫେରେ ଜୀବନ ।

ଇନ୍ଦ୍ର ସମସ୍ତଙ୍କ ମୁଖରୁ ମୋହମମତାଶୂନ୍ୟ ତତ୍ତ୍ୱକଥା ଶୁଣି ପ୍ରସନ୍ନ ହୋଇ କହିଲେ—ମୁଁ ଇନ୍ଦ୍ର, ତୁମ୍ଭେମାନଙ୍କର ଅନାସକ୍ତିରେ ଅତ୍ୟନ୍ତ ପ୍ରୀତ ହୋଇ ଏହି ବର ଦେଉଅଛି ଯେ—ଆଉ ତୁମ୍ଭମାନଙ୍କୁ କଠୋର ପରିଶ୍ରମ କରି ଜୀବିକାର୍ଜନ କରିବାକୁ ହେବ ନାହିଁ । ତୁମ୍ଭର ଗୃହ ଅଚିରଭନ୍ନରେ ପରିପୂର୍ଣ୍ଣ ହେବ । ତୁମ୍ଭେମାନେ ଶୀଳବାନ୍ ହୋଇ ଅଜସ୍ର ଦାନ କରି ନିଜର ଜୀବନ ଧନ୍ୟ କର । ଯେଉଁମାନେ ତୁମ୍ଭର ଆଦର୍ଶରେ ଜୀବନ ଗଢ଼ି ପାରିବେ, ସେମାନେ ତୁମ୍ଭର ପରି ପୃଥିବୀରେ ମଧ୍ୟ ସ୍ୱର୍ଗ-ସୁଖର ଅଧିକାରୀ ହୋଇ ପାରିବେ ।

ମମତା ବନ୍ଧନେ ନାହିଁ ସୁଖଲେଶ,
ସୁଖ ଛଡ଼ି ଲୋକ ହେବେ ଘୋର କ୍ଳେଶ ।
ପ୍ରାଣୀପକ୍ଷେ ଏହା କଠୋର ପରୀକ୍ଷା,
ଉତ୍ତରେ ଯେ ଏଥୁ ଦୁଃଖୁଁ ପାଏ ରକ୍ଷା ।

Digitized by srujanika@gmail.com

କଲାୟମୁଷ୍ଟି ଜାତକ

ପୂର୍ବକାଳରେ ବାରାଣସୀରାଜ ବ୍ରହ୍ମଦତ୍ତଙ୍କ ସମୟରେ ବୋଧିସତ୍ତ୍ୱ ତାହାଙ୍କର ପ୍ରଧାନ ସଚିବ ହୋଇଥିଲେ ଏବଂ ତାହାଙ୍କୁ ଧର୍ମ ଓ ଅର୍ଥ ବିଷୟରେ ସତ୍ ପରାମର୍ଶ ଦେଉଥିଲେ । ଏକଦା ସୀମାନ୍ତପ୍ରଦେଶ-ବାସୀମାନେ ବିଦ୍ରୋହୀ ହୋଇ ରାଜ୍ୟ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ମୁଖ୍ୟ ରାଜକର୍ମଚାରୀମାନେ ରାଜାଙ୍କୁ ସେ ସମ୍ବାଦ ଜଣାଇଲେ । ତେତେବେଳେ ଘୋର ବର୍ଷାକାଳ ହେଲେହେଁ ରାଜା ଯୁଦ୍ଧ ନିମନ୍ତେ ଶିବିର ସ୍ଥାପନ କରି ସୈନ୍ୟସଜ୍ଜା କରିବାକୁ ବାଧ୍ୟ ହେଲେ । ଯୁଦ୍ଧାଶ୍ୱ-ମାନଙ୍କ ନିମନ୍ତେ ଅଶ୍ୱପାଳମାନେ ପ୍ରଚୁର ବୁଟ ସିଦ୍ଧ କରି ବଡ଼ ବଡ଼ ଲୌହ ପାତ୍ରମାନଙ୍କରେ ଢାଳିବାକୁ ଲାଗିଲେ । ରାଜା ଏବଂ ରାଜମନ୍ତ୍ରୀ ଏ ସମସ୍ତ ପର୍ଯ୍ୟବେକ୍ଷଣ କରିବାରେ ଅବହେଳା କଲେ ନାହିଁ ।

ଯେଉଁ ଉଦ୍ୟାନରେ ଯୁଦ୍ଧର ଏପରି ଆୟୋଜନ ହେଉଥିଲା, ସେଥିରେ ବହୁତ ବାନର ବାସ କରୁଥିଲେ । ସେମାନଙ୍କ ମଧ୍ୟରୁ ଗୋଟାଏ ବାନର ଖାଦ୍ୟଲୋଭରେ ବୃକ୍ଷରୁ ଅବତରଣ କରି ସେହି ଅଶ୍ୱଖାଦ୍ୟ-ମଧ୍ୟରୁ ଗୁଡ଼ାଏ ବୁଟ ମୁଖରେ ପୂରାଇଲା ଏବଂ ଦୁଇହାତରେ ମଧ୍ୟ ଦୁଇ ମୁଠି ଧରି ଡିଆଁମାରି ପୁଣି ଗଛରେ ଚଢ଼ିଲା । ସେ ଆନନ୍ଦରେ ଗଛ ଉପରେ ବସି ବୁଟ ଖାଉ ଖାଉ ଗୋଟାଏ ବୁଟ ତା ହାତରୁ ତଳେ ପଡ଼ିଗଲା । ସେ ସେହି ବୁଟଟିର ଲୋଭରେ ପଡ଼ି ତାକୁ ସଂଗ୍ରହ କରିବା ଉଦ୍ଦେଶ୍ୟରେ ତଳକୁ ଓହ୍ଲାଇଲା । ମାତ୍ର ଦୁଇ ମୁଠାରେ ବୁଟ ଧରି ଓହ୍ଲାଇବା ଅସମ୍ଭବ ହେଲା । ସୁତରାଂ ଏକ ବୁଟର ମୋହରେ ମୁଗ୍ଧ ମୂଢ଼ ବାନର କିଛି ବିଚାର ନ କରି ଦୁଇ ମୁଠାର ବୁଟ ତଳକୁ ଫିଙ୍ଗିଦେଲା । ସୁତରାଂ ତାର ଓହ୍ଲାଇବାରେ ଆଉ ଅସୁବିଧା ହେଲା ନାହିଁ । ସେ ଗଛର ମୂଳ କଣ୍ଟା-ଲଟାରେ ପରିପୂର୍ଣ୍ଣ । ସେଥିରୁ ବୁଟ ପାଇବା ଅସମ୍ଭବ । ତଥାପି ମୂଢ଼ ବାନର ତାର ପ୍ରଥମ ପଡ଼ିଥିବା ବୁଟକୁ ଅନେକ ଖୋଜିଲା । ମାତ୍ର ସେ

Digitized by srujanika@gmail.com

ବୁଟ କାହିଁକି, କୌଣସି ବୁଟ ମଧ୍ୟ ମିଳିଲା ନାହିଁ । ଅଧିକନ୍ତୁ କଣ୍ଟାରେ ଦେହ ଫଡ଼ା ଫଡ଼ା ହୋଇ ଛିଡ଼ିଗଲା । ଫଳରେ ଗୋଟାଏ ବୁଟ ଯୋଗୁଁ ସବୁ ବୁଟ ଗଲା ଏବଂ ଦେହଯାକ କ୍ଷତବିକ୍ଷତ ହେଲା । ସେତେବେଳେ ସେ ବୁଝିଲା—ମୁଁ କଲି କଣ ? ଗୋଟାଏ ବୁଟ ଲୋଭେ ଏତେ ଗୁଡ଼ାଏ ବୁଟ ହରାଇଲି, ତା ଉପରେ ଦେହପୀଡ଼ା ପୁଣି ଭୋଗିଲି ।

ରାଜା ସେ ବାନରର ଏ ସମସ୍ତ ଘଟଣା ଏକାଗ୍ର ହୋଇ ଦେଖୁଥିଲେ । ତତ୍ପରେ ପ୍ରଧାନ ମନ୍ତ୍ରୀଙ୍କୁ ବାନରର ଘଟଣା ବିଶଦଭାବରେ ବୁଝାଇ ଦେଇ ପଚାରିଲେ—ବନ୍ଧୋ ! ଏଥିରୁ କଣ ବୁଝାଯାଉଛି ? ପ୍ରଧାନ ମନ୍ତ୍ରୀ ବୋଧିସତ୍ତ୍ୱ କହିଲେ—ମହାରାଜ ! ଯେଉଁମାନେ ନିର୍ବୋଧ, ବିଷୟଜ୍ଞାନ-ଶୂନ୍ୟ, ସେହିମାନେ ଏହିପରି ଦୁର୍ଦ୍ଦଶା ଭୋଗ କରିଥାନ୍ତି ।

ଦେଖିଲ ତ ପ୍ରଭୋ ଏ ମୂର୍ଖ ବାନର
ସାମାନ୍ୟ ବୁଟଟି ପାଇଁ,
ଦ୍ୱିମୁଷ୍ଟି ପ୍ରମାଣ ବୁଟ ହରାଇଲା
ଲୋକେ ହସଏ ଚାହିଁ ଚାହିଁ ।
କାଣ୍ଡଜ୍ଞାନହୀନ ଅତି ଲୋଭୀଜନ,
ଅଳ୍ପ ହେତୁ କରେ ବହୁ ବିସର୍ଜ୍ଜନ,
ସେହିପରି ଆମ୍ଭ ଯୁଦ୍ଧ ଆୟୋଜନ,
ଅଳ୍ପ ଲାଭ ପାଇଁ ପ୍ରବଳ ଉଦ୍ୟମ ।

ରାଜା ବୋଧିସତ୍ତ୍ୱଙ୍କର ଉଦାର ଅହିଂସାନୀତିରେ ପ୍ରକୃତିସ୍ଥ ହୋଇ ଯୁଦ୍ଧ ଉଦ୍ୟମରୁ ବିରତ ହେଲେ । ତେଣେ ବିଦ୍ରୋହିବୃନ୍ଦ ରାଜାଙ୍କର ପ୍ରବଳ ଯୁଦ୍ଧୋଦ୍ୟମ ଶୁଣି ଭୟରେ ଆକ୍ରମଣରୁ ନିବୃତ୍ତ ହୋଇ ପଳାୟନ କଲେ ।

ଅହିଂସାର ଜୟ ଅଦ୍ଭୁତ ପ୍ରକାର,
ବୁଝେ ତାହା ଧୀର, ନ ବୁଝେ ପାମର ।

Digitized by srujanika@gmail.com

ସୋମଦତ୍ତ ଜାତକ

ବୋଧିସତ୍ତ୍ୱ ବାରାଣସୀରାଜ୍ୟର କୌଣସି ବ୍ରାହ୍ମଣକୁଳରେ ସୋମଦତ୍ତ ନାମରେ ଜନ୍ମଗ୍ରହଣ କରିଥିଲେ । ବିଦ୍ୟାଭ୍ୟାସର ସମୟ ଉପସ୍ଥିତ ହେବାରୁ ସେ ତକ୍ଷଶିଳା ଯାଇ ସେଠାରେ କୌଣସି ଆଚାର୍ଯ୍ୟଙ୍କ-ଠାରୁ ବିଦ୍ୟାଶିକ୍ଷା କଲେ । ସେ ସ୍ୱଳ୍ପକାଳ ମଧ୍ୟରେ ନିଜ ପ୍ରତିଭାବଳରେ ସକଳ ଶାସ୍ତ୍ରରେ ସୁପଣ୍ଡିତ ହୋଇ ନିଜ ଗୃହକୁ ଫେରି ଆସିଲେ । ସେ ଦେଖିଲେ, ଧନାଭାବରୁ ପିତା ମାତା ପ୍ରଭୃତି ପରିବାରବର୍ଗ ଅତ୍ୟନ୍ତ କଷ୍ଟ-ଭୋଗ କରୁଅଛନ୍ତି । ଏହି ଦୁର୍ଗତି ଦୂର କରିବା ନିମନ୍ତେ ସେ ପିତାମାତାଙ୍କର ଅନୁମତି ନେଇ ଜୀବିକାର୍ଜନ ଉଦ୍ଦେଶ୍ୟରେ ବାରାଣସୀ ରାଜାଙ୍କ ନିକଟକୁ ଗମନ କଲେ । ରାଜା ବୋଧିସତ୍ତ୍ୱଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାହାଙ୍କୁ କୌଣସି ଉଚ୍ଚ ରାଜକର୍ମଗୃସ୍ତ ପଦରେ ନିଯୁକ୍ତ କଲେ । ବୋଧିସତ୍ତ୍ୱ ମଧ୍ୟ ନିଜର ବୁଦ୍ଧିବଳରେ ଅଳ୍ପଦିନ ମଧ୍ୟରେ ରାଜାଙ୍କର ଅତ୍ୟନ୍ତ ପ୍ରିୟ ହେଲେ ।

ବୋଧିସତ୍ତ୍ୱଙ୍କର ଦରିଦ୍ର ପିତା ଦୁଇଗୋଟି ଗୋରୁ ସାହାଯ୍ୟରେ ଭୂମିକର୍ଷଣ କରି ଜୀବିକା ନିର୍ବାହ କରୁଥିଲେ । କିନ୍ତୁ କିଛିଦିନ ପରେ ଦୈବାତ୍ ଗୋଟିଏ ଗୋରୁ ମରିଯିବାରୁ କୃଷିକାର୍ଯ୍ୟରେ ବ୍ୟାଘାତ ଘଟିଲା । ତହୁଁ ବୃଦ୍ଧ ପିତା ପୁତ୍ର ନିକଟକୁ ଯାଇ କହିଲେ—ବତ୍ସ ! ଗୋଟିଏ ଗୋରୁ ମରିଯିବାରୁ କୃଷି କରିବା ଅସମ୍ଭବ ହୋଇଅଛି । ସୁତରାଂ ତୁମ୍ଭେ ନିଜେ ଯାଇ ରାଜାଙ୍କୁ ଜଣାଇ ଗୋଟିଏ ଗୋରୁ ମାଗ । ବୋଧିସତ୍ତ୍ୱ କହିଲେ—ପିତଃ ! ରାଜା ମୋତେ ଯେଉଁ ଦୃଷ୍ଟିରେ ଦେଖନ୍ତି, ସେଥିରେ ଗୋରୁ ମାଗିବା ମୋ ପକ୍ଷରେ ଭଲ ହେବ ନାହିଁ, ଆପଣ ଯାଇ ମାଗିବା ବରଂ ଭଲ । ପିତା କହିଲେ—ବତ୍ସ ! ତୁମ୍ଭେ ଜାଣ ନାହିଁ—ମୁଁ କିପରି ଲଜ୍ଜାଶୀଳ ? ଏକ ସ୍ଥାନରେ ଦୁଇ ତିନି ଜଣ ଲୋକ ଦେଖିଲେ ମୋ ମୁହଁରୁ କଥା ବାହାରେ ନାହିଁ । ଏହା ମୋହର ପ୍ରକୃତି । ସେପରି ସ୍ଥଳରେ

Digitized by srujanika@gmail.com

ମୁ ଏକ କଥା କହୁ କହୁ ଅନ୍ୟ କଥା ମଧ୍ୟ ହୋଇଯାଏ । ଯଦି ମୁଁ ରାଜାଙ୍କୁ କହିବି, ତେବେ ତୁଏ ତ ଗୋଟିଏ ଗୋରୁ ମାଗିବା ପରିବର୍ତ୍ତେ ଜୀବିତ ଗୋରୁଟିକ ଦାନ କରି ଆସିବା କଥା ମୋ ପକ୍ଷରେ ଅସମ୍ଭବ ହେବ ନାହିଁ ।

ବୋଧିସତ୍ତ୍ୱ କହିଲେ—ପିତଃ ! ସେ ଯାହା ହେଉ, ମୁଁ ରାଜାଙ୍କୁ ଗୋରୁ ମାଗିବି ନାହିଁ । ବରଂ ରାଜାଙ୍କ କପରି କଥା କହିବାକୁ ହୁଏ, ମୁଁ ତାହା ଆପଣଙ୍କୁ ଶିଖାଇ ଦେବି । ପିତା କହିଲେ—ଭଲ କଥା, ମୋର ସେଥିରେ କିଛି ଆପତ୍ତି ନାହିଁ । ତେବେ କିପରି କହିବାକୁ ହେବ, ଶିଖାଅ । ଅନନ୍ତର ବୋଧିସତ୍ତ୍ୱ ପିତାଙ୍କୁ କୌଣସି ନିଭୃତ ସ୍ଥାନକୁ ନେଇଗଲେ । ଦରବାରରେ ରାଜା, ମନ୍ତ୍ରୀ ଏବଂ ସେନାପତି ଯେପରି ଭାବରେ ବସନ୍ତି, ସେଠାରେ ସେହିପରି ତିନିଖଣ୍ଡି କାଠି ପୋତି ସେଥିମଧ୍ୟରୁ କିଏ ରାଜା, କିଏ ମନ୍ତ୍ରୀ, କିଏ ସେନାପତି, ଏହା ପିତାଙ୍କୁ ଚିହ୍ନାଇ ଦେଲେ । ତାପରେ ନିମ୍ନଲିଖିତ କଥା କହି ରାଜାଙ୍କୁ ଗୋରୁ ମାଗିବାକୁ କହିଲେ ।

ଗୃହ ଚଷୁଥିଲି ଦୁଇଟି ଗୋରୁରେ
ଗୋଟିଏ ଯାଇଛି ମରି,
ଦିଅ ମହାରାଜ ଗୋରୁଟିଏ ଏବେ
ମାଗୁଛି ବିନତି କରି ।

ସ୍ଥୂଳବୁଦ୍ଧି ବୃଦ୍ଧ ବ୍ରାହ୍ମଣ ବହୁଦିବସ ଉକ୍ତ ଗାଥା ଅଭ୍ୟାସ କଲାପରେ ଦିନେ ପୁତ୍ରକୁ କହିଲେ—ବତ୍ସ ! ଗାଥାଟି ମୁଖସ୍ଥ ହୋଇଅଛି, ବର୍ତ୍ତମାନ ତାହା ନିର୍ଭୀକଭାବରେ ଯନ୍ତ ତଟ ବୋଲି ପାରେ । ତାହାହେଲେ ମୋତେ ରାଜାଙ୍କ ନିକଟକୁ ନେଇ ଚାଲ ।

ବୋଧିସତ୍ତ୍ୱ ବୃଦ୍ଧ ପିତାଙ୍କୁ ରାଜଯୋଗ୍ୟ ଉପହାର ସହ ରାଜାଙ୍କ ନିକଟକୁ ନେଇଗଲେ । ବୃଦ୍ଧ ରାଜାଙ୍କୁ ଆଶୀର୍ବାଦ ଜଣାଇ ଉପହାର ପ୍ରଦାନ କଲେ ।

Digitized by srujanika@gmail.com

ରାଜା ଏହି ଅପରିଚିତ ବୃଦ୍ଧଙ୍କୁ ଦେଖି ସୋମଦତ୍ତଙ୍କୁ ତାହାଙ୍କର ପରିଚୟ ପଚାରିବାରୁ ସେ କହିଲେ—ମହାରାଜ ! ସେ ମୋହର ପିତା । ରାଜା ତାହାଙ୍କର ଆସିବାର ଉଦ୍ଦେଶ୍ୟ ପଚାରିବାରୁ ବୃଦ୍ଧ କହିଲେ—

ଶୃଷ ଚରୁଥିଲା ଦୁଇଟି ଗୋରୁରେ
ଗୋଟିଏ ଯାଇଛି ମରି,
ଦ୍ୱିତୀୟଟି ଭୂପ କରନ୍ତୁ ଗ୍ରହଣ
କୃପାଏ ବିନତି କରି ।

ରାଜା ବୁଝିଲେ—ବ୍ରାହ୍ମଣ ନିଶ୍ଚୟ ଗାଥା ଅବୃତ୍ତି କରୁ କରୁ ଭୁଲ୍ କରିଛନ୍ତି । ତଥାପି ସେ କହିଲେ—ସୋମଦତ୍ତ ! ସମ୍ଭବତଃ ତୁମ୍ଭ ଘରେ ବହୁତ ଗୁଡ଼ାଏ ଗୋରୁ ଅଛନ୍ତି ? ବିଚକ୍ଷଣ ସୋମଦତ୍ତ କହିଲେ—ମହାରାଜ ! ଆପଣଙ୍କର ଯେବେ ଦୟା ଥିବ, ତେବେ ଅନେକ ଥାଇ ପାରନ୍ତି । ରାଜା ଏଥିରୁ ଗୋରୁର ଅଭାବ ବୁଝି ପାରି ସନ୍ତୁଷ୍ଟ ହୋଇ ସୋମଦତ୍ତଙ୍କର ପିତାଙ୍କୁ ନାନା ମଣିମାଣିକ୍ୟରେ ସୁସଜ୍ଜିତ ଷୋଳଗୋଟି ଗୋରୁସହ ଗୋଟିଏ ଗ୍ରାମ ବିଧିପୂର୍ବକ ଦାନ କଲେ । ତତ୍‌ପରେ ପିତା ଏବଂ ପୁତ୍ର ରାଜପ୍ରଦତ୍ତ ବେଗଗାମୀ ଅଶ୍ୱଶକଟ ଆରୋହଣ କରି ବହୁ ଅନୁଚରପରିବୃତ ହୋଇ ସେହି ରାଜଦତ୍ତ ଗ୍ରାମକୁ ଗମନ କଲେ । ଯାଉ ଯାଉ ବାଟରେ ସୋମଦତ୍ତ କହିଲେ—ପିତଃ ! ମୁଁ ବହୁଦିନ ପର୍ଯ୍ୟନ୍ତ ଆପଣଙ୍କୁ ଯେଉଁ ଗାଥାଟି ଶିଖାଇଥିଲି, ଆପଣ ତାହା କୌଣସି ପ୍ରକାରେ ଶିଖିଲେ, କିନ୍ତୁ ରାଜାଙ୍କ ଆଗରେ ଗାଥା ବୋଲୁ ବୋଲୁ ଅସଲ କଥାକୁ ବିପରୀତ କରି ଅବଶିଷ୍ଟ ଗୋରୁଟି ରାଜାଙ୍କୁ ଦେଇଥିଲେ ।

ପୋଚ ଶନ କାଠି   ବହୁଦିନ ଖଟି
ଶିଖାଇଲି ଯାହା ପଣ୍ଡ ହେଲା,
ରାଜଦରବାରେ   କହିଲେ ପ୍ରଭାରେ
ମୂଳପାଣି ହାରି ଯାଇଥିଲା ।

ନ ଥିଲେ ସୁବୁଦ୍ଧି   ଅଭ୍ୟାସେ କି ସିଦ୍ଧି
ଲାଭ କିଏ କେବେ କରି ପାରେ,
ବୁଦ୍ଧି ସହିତରେ   ଅଭ୍ୟାସ ମିଶିଲେ
ନିଧି ପାଏ ଲୋକ ଅବହେଳେ ।

Digitized by srujanika@gmail.com

କଚ୍ଛପ ଜାତକ

ପୂର୍ବକାଳରେ ବୋଧିସତ୍ତ୍ୱ ବାରାଣସୀର ରାଜା ବ୍ରହ୍ମଦତ୍ତଙ୍କର ଅମାତ୍ୟବଂଶରେ ଜନ୍ମଗ୍ରହଣ କରିଥିଲେ । ପ୍ରତିଭାଶାଳୀ ବୋଧିସତ୍ତ୍ୱ ଅଳ୍ପ ବୟସରେ ସକଳ ବିଦ୍ୟାରେ ପାରଦର୍ଶିତା ଲାଭ କରି ରାଜାଙ୍କର ପ୍ରଧାନ ମନ୍ତ୍ରୀ ପଦରେ ନିଯୁକ୍ତ ହେଲେ । ରାଜା ବ୍ରହ୍ମଦତ୍ତ ଶୈଶବରୁ ଅତ୍ୟନ୍ତ ବାଚାଳ ଥିଲେ । ସେ କଥା ଆରମ୍ଭ କଲେ, ତାହା ମଧ୍ୟରେ ଅନ୍ୟ କେହି କଥା କହିବା ଅସମ୍ଭବ । ମନ୍ତ୍ରୀ ରାଜାଙ୍କର ଏହି ବାଚାଳତା-ଦୋଷ ନିବାରଣ କରିବା ନିମନ୍ତେ ସର୍ବଦା ଉପାୟ ଅନୁସନ୍ଧାନ କରୁଥିଲେ ।

ଏହି ସମୟରେ ହିମାଳୟର କୌଣସି ପୁଷ୍କରିଣୀରେ ଗୋଟିଏ କଚ୍ଛପ ବାସ କରୁଥିଲା । ଦୁଇଟି ରାଜହଂସ ଖାଦ୍ୟ ଅନ୍ୱେଷଣ କରିବା ନିମନ୍ତେ ପ୍ରତ୍ୟହ ସେହି ପୁଷ୍କରିଣୀକି ଯାଉଥିଲେ । କ୍ରମେ କ୍ରମେ ସେହି ଦୁଇ ହଂସଙ୍କ ସହିତ କଚ୍ଛପର ବନ୍ଧୁତା ହେଲା । ପ୍ରଗାଢ଼ ବନ୍ଧୁତା ଯୋଗୁଁ ଦିନେ ହଂସ ଦୁହେଁ କଚ୍ଛପକୁ କହିଲେ—ବନ୍ଧୋ, ଏହି ହିମାଳୟର କାଞ୍ଚନଗୁହାରେ ଆମ୍ଭ ଦୁହିଙ୍କର ବାସସ୍ଥାନ । ସେ ସ୍ଥାନ ଅତ୍ୟନ୍ତ ରମଣୀୟ । ତୁମ୍ଭେ ସେ ସ୍ଥାନକୁ ଯିବ କି ? ସେ କହିଲା—ମୋର ତ ପକ୍ଷ ନାହିଁ, ମୁଁ ସେ ବହୁଦୂରବର୍ତ୍ତୀ ସ୍ଥାନକୁ କିପରି ଯିବି ? ବନ୍ଧୁ ଦୁହେଁ କହିଲେ—ତୁମ୍ଭେ ଯଦି କାହାକୁ କିଛି ନ କହି ମୁହଁ ବନ୍ଦ କରି ପାରିବ, ତେବେ ଆମ୍ଭେ ଉପାୟବଳରେ ତୁମ୍ଭଙ୍କୁ ନେଇଯିବୁଁ । ସେ କହିଲା—କିଏ କେତେ କଥା କରି ପାରୁଛନ୍ତି, ମୁଁ ଏହି ସାମାନ୍ୟ କଥା କାହିଁକି କରି ନ ପାରିବି ? ମୁଁ ଏ ବିଷୟରେ ନିର୍ଭର ଜବାବ ଦେଲି, ତୁମ୍ଭେ ମୋତେ ସେଠାକୁ ନେଇ ଚାଲ ।

ଏହି କଥା ସ୍ଥିର ହେବାରୁ ହଂସ ଦୁହେଁ ଗୋଟିଏ ଦଣ୍ଡ ଆଣି ତାହାର ମଧ୍ୟସ୍ଥଳ କାମୁଡ଼ି ଧରିବାକୁ କଚ୍ଛପକୁ କହିଲେ । ତାହାଙ୍କର

Digitized by srujanika@gmail.com

କଥାନୁସାରେ କଚ୍ଛପ ସେହିପରି କରିବାରୁ ସେ ଦୁହେଁ ସେ ଦଣ୍ଡର ଦୁଇ ପ୍ରାନ୍ତ ଚଞ୍ଚୁରେ କାମୁଡ଼ି ଧରି ଉଡ଼ିଲେ । ଏହିପରି ଯିବାବେଳେ କୌଣସି ସ୍ଥାନରେ କେତେ ଗୁଡ଼ିଏ ବାଳକ ଏହା ଦେଖିଲେ । ବାଳକମାନେ ଏ ନୂତନ ଦୃଶ୍ୟ ଦେଖି ଉଚ୍ଚୈଃସ୍ୱରରେ କହିଲେ—ଦେଖ, ଦେଖ, ଦୁଇଟା ହଂସ ଖଣ୍ଡେ ଯଷ୍ଟିରେ ଗୋଟାଏ କଚ୍ଛପକୁ କିପରି ଉଚ୍ଚ କରି ନେଉଛନ୍ତି । ଏ କଚ୍ଛପଟା କେଡ଼େ ଅକର୍ମଣ୍ୟ ।

କଚ୍ଛପ ବାଳକମାନଙ୍କଠାରୁ ନିଜର ନିନ୍ଦା ଶୁଣି ସହି ନ ପାରି ଅରେ ଦୁଷ୍ଟ ବାଳକଗଣ ? ମୋର ବନ୍ଧୁମାନେ ମୋତେ ଏପରି ନେଲେ ତ, ତୁମର କି ଗଲା ? ଏତିକି କହିବ ବୋଲି ମନରେ ଭାବିଲା ଏବଂ କହିବାକୁ ଆରମ୍ଭ କଲା ମାତ୍ରକେ ସଙ୍ଗେ ସଙ୍ଗେ ତଳେ ପଡ଼ିଗଲା । ସେତେବେଳକୁ ହଂସ ଦୁହେଁ ବାରାଣସୀ ରାଜଭବନର ଉପରେ ଉଡ଼ୁଥିଲେ । ତେଣୁ କଚ୍ଛପଟି ରାଜଭବନର ପ୍ରାଙ୍ଗଣରେ ପଡ଼ି ଖଣ୍ଡ ଖଣ୍ଡ ହୋଇଗଲା । ରାଜ-ଭବନରେ ଦୈବାତ୍ ଏପରି ଗୋଟାଏ କଚ୍ଛପ ପଡ଼ି ଖଣ୍ଡ ଖଣ୍ଡ ହେବାରେ ଲୋକମାନେ କୋଳାହଳ କଲେ । ରାଜା ସେ କୋଳାହଳ ଶୁଣି କଚ୍ଛପ ଦେଖିବାକୁ ଆସି କଚ୍ଛପର ଏ ଦୁର୍ଦ୍ଦଶା ଦେଖିଲେ । ତତ୍ପରେ ମନ୍ତ୍ରୀଙ୍କୁ ଡକାଇ ପଚାରିଲେ—ମନ୍ତ୍ରିନ୍ ! ଏ କଚ୍ଛପ ଏଠାରେ ପଡ଼ିଲା କିପରି ? ମନ୍ତ୍ରୀ ମନେ ମନେ ଭାବିଲେ—ଏ ବାଚାଳ ରାଜାକୁ ଶିକ୍ଷା ଦେବାର ଏହା ଗୋଟାଏ ସୁଯୋଗ । ମୁଁ ଏହିପରି ଆକସ୍ମିକ ଘଟଣା ଖୋଜୁଥିଲି । ଯେତେବେଳେ ସେ ସୁବିଧା ମିଳିଛି, ଏହି କଥା ସ୍ଥିର କରି ସେ କଚ୍ଛପର ଦୁର୍ଗତି ସମ୍ବନ୍ଧରେ ଗୋଟିଏ ଅନୁମାନ କଲେ । ସେ ଭାବିଲେ—ଯେଉଁ ହଂସ ଦୁଇଟି ଗୋଟିଏ ଦଣ୍ଡ କାମୁଡ଼ି ଉଡ଼ିଯିବାର ଶୁଣୁଛି, ସମ୍ଭବତଃ ସେ ଦୁହିଙ୍କର ଦଣ୍ଡ ମଧ୍ୟରୁ ଏ କଚ୍ଛପ କାମୁଡ଼ି ଧରିଥିଲା । ଏହି ରାଜଭବନ ଉପରେ ତାହାର କିଛି କହିବାର ଆବଶ୍ୟକ ହେବାରୁ କଥା କହି ପକାଇଛି । ତେଣୁ ଆକାଶରୁ ପଡ଼ି ଏ ଦୁର୍ଗତି ଲାଭ କଲା । ପ୍ରକୃତରେ ମନ୍ତ୍ରୀଙ୍କର ଅନୁମାନ ଠିକ୍ । ମନ୍ତ୍ରୀ ଏହା ସ୍ଥିର କରି କହିଲେ—ମହାରାଜ !

Digitized by srujanika@gmail.com

ଯେ ଅତି ମୂର୍ଖର ଏବଂ ଜିହ୍ୱାକୁ ସଂଯତ କରି ନ ପାରେ, ତାହାର ଏହି କଚ୍ଛପ ପରି ଦୁର୍ଦ୍ଦଶା ଘଟେ । ଏବେ କଚ୍ଛପର ଦୁର୍ଦ୍ଦଶାର କାରଣ ଶୁଣନ୍ତୁ—

ଦଣ୍ଡମଧ୍ୟ ମୁଖେ ଧରି ହୋଇଥିଲା ବ୍ୟୋମଚାରୀ
ନେଉଥିଲେ ଦୁଇ ହଂସ ଦଣ୍ଡପ୍ରାନ୍ତ ଧରି,
ନବୋଧ କଚ୍ଛପ ମର୍ମ ଆମନ୍ତ୍ରିଲା ମୃତ୍ୟୁଦୁଃଖେ
କହିଦେଲା କଥା ନିଜ ପଣକୁ ପାସୋରି ।
ଯେହ୍ନେ ମିତଭାଷୀ ନୋହେ ଅସମୟେ କଥା କହେ
ସମାଜେ ସେ ମୂର୍ଖ ନିନ୍ଦା ଲଭଇ ବିଶେଷ,
ବାଚାଳତାଦୋଷ ହେତୁ ଡାକିଆଣେ ନିଜ ମୃତ୍ୟୁ
କଚ୍ଛପ ପ୍ରମାଣ ତାର ଦେଖ ହେ ନରେଶ ।

ରାଜା ଏହା ଶୁଣି କହିଲେ—ମନ୍ତ୍ରିନ୍ ! ତୁମ୍ଭେ କଣ ମୋହରି ଲକ୍ଷ୍ୟରେ ଉକ୍ତ ପଦ୍ୟର ଆବୃତ୍ତି କଲ ? ମନ୍ତ୍ରୀ କହିଲେ—ମହାରାଜ ! ଆପଣ ହେଉନ୍ତୁ ଅଥବା ଯେ କେହି ହେଉନ୍ତୁ, ଅମିତଭାଷୀ ମାନେ ଏହିପରି ଦୁର୍ଗତି ଭୋଗ କରିବାକୁ ବାଧ୍ୟ ହୁଅନ୍ତି । ରାଜା ଦ୍ୱିରୁକ୍ତି ନ କରି ସେହି ଦିନଠାରୁ ମନ୍ତ୍ରୀଙ୍କର କଥାନୁସାରେ ମିତଭାଷୀ ହୋଇ ସୁଖରେ ଦିନ ଯାପନ କଲେ ।

Digitized by srujanika@gmail.com

ତିଳମୁଷ୍ଟି ଜାତକ

ପୂର୍ବକାଳରେ ବାରାଣସୀରାଜ୍ୟରେ ବ୍ରହ୍ମଦତ୍ତନାମରେ ଜଣେ ରାଜା ଥିଲେ । ବ୍ରହ୍ମଦତ୍ତକୁମାର ନାମରେ ତାହାଙ୍କର ଗୋଟିଏ ପୁତ୍ର ଥିଲା । ପୂର୍ବେ ନିୟମ ଥିଲା—ରାଜଧାନୀରେ ସୁବିଖ୍ୟାତ ଅଧ୍ୟାପକଙ୍କର ଅଭାବ ନ ଥିଲେ ବି ରାଜପୁତ୍ରମାନଙ୍କୁ ବିଦ୍ୟାଶିକ୍ଷା ନିମନ୍ତେ ଦୂରବର୍ତ୍ତୀ ସ୍ଥାନକୁ ପ୍ରେରଣ କରାଯାଉଥିଲା । କାରଣ ରାଜପୁତ୍ର ବିଦେଶରେ ରହିଲେ ତାଙ୍କ ମନରେ ଗର୍ବ ଏବଂ ଅଭିମାନ ରହି ପାରିବ ନାହିଁ ଏବଂ ସେ ଶୀତାତପ ପ୍ରଭୃତି ସହ୍ୟ କରି ବିଦ୍ୟାଶିକ୍ଷାରେ ସୁଫଳଲାଭ କରି ପାରିବେ । ସେହି ପ୍ରଥାନୁସାରେ ରାଜା ବ୍ରହ୍ମଦତ୍ତ ନିଜ ପୁତ୍ରକୁ ଷୋଡ଼ଶ ବର୍ଷ ବୟଃକ୍ରମ ସମୟରେ ବିଦ୍ୟାଶିକ୍ଷା ନିମନ୍ତେ ଆବଶ୍ୟକ ପାଥେୟ ଦେଇ ତକ୍ଷଶିଳା ପ୍ରେରଣ କରିଥିଲେ ।

ରାଜକୁମାର ଯଥାସମୟରେ ତକ୍ଷଶିଳାରେ ଉପସ୍ଥିତ ହୋଇ ଉପଯୁକ୍ତ ଆଚାର୍ଯ୍ୟଙ୍କର ଅନୁସନ୍ଧାନରେ ଲାଗିଲେ । ଭାଗ୍ୟକ୍ରମେ ସେ ଜଣେ ବହୁଶିଷ୍ୟପରିବେଷ୍ଟିତ ଆଚାର୍ଯ୍ୟଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଉଦ୍ଦେଶ୍ୟ ସଫଳ କଲେ ।

ଆଚାର୍ଯ୍ୟ ପଚାରିଲେ—ବତ୍ସ ! ତୁମ୍ଭେ କେଉଁଠାରୁ ଆସିଲ ? ଏବଂ ତୁମ୍ଭର ପିତାଙ୍କର ନାମ କଣ ? କୁମାର କହିଲେ—ମୁଁ ବାରାଣସୀରୁ ଆସିଅଛି ଏବଂ ସେହି ବାରାଣସୀରାଜା ବ୍ରହ୍ମଦତ୍ତ ମୋହର ପିତା ! ବିଦ୍ୟାର୍ଥୀ ରାଜପୁତ୍ର ହୋଇଥିବାରୁ ଆଚାର୍ଯ୍ୟ ପୁଣି ପଚାରିଲେ—ବତ୍ସ ! ତୁମ୍ଭେ ଦକ୍ଷିଣା ଦେଇ ବିଦ୍ୟାର୍ଜ୍ଜନ କରିବ, ନା, ଗୁରୁଶୁଶ୍ରୂଷାରେ ବିଦ୍ୟାର୍ଜ୍ଜନ କରିବ ? ରାଜକୁମାର କହିଲେ—ମୁଁ ଦକ୍ଷିଣା ଦେଇ ବିଦ୍ୟାର୍ଜ୍ଜନ କରିବି ବୋଲି ସମୁଚିତ ଦକ୍ଷିଣା ସଙ୍ଗରେ ଆଣିଅଛି । ସେ ଏହା କହି ସଙ୍ଗରେ ଆଣିଥିବା ଗୁରୁଦକ୍ଷିଣା ଗୁରୁଙ୍କର ପଦତଳରେ ସମର୍ପଣ କଲେ ।

ସାଧାରଣ ଛାତ୍ରବର୍ଗ ଦିବସରେ ଗୁରୁଦେବଙ୍କର ସାଂସାରିକ କାର୍ଯ୍ୟମାନ କରି ରାତିରେ ଅଧ୍ୟୟନ କରନ୍ତି, କିନ୍ତୁ ଯେଉଁମାନେ ଦକ୍ଷିଣା ଦାନ

Digitized by srujanika@gmail.com

କରନ୍ତି, ଅଗ୍ରଜ୍ଞ ସେମାନଙ୍କୁ ଜ୍ୟେଷ୍ଠସୁଲଭ ତୁଲ୍ୟ ସ୍ନେହ କରି ଶିକ୍ଷାଦାନ କରନ୍ତି । ସୁତରାଂ ଅଗ୍ରଜ୍ଞ ରାଜକୁମାରଙ୍କର ଶିକ୍ଷା ବିଷୟରେ ଅତ୍ୟନ୍ତ ଯତ୍ନଶୀଳ ହେଲେ । ସେ ରାଜକୁମାରଙ୍କୁ ପ୍ରତ୍ୟହ ଶିକ୍ଷା ନ ଦେଇ ବିଦ୍ୟାବୃଦ୍ଧି ନିମନ୍ତେ ଶୁକ୍ଳପକ୍ଷର ଶୁଭଦିନମାନଙ୍କରେ ଶିକ୍ଷାଦାନ କରନ୍ତି ।

ଏକଦା ରାଜକୁମାର ସ୍ନାନ କରିବା ନିମନ୍ତେ ଅଗ୍ରଜ୍ଞଙ୍କ ସହିତ ନଦୀକୁ ଗମନ କଲେ । ମାର୍ଗମଧ୍ୟରେ ଜଣେ ବୃଦ୍ଧା ଗୁଡ଼ିଏ ତିଳ ରୂପ ଛଡ଼ାଇ ଖରାରେ ଶୁଖାଇ ଜଗି ବସିଥିଲା । ତାହା ଦେଖି ରାଜକୁମାର ତିଳ ଖାଇବାକୁ ଇଚ୍ଛା କରି ଗୁରୁଦେବଙ୍କର ଅଜ୍ଞାତରେ ସେଥିରୁ ମୁଠିଏ ନେଇ ଭକ୍ଷଣ କଲେ । ତାହା ଦେଖି ବୃଦ୍ଧା ଭାବିଲା—ସମ୍ଭବତଃ ବାଳକଟି କ୍ଷୁଧାର୍ତ୍ତ ହୋଇଅଛି । ସୁତରାଂ ସେ କିଛି ନ କହି ତୁନି ହୋଇ ରହିଲା ।

ତତ୍ ପରଦିନ ଠିକ୍ ସେହି ସମୟରେ ରାଜକୁମାର ଅଗ୍ରଜ୍ଞଙ୍କ ସହିତ ସେହି ମାର୍ଗରେ ସ୍ନାନ କରିବାକୁ ଗଲେ । ପୂର୍ବଦିନ ପରି ମଧ୍ୟ ସେହି ବୃଦ୍ଧାର ଏକ ମୁଷ୍ଟି ତିଳ ଭକ୍ଷଣ କଲେ । ବୃଦ୍ଧା ସେଦିନ ମଧ୍ୟ କୌଣସି ଆପତ୍ତି କରି ନ ଥିଲା । କିନ୍ତୁ ତୃତୀୟ ଦିନ କୁମାର ଯେତେବେଳେ ପୁଣି ସେହି କାର୍ଯ୍ୟ କଲେ, ସେତେବେଳେ ବୃଦ୍ଧା କ୍ରନ୍ଦନ କରି ଉଚ୍ଚୈଃ ସ୍ୱରରେ କହିଲେ—ଦେଖ, ଏହି ଦେଶପୂଜ୍ୟ ଅଗ୍ରଜ୍ଞ ଛାତ୍ରମାନଙ୍କ ଦ୍ୱାରା ମୋର ସର୍ବସ୍ୱ ଲୁଣ୍ଠନ କରୁଅଛନ୍ତି ! ଏହା ଶୁଣି ଅଗ୍ରଜ୍ଞ ପଛକୁ ଚାହିଁ ପଚାରିଲେ—ମା ତୁମର କଣ ହେଲା ? ସେ କହିଲା—ପ୍ରଭୋ ! ଆପଣଙ୍କର ଏହି ଶିଷ୍ୟ ଅଲକ୍ଷିତ ତିନିଦିନ ହେଲା ମୋର ତିଳଗୁଡ଼ିକ ମୁଷ୍ଟି ମୁଷ୍ଟି କରି ଭକ୍ଷଣ କରୁଅଛି । ଯଦି ପ୍ରତ୍ୟହ ଏହିପରି ଘଟେ, ତେବେ ମୋହର ସର୍ବନାଶ ଘଟିବ କି ନା ? ଅଗ୍ରଜ୍ଞ କହିଲେ—ମା, ତୁମ୍ଭେ ଆଉ ବ୍ୟସ୍ତ ହୁଅ ନାହିଁ, ମୁଁ ତୁମ୍ଭ ତିଳର ମୂଲ୍ୟ ବର୍ତ୍ତମାନ ଦେଉଛି, ଗ୍ରହଣ କର । ସେ କହିଲା—ପ୍ରଭୋ ! ମୋହର ମୂଲ୍ୟ ଆବଶ୍ୟକ ନାହିଁ, ଏଣିକି ଆଉ ଏପରି ନ ହେଲେ ରକ୍ଷା । ତତ୍‌ପରେ ସାବଧାନ କରିଦେବା ନିମନ୍ତେ ଅଗ୍ରଜ୍ଞ

Digitized by srujanika@gmail.com

ବୃନ୍ଦାର ସମକ୍ଷରେ କୁମାରଙ୍କୁ ଯଥେଷ୍ଟ ପ୍ରହାର କଲେ । ରାଜକୁମାର କେବେହେଲେ ଏପରି ଦଣ୍ଡ ପାଇ ନ ଥିଲେ । ସେଥିରେ ପୁଣି ସାଧାରଣଙ୍କ ଆଗରେ ଦଣ୍ଡ ଦିଆଗଲା । ତେଣୁ ସେ ବେଦନା ଏବଂ ଲଜ୍ଜାରେ ଅତ୍ୟନ୍ତ ବ୍ୟଥିତ ହେଲେ । ଗୁରୁଙ୍କର ଏପରି ବ୍ୟବହାର ଯୋଗୁଁ ସେ ଅତ୍ୟନ୍ତ ରାଗାନ୍ୱିତ ହୋଇଗଲେ, କିନ୍ତୁ ତତ୍କାଳେ କିଛି କହି ପାରିଲେ ନାହିଁ । ଗୁରୁଦେବ ମଧ୍ୟ ଏହା ଜାଣି ପାରିଥିଲେ ।

ଏହା ପରେ ରାଜକୁମାର ଆଉ ଅନ୍ୟମନସ୍କ ନ ହୋଇ ବିଦ୍ୟାଶିକ୍ଷା ସମ୍ପୂର୍ଣ୍ଣ କଲେ । କିନ୍ତୁ ସେ ସେହି ପ୍ରହାରବ୍ୟଥା କ୍ଷଣକ ପାଇଁ ଭୁଲି ନ ଥିଲେ । ସୁତରାଂ ସୁବିଧାନୁସାରେ ଆଚାର୍ଯ୍ୟଙ୍କୁ ହତ୍ୟା କରି ତାହାର ପ୍ରତିଶୋଧ ନେବାକୁ ମନେ ମନେ ପ୍ରତିଜ୍ଞା କରିଥିଲେ । ରାଜକୁମାର ଶିକ୍ଷା ଶେଷରେ ଗୁରୁଦେବଙ୍କଠାରୁ ବିଦାୟ ନେବା ବେଳେ କହିଲେ— ଗୁରୁଦେବ ! ମୁଁ ରାଜପଦ ଲାଭ କଲେ ଆପଣଙ୍କୁ ଆହ୍ୱାନ କରିବି । ଆପଣ ତତ୍କାଳେ ଅନୁଗ୍ରହ କରି ମୋ ରାଜ୍ୟରେ ଅବଶ୍ୟ ପଦାର୍ପଣ କରିବେ, ଏହା ମୋର ଏକାନ୍ତ ପ୍ରାର୍ଥନା । ଗୁରୁଦେବ ଶିଷ୍ୟର ଏହାକୁ ଭକ୍ତିପୂର୍ଣ୍ଣ ପ୍ରାର୍ଥନା ମନେ କରି ସମ୍ମତି ଜ୍ଞାପନ କଲେ ।

କୁମାର ନିଜରାଜ୍ୟ ବାରାଣସୀରେ ଉପସ୍ଥିତ ହୋଇ ପିତାମାତାଙ୍କର ଚରଣବନ୍ଦନା କଲେ । ଅଳ୍ପଦିନ ପରେ ପିତା ପୁତ୍ରର ବିଦ୍ୟା ଏବଂ ବିନୟରେ ସନ୍ତୁଷ୍ଟ ହୋଇ ତାହାଙ୍କୁ ରାଜପଦରେ ଅଭିଷିକ୍ତ କଲେ ।

କୁମାର ରାଜପଦରେ ଅଭିଷିକ୍ତ ହେବା ମାତ୍ରକେ କୌଣସି ପ୍ରଜା-ହିତକର କାର୍ଯ୍ୟ ପ୍ରତି ଆକୃଷ୍ଟ ନ ହୋଇ ପ୍ରଥମରୁ ଗୁରୁଦେବଙ୍କ ପ୍ରତିଶୋଧ ନେବା ନିମନ୍ତେ ବ୍ୟଗ୍ର ହୋଇ ପଡ଼ିଲେ । ଗୁରୁଦେବଙ୍କର ସେ କଠୋର ପ୍ରହାର ତାହାଙ୍କ ମନରେ ସେହିପରି ଜାଗରୂକ ରହିଅଛି । ସୁତରାଂ କ୍ରୋଧ ମଧ୍ୟ ଉଦ୍ଦୀପ୍ତ ହୋଇ ରହିଅଛି; ତେଣୁ ଆଚାର୍ଯ୍ୟଙ୍କର ପ୍ରାଣସଂହାର-ଉଦ୍ଦେଶ୍ୟରେ ତାହାଙ୍କୁ ଆଣିବା ନିମନ୍ତେ ଗୋଟିଏ ପତ୍ରବାହକ ପ୍ରେରଣ କଲେ ।

Digitized by srujanika@gmail.com

ଗୁରୁଦେବ ହଠାତ୍ ଶିଷ୍ୟଙ୍କ ନିମନ୍ତ୍ରଣ ପାଇ ତାହା ରକ୍ଷା କରିବା ଉଚିତ କି ଅନୁଚିତ, ଭାବିବାକୁ ଲାଗିଲେ । କାରଣ କୁମାରର ବୟସ ଅଳ୍ପ, ପୁଣି ତାହା ମନରେ ପ୍ରହାରବେଦନା ରହିଥିବା ଅସମ୍ଭବ ନୁହେ । ସେ ଏହି ସନ୍ଦେହରେ ପଡ଼ି ତେତେବେଳେ ନିମନ୍ତ୍ରଣରୁ କ୍ଷାନ୍ତ ହେଲେ । କିନ୍ତୁ ବହୁକାଳ ପରେ ଶିଷ୍ୟର ରାଗଶାନ୍ତିର ସମ୍ଭାବନା କରି ବାରାଣସୀ ଯାତ୍ରା କଲେ । ରାଜା ଅଗ୍ରୃଷିଙ୍କର ଆଗମନବାର୍ତ୍ତା ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ଯଥାବିଧି ନିଜ ନିକଟକୁ ଡକାଇ ନେଲେ ।

ଅଗ୍ରୃଷିଙ୍କୁ ହତ୍ୟା କରିବା ନିମନ୍ତେ କୁମାରହୃଦୟରେ କ୍ରୋଧାଗ୍ନି ପ୍ରଜ୍ୱଳିତ ହେଉଥିଲା । ଲୋକ କ୍ରୋଧାନ୍ଧ ଥିବାବେଳେ ବିବେକ ସେଠାରେ ରହି ନ ଥାଏ । ସୁତରାଂ ସେ ତାହାଙ୍କୁ ଦେଖିଲା ମାତ୍ରକେ ରାଗରେ ଜର୍ଜ୍ଜର ହୋଇ ଅମାତ୍ୟମାନଙ୍କୁ ଡକାଇ କହିଲେ—ଦେଖ, ଏହି ଦୁରନ୍ତ ଅଗ୍ରୃଷି ସାମାନ୍ୟ ତିଳମୁଷ୍ଟି ନିମନ୍ତେ ମୋତେ ଯେଉଁ ପ୍ରହାର କରିଅଛି, ତାହା ମୁଁ ଆଜୀବନ ଭୁଲି ପାରିବି ନାହିଁ । ଅଦ୍ୟାପି ମୁଁ ସେ ବେଦନା ଅନୁଭବ କରୁଅଛି । ପ୍ରତିଶୋଧ ନେବା ନିମନ୍ତେ ମୁଁ ସଂକଳ୍ପ କରିଥିଲି ଏବଂ ଅପେକ୍ଷା କରୁଥିଲି । ଆଜି ଭାଗ୍ୟରୁ ମୁଁ ସେ ସୁବିଧା ପାଇଅଛି । ତୁମ୍ଭେମାନେ ଆଉ କ୍ଷଣ ବିଳମ୍ବ ନ କରି ଏହାକୁ ଶୂଳୀରେ ଚଢ଼ାଇ ଏହାର ସମୁଚିତ ଶାସ୍ତି ବିଧାନ କର । ଏହା ମୋର ଆଦେଶ ।

ଏକମୁଷ୍ଟି ତିଳ ଲାଗି ଯେ ଦୁଃଖ ଦେଇଛି ରାଗି
ନ ଭୁଲିବି ଜୀବନେ ମୋହର,
ବାହୁଦ୍ୱୟ ଧରି ମୋର ପୃଷ୍ଠଦେଶେ ତିନ ଦାରି
କଶାଘାତ କରିଛି ପାମର ।
ଜାଣ ଘାତୁକର ହିଂସା ମନେ ରଖି ପୂଜା ଆଶା
ଆସିଛି ଏ ଦୁରନ୍ତ ମୋ କତି,
ନୁହେ ଏ କ୍ଷମାର ଯୋଗ୍ୟ ମୋ ମନେ ଜଳୁଛି ରାଗ
ମାରି ଯାକୁ ଲଭିବି ମୁଁ ଶାନ୍ତି ।

Digitized by srujanika@gmail.com

ଅଗ୍ରଜ ରାଜାଙ୍କଠାରୁ ମୃତ୍ୟୁଭୟ ପାଇ ମୂଳା ବିଚଳିତ ନ ହୋଇ ଧୀର ଶାନ୍ତ ଭାବରେ କହିଲେ—ବତ୍ସ !

ସଦ୍‌ଗୁରୁ ଦଣ୍ଡବିଧାନେ କରନ୍ତି ଦମନ,
ଯେ ଶିଷ୍ୟ ଅନୀତିପଥେ କରେ ବିଚରଣ,
ଏ ନୋହେ କ୍ରୋଧର କାର୍ଯ୍ୟ   ଶୁଣ ଅହେ ମହାରାଜ
ଜ୍ଞାନିଗଣ ମତେ ଏହା ଅଟଇ ଶାସନ,
ଏହାର ମାହାତ୍ମ୍ୟେ ହୁଏ ସମାଜ ରକ୍ଷଣ ।

ମହାରାଜ ! ଆପଣଙ୍କର ବୟସ ଅଳ୍ପ, ଆପଣ ଶାସନର ମୂଲ୍ୟ ବୁଝି ନାହାନ୍ତି । ଶାସନପ୍ରଭାବରେ ମନୁଷ୍ୟ ଦେବତା ହୁଏ, ସମାଜରେ ସୁଖ ଶାନ୍ତି ବ୍ୟାପିଯାଏ । ତାହାର ଅଭାବ ହେଲେ ଲୋକ ହିଂସ୍ରପ୍ରାଣୀ ପାଲଟିଯାଏ, ରାଜ୍ୟରେ ଅଶାନ୍ତିର ବହ୍ନି ଜଳଜଳେ, ସମାଜ ଧ୍ୱଂସ ହୋଇଯାଏ । ଯାହାର ବୁଦ୍ଧି ଅଛି, ଯାହାର ଜ୍ଞାନ ଅଛି, ସେହି ଲୋକ ଏହା ଶାସନର ମୂଲ୍ୟ ବୁଝିବ। ଆପଣ ଜଣେ ଲୋକ ଭଳି ଶାସନର ମୂଲ୍ୟ ଚିନ୍ତା କରନ୍ତୁ । ତେବେ ବୁଝି ପାରିବେ—ମୁଁ ଆପଣଙ୍କର ଇଷ୍ଟ କରିଛି, ନା, ଅନିଷ୍ଟ କରିଛି । ମୁଁ ଯଦି ତିଳମୁଷ୍ଟି ନିମନ୍ତେ ଶାସନ କରି ନଥାନ୍ତି, ତେବେ ଆପଣ କ୍ରମଶଃ ପିଷ୍ଟକ, ମିଷ୍ଟାନ୍ନ ପ୍ରଭୃତି ଅପହରଣ କରିବାକୁ କୁଣ୍ଠିତ ହୋଇ ନ ଥାନ୍ତେ । ସେହି ଅଭ୍ୟାସ ପରିପୁଷ୍ଟ ହୋଇ ଶେଷକୁ ଦସ୍ୟୁବୃତ୍ତି, ନରହତ୍ୟା ପ୍ରଭୃତି କାର୍ଯ୍ୟପାଇଁ ପ୍ରେରଣା ଦେଇଥାନ୍ତା । ସଦ୍‌ଗୁରୁ ଏବଂ ସୁଶାସନର ଅଭାବରୁ ସଂସାରରେ ଏପରି କେତେ ଲୋକ ଯେ ନିଜ ଜୀବନ କଳଙ୍କିତ କରୁଅଛନ୍ତି, ତାହାର ସୀମା ନାହିଁ । ଏହିପରି ଲୋକମାନେ ସିନା ସମାଜର ଶତ୍ରୁ ହୋଇ ରାଜଦଣ୍ଡରେ ଦଣ୍ଡିତ ହୁଅନ୍ତି । ଭାବି ଦେଖନ୍ତୁ—ମୁଁ ଶାସନ କରି ଆପଣଙ୍କର କି ଉପକାର କରିଛି । ତାହା ହୋଇ ନ ଥିଲେ ଆଜି ଆପଣ ଏହି ବିଶାଳ ସାମ୍ରାଜ୍ୟର ଅଧୀଶ୍ୱର ହୋଇପାରି ନ ଥାନ୍ତେ । ଏପରି ଅବସ୍ଥାରେ ମୁଁ ଯେବେ ଦୋଷୀ ହେଲି, ତେବେ ଦଣ୍ଡ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି ।

Digitized by srujanika@gmail.com

ରାଜପାରିଷଦବର୍ଗ ଆଚାର୍ଯ୍ୟଙ୍କର ନୀତିପୂର୍ଣ୍ଣ କଥାମାନ ଶୁଣି ଏକ ବାକ୍ୟରେ କହିଲେ—ମହାରାଜ ! ସତ୍ୟ, ସତ୍ୟ, ଆପଣ ଏହି ଆଚାର୍ଯ୍ୟଙ୍କ କୃପାରୁ ଆଜି ଆମ୍ଭମାନଙ୍କର ରାଜାଧିରାଜ ହୋଇପାରି ଅଛନ୍ତି । ଏହାଙ୍କର ଋଣ ଜନ୍ମଜନ୍ମାନ୍ତରେ ପରିଶୋଧ କରି ହେବ ନାହିଁ । ଜଗତରେ ଜ୍ଞାନଦାତା ଗୁରୁ ଦେବତା । ତାହାଙ୍କ କୃପାରୁ ମନୁଷ୍ୟ କୃତାର୍ଥ ହୁଏ । ସେହି ଗୁରୁଦେବ ଆଜି ଦୟା କରି ଆପଣଙ୍କ ନିକଟରେ ଉପସ୍ଥିତ, ଏହା ଅଳ୍ପ ସୌଭାଗ୍ୟର ବିଷୟ ନୁହେ । ଆପଣ ସବୁ ତ୍ୟାଗ କରି-ଗୁରୁଦେବଙ୍କର ପୂଜା କରି ଧନ୍ୟ ହୁଅନ୍ତୁ ।

ରାଜା ଗୁରୁଦେବଙ୍କର ଉପଦେଶ ଏବଂ ପାରିଷଦବର୍ଗଙ୍କର ସୁପରାମର୍ଶ ଶୁଣି ଦୁଃଖିତ ଏବଂ ଲଜ୍ଜିତ ହୋଇ ନିବେଦନ କଲେ—ଗୁରୁଦେବ ! ମୁଁ ଅତ୍ୟନ୍ତ ଅପରାଧ କରିଅଛି, କ୍ଷମା କରନ୍ତୁ । ଏବେ ମୁଁ ବୁଝୁଛି— ଆପଣଙ୍କ ଠାରୁ ଆହୁରି ଅଧିକ ଶାସନ ପାଇବା ମୋର ଉଚିତ ଥିଲା । ତାହା ହୋଇ ପାରିଥିଲେ ମୁଁ ଆପଣଙ୍କର ଗୁରୁତ୍ୱ ଜାଣିବାରେ ଅନ୍ତରାୟ ଘଟି ନଥାନ୍ତା । ଆଜି ସେହି ଅବଶିଷ୍ଟ ଶାସନ ପାଇ ମୁଁ ଋଣୀ ଏବଂ କୃତାର୍ଥ ହେଲି । ପ୍ରକୃତରେ ଆପଣଙ୍କ ଯୋଗୁଁ ଆଜି ମୋର ଏ ରାଜ୍ୟ, ଏ ଅଧିକାର । ମୁଁ ମୂର୍ଖ ହୋଇଥିଲେ ଏ ରାଜ୍ୟ ମୋତେ ମିଳି ନ ଥାନ୍ତା ବା କେହି ଦେଇ ନ ଥାନ୍ତା । ଏବେ ବୁଝିଲି, ଏ ରାଜ୍ୟ ମୋର ନୁହେ, ଆପଣଙ୍କର । ଆଜି ଆପଣଙ୍କ ଚରଣତଳେ ଏ ରାଜ୍ୟ ସମର୍ପଣ କଲି । ଆପଣ ତାହା ଗ୍ରହଣ କରି ମୋର ଜୀବନ ସାର୍ଥକ କରନ୍ତୁ ।

ଆଚାର୍ଯ୍ୟ କହିଲେ—ମହାରାଜ ! ମୋର ରାଜ୍ୟରେ ପ୍ରୟୋଜନ ନାହିଁ । ରାଜ୍ୟ ରାଜାର । ଉତ୍ତରାଧିକାରୀ କ୍ରମେ ତୁମ୍ଭେହିଁ ରାଜ୍ୟର ଅଧିକାରୀ, ତୁମ୍ଭର ସଦ୍‌ବୁଦ୍ଧି ହେବାର ଦେଖି ମୁଁ ସନ୍ତୁଷ୍ଟ ହେଲି । ଶିଷ୍ୟର ସଦ୍‌ବୁଦ୍ଧି, ସଦାଚାରହିଁ ଗୁରୁପ୍ରତି ଗୁରୁଦକ୍ଷିଣା । ମୁଁ ପୂର୍ଣ୍ଣ ଗୁରୁଦକ୍ଷିଣା ପାଇ-ପାରିଛି, ରାଜ୍ୟ ବା ଐଶ୍ୱର୍ଯ୍ୟ ଏହାଠାରୁ ମୂଲ୍ୟବାନ୍ ନୁହେଁ ।

ଅନନ୍ତର ରାଜା ତକ୍ଷଶିଳାକୁ ଯାନବାହନ ପ୍ରେରଣ କରି ଆଚାର୍ଯ୍ୟଙ୍କର ପତ୍ନୀ ଏବଂ ପୁତ୍ରକନ୍ୟାମାନଙ୍କୁ ନିଜ ରାଜଧାନୀକୁ ଅଣାଇ ବିପୁଳ ଧନରାଶି,

Digitized by srujanika@gmail.com

ଦାସଦାସୀ, ଗଜବାଜି ପ୍ରଭୃତି ଦେଇ ସୁଖରେ ରଖାଇଲେ । ସେହି ଜନଠା'ରୁ ମଧ୍ୟ ଅଗ୍ରଣୀଙ୍କୁ ପ୍ରଧାନ ମନ୍ତ୍ରପଦରେ ବରଣ କରି ତାଙ୍କର ସୁପରାମର୍ଶରେ ରାଜ୍ୟଶାସନ ପରିଚାଳନ କଲେ ।

ଗୁରୁ ଜ୍ଞାନଦାତା ଜୀବନ୍ତ ଦେବତା
କେ ବୁଝିବ ତାଙ୍କ ଉପକାର,
ଶାସନ ତାଙ୍କର ହେଲେହେଁ କଠୋର
ଅଟେ ଫଳ ତାର ସୁମଧୁର ।
ଯେ ବୁଝିଛି ଗୁରୁ ଯେ ପୂଜଛି ଗୁରୁ
ଧନ୍ୟ ଏ ଜଗତେ ତା ଜୀବନ,
ଗୁରୁପଦେ ନତ ରହୁଥାଉ ମତ
କର ଏ କାମନା ହେ ସୁଜନ ।

Digitized by srujanika@gmail.com

ଶୁକ ଜାତକ

ଏକଦା ବୋଧିସତ୍ତ୍ୱ ହିମବନ୍ତ ପ୍ରଦେଶରେ ଶୁକପକ୍ଷୀରୂପରେ ଜନ୍ମଗ୍ରହଣ କରିଥିଲେ । ସେ ନିଜ ପ୍ରଭାବରୁ ଉଡନ୍ତା ଶୁକମାନଙ୍କର ରାଜା ହୋଇଥିଲେ । ତାହାଙ୍କର ଗୋଟିଏ ମାତ୍ର ପୁତ୍ର ଥିଲା । ବୋଧିସତ୍ତ୍ୱ ବୃଦ୍ଧ ହୋଇ ଯିବାରୁ ତାହାଙ୍କର ଦୃଷ୍ଟିଶକ୍ତି ଦୁର୍ବଳ ହୋଇ ପଡ଼ିଲା । ସେ ଆଉ କୌଣସି ଆଡ଼େ ଯାଇଆସି ପାରିଲେ ନାହିଁ । ତାହାଙ୍କର ସେହି ଯୁବକ ପୁତ୍ର ଚାରିଆଡ଼େ ବୁଲି ବୃଦ୍ଧ ପିତାମାତାଙ୍କୁ ଆହାର ଯୋଗାଉଥିଲା । ଦିନେ ସେହି ଶୁକପୁତ୍ର ଗୋଟିଏ ପର୍ବତର ଶିଖର-ଦେଶରେ ଆହାର ସଂଗ୍ରହ କରୁ କରୁ ସମୁଦ୍ର ମଧ୍ୟରେ ଗୋଟିଏ ଦ୍ୱୀପ ଦେଖିଲା । ସେ ଦ୍ୱୀପରେ ସୁବର୍ଣ୍ଣବର୍ଣ୍ଣର ମଧୁର ଆମ୍ରଫଳ ପ୍ରଚୁର ଫଳିଥିଲା । ସେ ଦିନେ ସେଠାକୁ ଯାଇ ପୂର୍ଣ୍ଣ ଆମ୍ରରସ ପାନ କରି ପିତା-ମାତାଙ୍କ ନିମନ୍ତେ ସେଥିରୁ ଗୋଟିଏ ଆମ୍ବ ଚଞ୍ଚୁରେ ଧରି ଆସିଲା । ବୋଧିସତ୍ତ୍ୱ ଏହା ପୂର୍ବରୁ ସେ ଦ୍ୱୀପ ଦେଖିଥିଲେ ଏବଂ ସେ ଆମ୍ରରସ ପାନ କରିଥିଲେ । ତେଣୁ ପୁତ୍ର ଆଣିଥିବା ଆମ୍ର ଭକ୍ଷଣ କରି ପୁତ୍ରକୁ ପଚାରିଲେ —ବତ୍ସ ! ତୁ ଏ ଆମ୍ର କାହିଁ ଆଣିଲୁ ? ପୁତ୍ର ସେ ଦ୍ୱୀପର ନାମ କହିବାରୁ ସେ କହିଲେ—ଦେଖ, ଆଉ ଦିନେ ସେ ଦ୍ୱୀପକୁ ଯିବୁ ନାହିଁ । କାରଣ —ସେ ଦ୍ୱୀପକୁ ଯେ ଯାଏ, ସେ ବେଶିଦିନ ବଞ୍ଚେ ନାହିଁ । ପିତା ଏପରି ନିଷେଧ କଲେ ସତ୍ୟ, କିନ୍ତୁ ସେ ସେଥିପ୍ରତି ମନୋଯୋଗୀ ହେଲା ନାହିଁ ।

ଅନନ୍ତର ସେହି ଶୁକପୁତ୍ର ଦିନେ ପୁଣି ସେହି ଦ୍ୱୀପକୁ ଯାଇ ପ୍ରଚୁର ଆମ୍ରରସ ପାନ କଲା ଏବଂ ପିତାମାତାଙ୍କ ନିମନ୍ତେ ସେଥିରୁ ଗୋଟିଏ ଧରି ଫେରିଲା । ମାତ୍ର ଲୋଭରେ ବୁଡ଼ାଏ ଅମ୍ରରସ ପାନ କରିଥିବାରୁ ତାହାର ଦେହ ମନ୍ଥର ହେଲା ଏବଂ କ୍ଳାନ୍ତି ଯୋଗୁଁ ସେ ଗନ୍ତମାର୍ଗରେ ନିଦ୍ରାକ୍ରାନ୍ତ ହେଲା । ତଥାପି ସେ ସେହି ନିଦ୍ରିତାବସ୍ଥାରେ ଉଡ଼ିବାକୁ ଲାଗିଲା ।

Digitized by srujanika@gmail.com

ମାତ୍ର ଅଣୁଥିବା ଆମ୍ର ଫଳଟି ସମୁଦ୍ରରେ ପଡ଼ିଗଲା । ତତ୍ପରେ ସେ ସେହି ଫଳଲୋଭରେ ସମୁଦ୍ର ଜଳର ନିକଟବର୍ତ୍ତୀ ହୋଇ ଉଚ୍ଚ ଉଚ୍ଚ ସମୁଦ୍ରଜଳରେ ନିପତିତ ହୋଇ ସମୁଦ୍ରର ଗର୍ଭଗତ ହେଲେ । କେବଳ ସେତିକି ନୁହେ, ଗୋଟିଏ ବିରାଟ ସାମୁଦ୍ରିକ ମତ୍ସ୍ୟ ମଧ୍ୟ ତାହାଙ୍କୁ ଗର୍ଭସାତ୍ କଲା ।

ଏଣେ ବୋଧିସତ୍ତ୍ୱ ପୁଅର ଆଗମନରେ ବହୁତ ବିଳମ୍ବ ହେବାରୁ ଭାବି ସ୍ଥିର କଲେ—ପୁଅ ନିଶ୍ଚୟ ସେହି ବୃକ୍ଷକୁ ଯାଇଛି ଏବଂ ସମୁଦ୍ରରେ ପଡ଼ି ପ୍ରାଣ ହରାଇଛି । ପ୍ରକୃତରେ ତାହାହିଁ ହୋଇଥିବାରୁ ବୃଦ୍ଧ ଅସମର୍ଥ ପିତାମାତା ଦୁହେଁ ଆହାରର ଅଭାବରୁ ଶୀର୍ଣ୍ଣଶରୀର ହୋଇ ପ୍ରାଣତ୍ୟାଗ କଲେ ।

ଗୁରୁଜନ ବାଣୀ ଅଟେ ଦେବବାଣୀ
ଲଂଘଇ ଯେ ଜନ ଲଭେ ଦୁର୍ଗତି,
ସକଳ ସୌଭାଗ୍ୟ ଲଭେ ସେହି ଜନ
ପାଳଇ ଯେ ରଖି ଶ୍ରଦ୍ଧା ଭକତି ।
ରସନାଲାଲସା ତେଜେ ଯେଉଁ ଜନ
ଲୋଭରେ ନ ପଡ଼ି କରେ ଆହାର,
ମିତାହାରୀ ସେହି ଭୁଞ୍ଜେ ସ୍ୱର୍ଗସୁଖ
ସ୍ୱାସ୍ଥ୍ୟ ଶକ୍ତି ଯୋଗୁଁ ଉପାର୍ଜନ ।

ଆରାମଦୂଷ୍ ଜାତକ

କୌଣସି ଗ୍ରାମରେ ଗୋଟିଏ ବିଦ୍ୟାଳୟ ଥିଲା । ସେଥିରେ ଜଣେମାତ୍ର ଶିକ୍ଷକ ଥିଲେ । ଗ୍ରାମବାସୀ ଚରିଶ ଜଣ ଛାତ୍ର ସେ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ।

ବିଦ୍ୟାଳୟର ଗୋଟିଏ କ୍ଷୁଦ୍ର ଉଦ୍ୟାନ ଥିଲା । ଛାତ୍ରମାନେ ପ୍ରତ୍ୟହ ଶିକ୍ଷାଶେଷରେ ସେଥିରେ ବୃକ୍ଷରୋପଣ ଏବଂ ଜଳସେଚନ କରନ୍ତି । କିନ୍ତୁ ବାଳକଗୁଡ଼ିକ ଅତି ଅଳ୍ପବୟସ୍କ । ସେଥିରେ ମଧ୍ୟ ଗୁଡ଼ିଏ ଦୁଷ୍ଟ ନଷ୍ଟ ଥାନ୍ତି । ସୁତରାଂ ଉଦ୍ୟାନକାର୍ଯ୍ୟସମୟରେ ଶିକ୍ଷକ ସେଠାରେ ନିୟମିତ ଭାବରେ ଉପସ୍ଥିତ ରହନ୍ତି ।

ଦିନେ ଦୈବାତ୍ ଅତି ଆବଶ୍ୟକ କାର୍ଯ୍ୟ ଯୋଗୁଁ ଶିକ୍ଷକଙ୍କୁ ସ୍ଥାନାନ୍ତର ଯିବାକୁ ପଡ଼ିଲା । ସୁତରାଂ ଜଳସେଚନଭାର ଛାତ୍ରମାନଙ୍କ ଉପରେ ଦେଇ ସେ ସ୍ଥାନାନ୍ତର ଗଲେ ।

ଛାତ୍ରମାନେ ଯଥା ସମୟରେ ଉଦ୍ୟାନରେ ଉପସ୍ଥିତ ହୋଇ ବୃକ୍ଷ-ମାନଙ୍କରେ ଜଳ ଦେବାକୁ ପ୍ରସ୍ତୁତ ହେବାରେ ସେମାନଙ୍କ ମଧ୍ୟରୁ କୌଣସି ଧୂର୍ତ୍ତ ଛାତ୍ର କହିଲା—ଦେଖ, ସନ୍ଧ୍ୟା ହେବାକୁ ଆଉ ଅଳ୍ପ ସମୟ ଅଛି, ନ ବୁଝି ନ ଶୁଝି ପ୍ରତି ଗଛରେ ଗୁଡ଼ାଏ ଜଳ ଦେଲେ କାମ ସରିବ ନାହିଁ, କି ବେଳ ଅଣ୍ଟିବ ନାହିଁ । ତେଣୁ ସବୁ ଗଛମୂଳ ଖୋଳି କରି ଦେଖ—କାହା ଚେର କେତେ ଦୂର ଯାଇଛି । ତାହା ଜାଣି ପାରିଲେ ଯେଉଁ ଗଛରେ ଯେତେ ପାଣି ଦେବାର କଥା, ସେଥିରେ ତେତେ ପାଣି ଦେବା । ଏଥିରେ ସମସ୍ତେ ଏକମତ ହୋଇ ପ୍ରଥମେ ପ୍ରତିଗଛର ମୂଳ ଖୋଳି ସାନ ବଡ଼ ଚେର ନିରୂପଣ କରିବାକୁ ଲାଗିଲେ । ତାହାପରେ ଚେର ଅନୁସାରେ ଅଳ୍ପ ବହୁତ ପାଣି ଦେଇ ନିଜ ନିଜ ଘରକୁ ଗଲେ ।

ପାଣି ଦେଲେ କଣ ହେବ ? ଚେର ଖୋଳିଲେ କି ଗଛ ବଞ୍ଚେ ? କାର୍ଯ୍ୟତଃ ସେହି ରାତିରେ ଉଦ୍ୟାନର ସବୁ ଗଛ ଝାଉଁଳି ପଡ଼ିଲା ।

Digitized by srujanika@gmail.com

ସକାଳେ ବିଦ୍ୟାଳୟ ଖୋଲା ହେଲା । ଶିକ୍ଷକ ଓ ଛାତ୍ରମାନେ ଆସିଲେ । ଉଦ୍ୟାନ ଦେଖିଲା ବେଳକୁ ସମସ୍ତ ଗଛ ଝାଉଁଳି ମରି ଯାଇଛି । ଶିକ୍ଷକ ତାହାର କାରଣ ଅନୁସନ୍ଧାନ କରିବାରେ ସେହି ଧୂର୍ତ୍ତ ବାଳକର ମନ୍ଦବୁଦ୍ଧି ଧରା ପଡ଼ିଲା । ଶିକ୍ଷକ ଏହା ଜାଣି ବ୍ୟସ୍ତ ହୋଇ କହିଲେ—

ବଡ଼ ବୋଲି ଯା ବୁଦ୍ଧିରେ କଲୁ ଏ ଘଟଣା,
ଦେଖୁଛୁ ତ ତା ବୁଦ୍ଧିରେ ସର୍ବନାଶ କିନା !
ଏଥିରୁ ବୁଝିବ ତୁମ୍ଭେ ଶ୍ରେଷ୍ଠ ବୁଦ୍ଧିବଳେ,
କାର୍ଯ୍ୟ କଲେ କାର୍ଯ୍ୟସେତେ ହବା ଫଳ ଫଳେ ।

ଏହା ଶୁଣି ଧୂର୍ତ୍ତ ଛାତ୍ର କହନ୍ତି—

ନ ବୁଝି ଦେଉଛ କିପାଁ ବୃଥା ଅପମାନ,
ତୁମ୍ଭେ ମୁଁ ନିର୍ବୁଦ୍ଧି, ନିଶ୍ଚେ ଅଟେ ବୁଦ୍ଧିମାନ ।
ନ ଦେଖି ବୃକ୍ଷର ମୂଳ କିଏ ପାରେ ଜାଣି ?
କେଉଁ ବୃକ୍ଷେ ଲାଗିପାରେ ଏଥି କେତେ ପାଣି ।

ଶିକ୍ଷକ ପୁଣି କହିଲେ—

ଦୁଷ୍ଟବୁଦ୍ଧି ଯୋଗେ ଦୁଃଖୀ ଅଟୁ ତୁ ବାଳକ,
ନ ଛାଡ଼ିଲେ ସେ ବୁଦ୍ଧି ତୁ ନ ପାଇବୁ ସୁଖ ।
ତୋ ଯୋଗେ ବିନଷ୍ଟ ହେବେ କେତେ ସୁକୁମାର,
ଛାଡ଼ ସେ ଦୁର୍ବୁଦ୍ଧି, ଗୁରୁବାକ୍ୟ ଅନୁସର ।

Digitized by srujanika@gmail.com

ମଣିଶୂକର ଜାତକ

ଏକଦା ବୋଧିସତ୍ତ୍ୱ କୌଣସି ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିଲେ । ବୟଃପ୍ରାପ୍ତି ପରେ ତାହାଙ୍କର ଜ୍ଞାନ ହେଲା ଯେ ବାସନା ହିଁ ସମସ୍ତ ଦୁଃଖର କାରଣ । ସୁତରାଂ ସେ ସଂସାରତ୍ୟାଗ କରି ହିମାଳୟ ପ୍ରସ୍ଥାନ କଲେ ଏବଂ ସେଠାରେ ତିନୋଟି ପର୍ବତଶ୍ରେଣୀ ଅତିକ୍ରମ କରି କୌଣସି ସ୍ଥାନରେ ଗୋଟିଏ ପର୍ଣ୍ଣଶାଳା ନିର୍ମାଣ କରି ସେଥିରେ ବାସ କଲେ ।

ସେହି ପର୍ଣ୍ଣଶାଳାର ଅଦୂରରେ ଗୋଟିଏ ମଣିଗୁହାରେ ତିରିଶ ଗୋଟି ଶୂକର ବାସ କରୁଥିଲେ । ସେହି ଗୁହାର ନିକଟରେ ପ୍ରତ୍ୟହ ଗୋଟିଏ ସିଂହ ବିଚରଣ କରେ । ବିଚରଣ କଲାବେଳେ ତାହାର ପ୍ରତିବିମ୍ବ ସେହି ମଣିଗୁହାର ଚତୁର୍ଦ୍ଦିଗରେ ପ୍ରତିଫଳିତ ହୁଏ । ଶୂକରମାନେ ସେହି ପ୍ରତିବିମ୍ବମାନ ଦେଖି ସର୍ବଦା ଭୟବିହ୍ୱଳ ହେଲେ । ଅତ୍ୟନ୍ତ ଭୟ ହେତୁରୁ ସେମାନେ କ୍ରମଶଃ ଶୀର୍ଣ୍ଣ ଏବଂ ଦୁର୍ବଳ ହୋଇପଡ଼ିଲେ । ସେମାନେ ସେହି ଭୟରୁ ଉଦ୍ଧାର ପାଇବା ନିମନ୍ତେ ନିକଟବର୍ତ୍ତୀ ଜଳାଶୟରୁ କର୍ଦ୍ଦମ ଆଣି ମଣିଗୁହାମାନଙ୍କରେ ଘର୍ଷଣ କଲେ । ଶୂକରମାନଙ୍କର ଲୋମ କର୍କଶ ; ସୁତରାଂ ତାହା ଅଳଂକାର ପ୍ରଭୃତି ପରିଷ୍କାର କରିବାରେ ବ୍ୟବହୃତ ହୋଇଥାଏ । ମଣିମାନ ସେହି କର୍କଶ ଲୋମରେ ଘର୍ଷିତ ହେବାରେ ଅଧିକ ନିର୍ମଳ ଏବଂ ତେଜସ୍ୱର ହେଲା । ସୁତରାଂ ସିଂହର ପ୍ରତିବିମ୍ବ ପୂର୍ବାପେକ୍ଷା ଅଧିକ ସ୍ପଷ୍ଟ ହେଲା । ଏଥିରେ ସେମାନେ ନିରୁପାୟ ହୋଇ ତପସ୍ୱୀ ବୋଧିସତ୍ତ୍ୱଙ୍କ ନିକଟକୁ ଯାଇ କହିଲେ—

ତ୍ରିଂଶତ ଶୂକର ଅମ୍ଭେ ସପ୍ତ ବର୍ଷକାଳ
ଅଛୁଁ ଏହି ଗୁହାମଧ୍ୟେ, ବାସନା ଅମ୍ଭର—

Digitized by srujanika@gmail.com

ଉଜ୍ଜ୍ୱଳ ମଣିର ଅଭା କରିବାକୁ ନାଶ
ଲେପିଲୁ କର୍ଦ୍ଦମ ତହିଁ ଲଭି ବହୁ କ୍ଳେଶ ।
ଫଳେ ହେଲା—ମଣିପ୍ରଭା ଘର୍ଷଣେ ଅମ୍ଭର
ଦ୍ୱିଗୁଣିତ ଦିବ୍ୟ ତେଜେ ହୋଇ ସମୁଜ୍ଜ୍ୱଳ,
କି ଉପାୟେ କହ ପ୍ରଭୋ ! ହେବ ସେ ମଳିନ,
କର ଯୋଡ଼ି ଆମ୍ଭେ ସର୍ବେ କରୁ ନିବେଦନ ।

ଏହା ଶୁଣି ବୋଧିସତ୍ତ୍ୱ କହିଲେ—

ପ୍ରକୃତି ସୃଜିଛି ସେହି ଇନ୍ଦ୍ର ନୀଳମଣି,
ନୁହେ ସେ ସାମାନ୍ୟ, ବଳେ ଅଦ୍ଭୁତ କରଣୀ !
ଯୁଗେ ଯୁଗେ ଦ୍ୱିଗୁଣିବ ତା ବିମଳ କାନ୍ତି,
ଛାଡ଼ିବାକୁ ଏ ସଂସାରେ ନାହିଁ କାର ଶକ୍ତି ।
ପ୍ରକୃତି ବିରୋଧେ କେହୁ ହୋଇ ନାହିଁ ଜୟୀ,
ଛାଡ଼ି ସେ ପ୍ରୟାସ ବାସ କର ଅନ୍ୟ ଠାଇଁ ।

ଶୂକରମାନେ ବୋଧିସତ୍ତ୍ୱଙ୍କ ଠାରୁ ତତ୍ତ୍ୱକଥା ଶୁଣି ନିରାଶ ହେଲେ ଏବଂ ସେ ମଣିଗୁମ୍ଫା ତ୍ୟାଗ କରି ଅନ୍ୟତ୍ର ବାସ କଲେ । ବୋଧିସତ୍ତ୍ୱ ବହୁକାଳ ସେଠାରେ ଧ୍ୟାନମଗ୍ନ ହୋଇ ଦେହାନ୍ତେ ବ୍ରହ୍ମଲୋକକୁ ଗମନ କଲେ ।

ପ୍ରକୃତି ଯାହାକୁ ଯେପରି ସୃଷ୍ଟି କରିଅଛି, ତାହାକୁ ଅନ୍ୟଥା କରିବା କାହାରି ସାଧ୍ୟ ନୁହେ । ଅଜ୍ଞ ଲୋକମାନେ ଅସନ୍ତୁଷ୍ଟିଭାବ ବଶବର୍ତ୍ତୀ ହୋଇ ଅଥବା ଅହଙ୍କାରରେ ବିବେକଶୂନ୍ୟ ହୋଇ ଶୂକରମାନଙ୍କ ପରି ପ୍ରୟାସ କରିଥାନ୍ତି । କିନ୍ତୁ ଫଳତଃ ସେ ପ୍ରୟାସ ପଣ୍ଡ ହୁଏ ଏବଂ ସେମାନେ ଉପହାସାସ୍ପଦ ହୁଅନ୍ତି ।

Digitized by srujanika@gmail.com

ନାମସିଦ୍ଧିକ ଜାତକ

ପୁରାକାଳରେ ବୋଧିସତ୍ତ୍ୱ ତକ୍ଷଶିଳାରେ ଜଣେ ସୁବିଖ୍ୟାତ ଆଚାର୍ଯ୍ୟ ହୋଇଥିଲେ । ପାଞ୍ଚଶତ ବ୍ରାହ୍ମଣବାଳକ ତାହାଙ୍କ ନିକଟରେ ରହି ଅଧ୍ୟୟନ କରୁଥିଲେ । ସେମାନଙ୍କ ମଧ୍ୟରେ ପାପକ ନାମରେ ଜଣେ ଶିଷ୍ୟ ଥିଲା । ଅପରାପର ଛାତ୍ର, ସ୍ୱୟଂ ଆଚାର୍ଯ୍ୟ ମଧ୍ୟ ତାହାକୁ ସେହି ପାପକ ବୋଲି ଡାକୁଥିଲେ । ଶିଷ୍ୟମାନଙ୍କ ମଧ୍ୟରେ ଏପରି ଅଶୁଭ ନାମ କାହାରି ନ ଥିଲା । ପାପକ ନିଜ ନାମକୁ ଅସୁନ୍ଦର ଏବଂ ଅଶୁଭଙ୍କର ମନେ କରି ଦିନେ ଆଚାର୍ଯ୍ୟଙ୍କୁ କହିଲା—ଗୁରୁଦେବ ! ମୋର ନାମଟି ଅମଙ୍ଗଳସୂଚକ ହୋଇଅଛି । ଆପଣ ତାହା ପରିବର୍ତ୍ତିରେ ଗୋଟିଏ ସୁନ୍ଦର ନାମକରଣ କରନ୍ତୁ । ଆଚାର୍ଯ୍ୟ କହିଲେ—ଯେବେ ତୁମ୍ଭ ନାମ ତୁମ୍ଭଙ୍କୁ ଅରୁଚିକର ବୋଧ ହେଉଅଛି, ତେବେ ତୁମ୍ଭେ କେତେ ଗୁଡ଼ିଏ ଗ୍ରାମ ବିଚରଣ କରି ତୁମ୍ଭର ରୁଚି ଅନୁରୂପ ନାମଟିଏ ନିର୍ବାଚନ କରି ଆସ । ତାହାପରେ ତୁମ୍ଭର ରୁଚିଅନୁରୂପ ନାମ ପରିବର୍ତ୍ତିତ କରାଯିବ ।

ପାପକ ଗୁରୁଦେବଙ୍କର ଆଦେଶାନୁସାରେ ନାନା ଗ୍ରାମ ଭ୍ରମଣ କରୁ କରୁ ଗୋଟିଏ ଗ୍ରାମରେ ଦେଖିଲା—କେତେ ଗୁଡ଼ିଏ ଲୋକ ଗୋଟିଏ ଶବକୁ ସତ୍କାର ନିମନ୍ତେ ଶ୍ମଶାନକୁ ନେଉଅଛନ୍ତି । ପାପକ ଏହା ଦେଖି ସେହି ମୃତ ଲୋକର ଆତ୍ମୀୟମାନଙ୍କୁ ପଚାରିଲା—ଏ ମୃତ ବ୍ୟକ୍ତିର କି ନାମ ଥିଲା ? ସେମାନେ କହିଲେ—ତାହାର ନାମ ଜୀବକ । ସେ ଏହି ଜୀବକ ନାମ ଶୁଣି ଚମକି ପଡ଼ି କହିଲା—କଣ ? ଯାହାର ନାମ ଜୀବକ, ତାହାର ମୃତ୍ୟୁ କିପରି ହେଲା ? ସେମାନେ କହିଲେ—ସଂସାରରେ ଜୀବକ ମରେ, ଅଜୀବକ ମଧ୍ୟ ମରେ । ବଞ୍ଚିବା ମରିବା ନାମ ଉପରେ ନିର୍ଭର କରେ ନାହିଁ । ନାମ କେବଳ କୌଣସି ବସ୍ତୁ ବା ବ୍ୟକ୍ତିକୁ ଚିହ୍ନାଇଦେବାର ସଙ୍କେତ ମାତ୍ର । ବଡ଼ ଆଶ୍ଚର୍ଯ୍ୟ କଥା—ଏ ପର୍ଯ୍ୟନ୍ତ ତୁମ୍ଭର ଏ ସାମାନ୍ୟ ଜ୍ଞାନ ହୋଇ ନାହିଁ !

Digitized by srujanika@gmail.com

ପାପକ ଏହି କଥା ଶୁଣିବାରେ ତାହାର ନିଜ ନାମ ବିଷୟରେ ଯେଉଁ ଆବେଗ ଉପସ୍ଥିତ ହୋଇଥିଲା, ତାହା ଊଣା ହୋଇ ଆସିଲା ; ମାତ୍ର ସମ୍ପୂର୍ଣ୍ଣ ନିର୍ମୂଳ ନ ହେବାରୁ ସେ ଆହୁରି ଭ୍ରମଣ କଲା । ସେ ଗୋଟିଏ ଗ୍ରାମରେ ଦେଖିଲା—ଦୈନିକ ଧନୋପାର୍ଜନ କରି ନ ପାରିବାରୁ ଗୋଟିଏ କ୍ରୀତଦାସକୁ ତାହାର ପ୍ରଭୁ ତିରସ୍କାର ଏବଂ ପ୍ରହାର କରୁଅଛି । ପାପକ ଏହା ଦେଖି ପଚାରିଲା—ଏହା ଉପରେ କାହିଁକି ପ୍ରହାର ହେଉଅଛି ? ସେ ପ୍ରଭୁ କହିଲା—ଏ କ୍ରୀତଦାସ, ଆଜି ଦିନରେ କିଛିମାତ୍ର ଉପାର୍ଜ୍ଜନ କରି ପାରି ନାହିଁ । ତାହାପରେ ସେ ପଚାରିଲା—ଆଚ୍ଛା, ଏହାର ନାମ କଅଣ ? ସେ କହିଲା—ଏହାର ନାମ ଧନପାଳୀ । ପାପକ ଏହି ଧନପାଳୀ ନାମ ଶୁଣି ବିସ୍ମିତ ହୋଇ କହିଲା—କି ଆଶ୍ଚର୍ଯ୍ୟ କଥା, ଯାହାର ନାମ ଧନପାଳୀ, ତାହାର କିପରି ଧନର ଅଭାବ ହେଲା ? ସେ ପ୍ରଭୁ କହିଲା—ଏଥିରେ ବିସ୍ମିତ ହେବାର କାରଣ କିଛି ନାହିଁ । ତେବେ ଯାହାର ନାମ ରାଜା, ସେ କଣ ରାଜା ହୋଇଯିବ ? ନାମ ଧନପାଳୀ ହେଉ ବା ଅଧନପାଳୀ ହେଉ, ତାହା ସଙ୍ଗେ ଧନର କିଛି ସମ୍ପର୍କ ନାହିଁ । କର୍ମ ଅନୁସାରେ ଫଳ ଭୋଗିବାକୁ ହୁଏ । ଲୋକ ଚିହ୍ନିବା ପାଇଁ ନାମ ଗୋଟିଏ ସଙ୍କେତ ମାତ୍ର । ଏହି ସାମାନ୍ୟ କଥା ତୁମ୍ଭେ ଆଜି-ଯାଏ ବୁଝି ନାହିଁ ?

ଦ୍ୱିତୀୟ ଘଟନାରେ ପାପକର ନିଜ ନାମ ପ୍ରତି ଘୃଣା ଆହୁରି ଦୂର ହୋଇଗଲା । ତଥାପି ସେ ଆହୁରି ଅନେକ ଗ୍ରାମ ଭ୍ରମଣ କଲା । ସେ ଦେଖିଲା—ଜଣେ ଲୋକ ପଥଭ୍ରାନ୍ତ ହୋଇ ବ୍ୟାକୁଳ ହେଉଅଛି । ତାହାକୁ ବ୍ୟାକୁଳତାର କାରଣ ପଚାରିବାରୁ ସେ କହିଲା—ମୁଁ ପଥଭ୍ରାନ୍ତ । ତତ୍ପରେ ପାପକ ପଚାରିଲା—ତୁମ୍ଭର ନାମ ? ସେ କହିଲା—ମୋର ନାମ ପନ୍ଥକ । ଏହା ଶୁଣି ପାପକ ବିସ୍ମିତ ହୋଇ କହିଲା—ଏ କିପରି କଥା ? ଯାହାର ନାମ ପନ୍ଥକ, ସେ କିପରି ପଥଭ୍ରାନ୍ତ ହୋଇ ପାରେ ? ପନ୍ଥକ କହିଲା—ବତ୍ସ ! ତୁମ୍ଭର ବୟସ ଅଳ୍ପ, ସଂସାର ସମ୍ବନ୍ଧେ ଅଭିଜ୍ଞତା ହୋଇ ନାହିଁ । ଏବେ ମନେ ରଖ, ଲୋକର ନାମ ପନ୍ଥକ ହେଉ ବା

Digitized by srujanika@gmail.com

ଅପନ୍ଥକ ହେଉ, ତାହା ସଙ୍ଗେ ପଥଭ୍ରାନ୍ତର କୌଣସି ସମ୍ପର୍କ ନାହିଁ । ଅପନ୍ଥକର ପଥଭ୍ରାନ୍ତ ହୁଏ, ପନ୍ଥକର ମଧ୍ୟ ପଥଭ୍ରାନ୍ତ ହୁଏ ।

ଉକ୍ତ ଘଟଣା ପରେ ପାପକର ନିଜ ନାମ ପ୍ରତି ଆଉ ଘୃଣା ରହିଲା ନାହିଁ । ସୁତରାଂ ସେ ଅନ୍ୟତ୍ର ନ ଯାଇ ଗୁରୁଦେବଙ୍କ ନିକଟକୁ ଯାଇ ଜଣାଇଲା—ପ୍ରଭୋ ! ବୁଝିଲି—ଯାହାର ନାମ ଜୀବକ, ସେ ମରେ, ଅଜୀବକ ମଧ୍ୟ ମରେ, ଧନପାଳୀ ଦରିଦ୍ର ହୁଏ, ଅଧନପାଳୀ ମଧ୍ୟ ଦରିଦ୍ର ହୁଏ । ପନ୍ଥକ ପଥଭ୍ରାନ୍ତ ହୁଏ, ଅପନ୍ଥକ ମଧ୍ୟ ପଥଭ୍ରାନ୍ତ ହୁଏ । ଫଳତଃ ନାମରେ ସେପରି କୌଣସି ଫଳ ହୁଏ ନାହିଁ । ନାମ କେବଳ ବ୍ୟକ୍ତି-ଜ୍ଞାନସୂଚକ, କର୍ମହିଁ ସକଳ ସିଦ୍ଧିର ନିଦାନ । ଅତଏବ ମୋର ନାମ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

ବୋଧିସତ୍ତ୍ୱ ନିଜ ନିରୂପିତ ଉପାୟରେ ଶିଷ୍ୟର ଜ୍ଞାନୋଦୟ ହେବା ଜାଣି ଆହ୍ଲାଦିତ ହୋଇ କହିଲେ—ଏବେ ଦୃଢ଼ ଭାବରେ ମନେ ରଖ—

ଦେଖିଲୁ ଜୀବକ ଲଭିଲା ମରଣ,
ଧନପାଳୀ ବୁଣି ନ ପାଉଛି ଧନ,
ପନ୍ଥକ ଯାହାର ହୋଇଅଛି ନାମ,
ବଣେ ଛି ଦେଖିଲୁ ତାର ପଥଭ୍ରମ ।
ନାମେ ନାହିଁ ଫଳ ଜାଣ ଏ କେବଳ,
କର୍ମବୃକ୍ଷେ ଫଳେ ମହାସିଦ୍ଧି ଫଳ ।

———

Digitized by srujanika@gmail.com

ବଣ୍ଡି କଥା ୭

ଅନେକ ଦିନ ପୂର୍ବେ ବୋଧିସତ୍ତ୍ୱ ବାରଣସୀରାଜ ବ୍ରହ୍ମଦତ୍ତଙ୍କ ପୁତ୍ରରୂପେ ଜାତ ହୋଇଥିଲେ । ସେତେବେଳେ ତାଙ୍କର ନାମ ଥିଲା—ବ୍ରହ୍ମଦତ୍ତକୁମାର । ନାନା ବିଧ ସତ୍‌କାର୍ଯ୍ୟଦ୍ୱାରା ସେ ପ୍ରଜାଙ୍କ ମନରେ ନିଜର ଆସନ ସୁପ୍ରତିଷ୍ଠିତ କରି ପାରିଥିଲେ ଓ ପ୍ରଜାମାନେ ମଧ୍ୟ ତାଙ୍କୁ ଯଥେଷ୍ଟ ସମ୍ମାନ ଏବଂ ଭକ୍ତିପ୍ରଦର୍ଶନ କରୁଥିଲେ । ପିତାଙ୍କର ମୃତ୍ୟୁପରେ ବ୍ରହ୍ମଦତ୍ତକୁମାର ବାରାଣସୀ ରାଜ୍ୟର ଅଧୀଶ୍ୱରରୂପେ ସିଂହାସନାରୂଢ଼ ହେଲେ । ସେତେବେଳେ ମଧ୍ୟ ସେ ନିରଳସଭାବରେ ପ୍ରଜାମାନଙ୍କର ହିତସାଧନରେ ବ୍ୟାପୃତ ଥିଲେ । ପୁଣି ଅନେକ ସମୟରେ ସେମାନଙ୍କର ଅଭାବ ଅଭିଯୋଗମାନ ଜାଣିବା ନିମନ୍ତେ ସେ ସାଧାରଣ ବେଶ ଧାରଣ କରି ଗୋପନରେ ରାଜ୍ୟପରିକ୍ରମାରେ ବାହାରିତ ହେଉଥିଲେ । ଦିନେ ଏହିପରି ଭାବରେ ନିଜ ରାଜ୍ୟର ଜନ୍ମଭୂମିରେ ଗୋଟିଏ ସଙ୍କୀର୍ଣ୍ଣ ମାର୍ଗରେ ତାଙ୍କର ରଥ କୋଶଳରାଜାଙ୍କ ରଥର ସମ୍ମୁଖୀନ ହେଲା । ମାର୍ଗଟି ଅତି ସଙ୍କୀର୍ଣ୍ଣ । ଦୁଇଗୋଟି ରଥ ଏକ ସମୟରେ ସେଥିରେ ଯାତାୟାତ କରିବା ଅସମ୍ଭବ । ଏଣୁ ଜଣେ କେହି ନିଜର ରଥ ଫେରାଇ ଅନ୍ୟର ରଥ ଅଗ୍ରସର କରାଇଦେବାର ସୁବିଧା କରିଦେବା ପ୍ରୟୋଜନ । କିନ୍ତୁ କୋଶଳରାଜ ଓ ବାରଣସୀରାଜ ଉଭୟେ ବିଶାଳ ରାଜ୍ୟର ରାଜା ; ତେଣୁ ନିଜ ରାଜ୍ୟର ସମ୍ମାନରକ୍ଷା କରିବା ନିମନ୍ତେ ସାରଥିମାନେ ରଥ ଫେରାଇବାକୁ ଅନିଚ୍ଛୁକ । ତାଙ୍କର ଧାରଣା ଯେ—ଯାହାର ସମ୍ମାନ ଅଧିକ, ତାହାର ରଥ ପ୍ରଥମେ ସେହି ମାର୍ଗରେ ଯିବ, ଅନ୍ୟ ରଥଟି ଫେରାଇ ମାର୍ଗ ପରିଷ୍କାର କରିବାକୁ ହେବ । ତେଣୁ ଉଭୟ ରଥର ସାରଥି ନିଜ ନିଜ ରାଜ୍ୟର ଓ ରାଜାଙ୍କର ପରିଚୟ ଦେଇ କାହାର ସମ୍ମାନ ଅଧିକ, ତାହା ନିରୂପଣ କରିବାରେ ପ୍ରବୃତ୍ତ ହେଲେ ।

ସମ୍ମାନର ଅଧିକ୍ୟ ସାଧାରଣତଃ ବୟସ, ବିଦ୍ୟା, ଅର୍ଥ, ସାମର୍ଥ୍ୟ ରାଜ୍ୟର ବିସ୍ତୃତି, ରାଜାଙ୍କର ଗୁଣାବଳୀ ଉପରେ ନିର୍ଭର କରେ । ତେଣୁ

Digitized by srujanika@gmail.com

ଉଭୟ ସାରଥି ଏସବୁର ବିଗ୍ରହ କରିବାକୁ ଲାଗିଲେ। କିନ୍ତୁ ଦେଖା ଗଲା—ଉଭୟ ରାଜାଙ୍କର ବୟସ ସମାନ, ଉଭୟେ ତୁଲ୍ୟ ବିଦ୍ୱାନ୍, ଉଭୟଙ୍କ ଧନର ପରିମାଣ ଓ ରାଜ୍ୟର ଅୟତନ ମଧ୍ୟ ସମାନ। ଅତଏବ କେହି କାହାରିକି ଊଣା ନୁହନ୍ତି।

ଶେଷରେ ବାରାଣସୀରାଜାଙ୍କର ସାରଥି ପଚାରିଲେ—ଆଚ୍ଛା, କୋଶଳରାଜାଙ୍କର ଗୁଣସବୁ ବର୍ଣ୍ଣନ କର।

କୋଶଳ ରାଜାଙ୍କର ସାରଥି ଉତ୍ତରରେ କହିଲେ—ମୁଁ ରାଜାଙ୍କର ଗୁଣର ପରିମାଣ କଣ ଦେଇ ପାରେ ? ତେବେ କୋଶଳରାଜ ଶୀଳବାନ୍, ସେ କଠୋର ଲୋକ ପ୍ରତି କଠୋର, କୋମଳ ଲୋକ ପ୍ରତି କୋମଳ, ସାଧୁ ଲୋକଙ୍କ ସଙ୍ଗେ ସାଧୁ ବ୍ୟବହାର କରନ୍ତି ଏବଂ ଶଠ ପ୍ରତି ଶଠତା କରନ୍ତି। ଏଣୁ ସମସ୍ତେ ତାଙ୍କ ଗୁଣରେ ମୁଗ୍ଧ ହୋଇ ତାଙ୍କୁ ଅତିଶୟ ସମ୍ମାନ ଦେଖାଇଥାନ୍ତି। ତାଙ୍କର ତେଜରେ ଶତ୍ରୁମାନେ ପରାଜିତ, ପରାକ୍ରମରେ ବହୁରାଜ୍ୟ ବିଜିତ ଓ କଠୋର ଶାସନରେ ପ୍ରଜାମାନେ ବଶୀଭୂତ।

ବାରଣସୀରାଜାଙ୍କ ସାରଥି ପଚାରିଲେ—ଯଦି ଏ ସମସ୍ତ ରାଜାଙ୍କର ଗୁଣ ହୁଏ, ତେବେ ଦୋଷ କାହାକୁ କହିବା ?

ଏ କଥାରେ କୋଶଳରାଜ ବିସ୍ମିତ ହୋଇ କହିଲେ ଯେ ଏସବୁରେ ଦୋଷ କଣ ଅଛି ? ଆଉ ଏସବୁ ଯଦି ଦୋଷ ହୁଏ, ତେବେ ତୁମ୍ଭ ରାଜାଙ୍କର ଗୁଣ କଣ, କହ।

ତେଣୁ ବାରାଣସୀରାଜାଙ୍କର ସାରଥି ନିଜ ରାଜାଙ୍କର ଗୁଣ ନିମ୍ନଲିଖିତ ଗାଥାରେ ବର୍ଣ୍ଣନା କଲେ :—

ଅକ୍ରୋଧନ ଦ୍ୱାରା ଶାସନ୍ତି କ୍ରୋଧୀଙ୍କୁ, ସାଧୁତାରେ ଅସାଧୁଙ୍କୁ,
ନିଜ ଦାନଦ୍ୱାର ମଧ୍ୟ ଇ ଦିଅନ୍ତି ଦାନକୁ ସେ କୃପଣଙ୍କୁ।
ବିନମ୍ର ବଚନେ ଜଗତ ଜିଣନ୍ତି, ରାଜ୍ୟଧନେ ନାହିଁ ଆଶ,
ସେବା ମୂଲ୍ୟେ କାଣ୍ଡ ହୃଦୟ ସବୁଙ୍କ ପ୍ରଜା ହୁଅନ୍ତି ତୁଷ୍ଟ ବଶ।

Digitized by srujanika@gmail.com

ସତ୍ୟର ପ୍ରଭାବେ ମିଥ୍ୟା ଖଣ୍ଡନ୍ତି, ବନସ୍ପୃର ଅବତାର
ସମ୍ମାନେ ତାଙ୍କର ବାଟ ଛାଡ଼ ଭାଇ କହନ୍ତି ଗୁଣର ସାର ।

ଏହା ଶୁଣି କୋଶଳରାଜ ନିଜର ରଥ ଫେରାଇ ନେଇ ବାରାଣସୀ ରାଜାଙ୍କୁ ବାଟ ଛାଡ଼ି ଦେଲେ ।

ସ ମ୍ପୂ ର୍ଣ୍ଣ

ମହାରାଜା ଶ୍ରୀରାମଚନ୍ଦ୍ର ଉତ୍କଳ ୟୁନିଭର୍ସିଟି ପ୍ରେସରେ ଶ୍ରୀ ପଦ୍ମଚରଣ
ଦାଶଙ୍କ ଦ୍ୱାରା ମୁଦ୍ରିତ—୧୯୫୨

Digitized by srujanika@gmail.com

ମୁଦ୍ରାକର

ଶ୍ରୀ ପଦ୍ମଚରଣ ଦାଶ,

ମହାରାଜା ଶ୍ରୀରାମଚନ୍ଦ୍ର

ଉତ୍କଳ ୟୁନିଭର୍ସିଟି ପ୍ରେସ, କଟକ

Digitized by srujanika@gmail.com